ADVERTISEMENT.

Wanted a Head Master strong in English on Rs. 70 and a Third Master on Rs. 40. None but graduates need apply. Preference will be given to Uria knowing gentlemen. Climate good, living cheap. Selected candidates will have to stick to the posts for 2 years at least. Apply to the Secretary Kendrapara H. E. School Committee before the 11th July.

Nobinkrishna Mitra
*Assistant Secretary*
Kendrapara, H. School

# ବିଜ୍ଞାପନ ।

# ହରିବଂଶ
# ମହାଭାରତାନ୍ତର୍ଗତ
# ଖିଲ ହରିବଂଶ ପର୍ବ ।

ଅତି ଉତ୍କୃଷ୍ଟ ପୁସ୍ତକ ।

ଏହା ମୂଳ ସଂସ୍କୃତରୁ ଶ୍ରୀଯୁକ୍ତ ଫକୀରମୋହନ ସେନାପତିଙ୍କଦ୍ୱାରା ସରଳ ସୁଲଲିତ ପଦ୍ୟରେ ଅନୁବାଦିତ, ମୂଲ୍ୟ ଡୁକ୍‌ମାଶୁଲ ସମେତ ୧ ଟ।। ଭାକମାସୁଲ ସମେତ କଟକ ଟ୍ରେଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରି ହେଉଅଛି ।

ଏହି ସହର ମଧ୍ୟରେ ଯେଉଁମାନେ ପାଠଶାଳା ନିର୍ମାଣ କରୁଅଛନ୍ତି, ସେମାନେ ସ୍ୱାସ୍ଥ୍ୟରକ୍ଷାର ଉଚିତ ନିୟମାନୁସାରେ ପାଠଶାଳା ପ୍ରସ୍ତୁତ ନ କରି ଯୋଡ଼ିଏ ପଥର ବା ଇଟା ଉପରେ ବସି ଝାଡ଼ା ଫେରନ୍ତି ଓ ତହିଁରେ ମଳ ମୂତ୍ର ମୃତ୍ତିକା ଉପରେ ପଡ଼ି ତାହା ପ୍ରକାର ଅପରିଷ୍କାର ହୁଏ । ଏହା ନିବାରଣ କରିବା ନିମିତ୍ତ ସ୍ୱାସ୍ଥ୍ୟକମିଶନର ଶାହେବ ମହୋଦୟ ଏକ ପ୍ରକାର ଆସନ ପ୍ରସ୍ତୁତ କରିଅଛନ୍ତି ଯେ, ତାହା ସ୍ୱାସ୍ଥ୍ୟ ଏବଂ ପାଠଶାଳାର କାର୍ଯ୍ୟ ପ୍ରତି ବିଶେଷ ଉପଯୋଗୀ । ସର୍ବ ସାଧାରଣଙ୍କର ପରୀକ୍ଷା ନିମନ୍ତେ ଏଥିରୁ ଗୋ ୧୬ ଟି ଅଣା ଯାଇ ବର୍ତ୍ତମାନ ମ୍ୟୁନିସିପାଲିଟୀର ଦପ୍ତରରେ ରଖା ଯାଇଅଛି । ଅତଏବ ଏତଦ୍ୱାରା ସର୍ବ ସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ତାହାକୁ ପରୀକ୍ଷା କରି ଆପଣା ପାଠଶାଳାମାନଙ୍କରେ ବ୍ୟବହାର କରିବାକୁ ସହଚାର ହେବେ । କୌଣସି ଲୋକ ଇଚ୍ଛା କଲେ ଆମ୍ଭେମାନେ ତାହା ଆଣାଇଦେବୁଁ । ପ୍ରତି ଆସନର ମୂଲ୍ୟ ୮ ଅ୍ୟ ଏବଂ ତାହା ଛଡ଼ା ସମଦ୍ୟ ରେଲ ଖର୍ଚ୍ଚ ଦେବାକୁ ପଡ଼ିବ । ତା ୧୪।୬।୧୯୦୫ ମସୀହା

RAMSANKAR ROY,
Chairman

# ଉତ୍କଳଦୀପିକା ।

ଗତ ବର୍ଷର ଓକାଲତି ପରୀକ୍ଷାରେ ଓଡ଼ିଶାରୁ ଜ ୪ ଣ ପାସ କରିଥିବାର ଗତ ସପ୍ତାହରେ ଜଣାଇଅଛୁଁ । ଗେଜେଟ ନମ୍ବରରୁ ଜଣାଯାଏ ଯେ ଜ ୬୬୦ ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ପରୀକ୍ଷା ଦେଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ଜ ୧୮୭ ଣ ଅର୍ଥାତ ଏକ ଚତୁର୍ଥାଂଶରୁ କିଛି ଅଧିକ ପାସ କରିଅଛନ୍ତି । ମୋଟ ଫଳ ସଙ୍ଗେ ତୁଳନାରେ ଓଡ଼ିଶାର ଫଳ ଏଥର ଭଲ ବୋଲିବାକୁ ହେବ । ଓଡ଼ିଶାରୁ ଜ ୬ ଣ ପରୀକ୍ଷା ଦେଇଥିଲେ ।

ଗତ ତା ୩ ରିଖରେ ଶେଷ ହେବ ସାପ୍ତାହିକ ରିପୋର୍ଟରୁ ଭାରତର ପ୍ଲେଗ ମୃତ୍ୟୁ ଅଳ୍ପର ଭଣା ପଡ଼ିବାର ପ୍ରକାଶ । ତହିଁ ପୂର୍ବ ସପ୍ତାହର ମୃତ୍ୟୁ ୨୩,୦୩୮ ରୁ ଏ ସପ୍ତାହର ଅଙ୍କ ୧୫,୩୯୭ ହୋଇଥିଲା । ଏହି ମଧ୍ୟରେ ପଞ୍ଜାବରେ ୯,୪୬୦, ଯୁକ୍ତପ୍ରଦେଶରେ ୧୨୯୫, ବଙ୍ଗରେ ୬୯୫ ଏବଂ ବମ୍ବେଇରେ ୬୦୭ ମୃତ୍ୟୁ ହୋଇଥିଲା । ଏ ସମସ୍ତ ପ୍ରଦେଶରେ ପୂର୍ବ ସପ୍ତାହଠାରୁ ମୃତ୍ୟୁ କମ ପଡ଼ିଅଛି । କେବଳ ରାଜପୁତାନାର ମୃତ୍ୟୁ ୧୧୬୧ ଠାରୁ ୨୪୪୯କୁ ବଢ଼ିଅଛି ।

ଓଡ଼ିଶାରୁ ନିମ୍ନଲିଖିତ ପରୀକ୍ଷାର୍ଥୀମାନେ ମୋକ୍ତାରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

କୃଷ୍ଣନିଧି ମହାପାତ୍ର
କେଦାରନାଥ ବସୁ
ଭଗବତ ପାଣିଗ୍ରାହି
ବ୍ରଜକିଶୋର ଦାସ

ମୋଟରେ ଓଡ଼ିଶାରୁ ୮ ଜଣ ପରୀକ୍ଷା ପ୍ରଦାନ କରିଥିଲେ ତନ୍ମଧ୍ୟରୁ ୪ ଜଣ ପାସ କରିବା ଫଳ ସନ୍ତୋଷଜନକ ବୋଲିବାକୁ ହେବ ।

ଭାରତୀୟ ବିଶ୍ୱବିଦ୍ୟାଳୟ ସମ୍ବନ୍ଧୀୟ ସନ ୧୯୦୪ ସାଲ ଅ ୮ ଆଇନ ଧା ୧୦ ର ପ୍ରତି କଲିକତା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ସମସ୍ତ କଲେଜର ଅଧ୍ୟକ୍ଷ ଏବଂ ସ୍କୁଲ ଇନସ୍ପେକ୍ଟରମାନଙ୍କର ମନୋଯୋଗ ଆକର୍ଷଣ କରିଅଛନ୍ତି । ଉକ୍ତ ଧାରାର ମର୍ମ ଏହି କି ଏକ୍ସାମ୍ ଛଡ଼ା ଅନ୍ୟ କୌଣସି ପରୀକ୍ଷାରେ ବିଶ୍ୱବିଦ୍ୟାଳୟ ଯୁକ୍ତ କୌଣସି କଲେଜରେ କର୍ତ୍ତାଙ୍କର ପାଠ ସମ୍ପୂର୍ଣ୍ଣ କରିଥିବାର ନିଦର୍ଶନ ପତ୍ର ଦେଖାଇ ନ ପାରିଲେ କେହି ଛାତ୍ର ଗୃହୀତ ହେବ ନାହିଁ । ମାତ୍ର ସେହିମାନଙ୍କର ବିଶେଷ ଆଦେଶ ଅନୁସାରେ ସିଣ୍ଡିକେଟ ଯାହାଙ୍କ ନାମରେ ନିୟମାନୁସାରେ ଅନୁମୋଦନ କରିବେ ସେ ଗୃହୀତ ହୋଇ ପାରିବ ।

ପାରଳା ଖେମଣ୍ଡିର ପୂର୍ବ ରାଜା ସ୍ୱର୍ଗୀୟ ଗୌରଚନ୍ଦ୍ର ଗଜପତି ନାରାୟଣ ଦେବଙ୍କର ପରଲୋକ ଗମନ ଦିନରୁ ତାହାଙ୍କର ପୁତ୍ର ନାବାଳକ ହୋଇଥିବାରୁ ଏ ପର୍ଯ୍ୟନ୍ତ ଷ୍ଟେଟ୍ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କର ଆଦେଶାନୁସାରେ ତାଙ୍କ ଜମିଦାରି କୋର୍ଟ ଅବ ଓୟାର୍ଡ଼ସ ଅଧୀନରେ ଥିଲା ଏବଂ ଗଞ୍ଜାମର କଲେକ୍ଟର ଆଇନାନୁସାରେ ତାହାଙ୍କ ସର୍ଟିଫିକେଟ ଓ ତାହାଙ୍କ ସମ୍ପତ୍ତିର ରକ୍ଷଣାବେକ୍ଷଣ ଭାର ପ୍ରାପ୍ତ ହୋଇଥିଲେ । ପାରଳା ଖେମଣ୍ଡିର ସ୍ୱର୍ଗୀୟ ରାଜା ଯେ ସମସ୍ତ କୀର୍ତ୍ତି ରଖି ଯାଇଅଛନ୍ତି ଆଶା କରୁଁ ସେ ସମସ୍ତ ତାହାଙ୍କ ପୁତ୍ରଙ୍କ ଦ୍ୱାରା ରକ୍ଷିତ ଏବଂ ଉନ୍ନତ ହେବ ।

ଖେତାଙ୍କୁଡ଼ି ରାଜ୍ୟରେ ଦଦଲୀ ଗଛରୁ ସୂତା ବାହାର କରିବାର ଯେଉଁ କଳକାରଖାନା ସ୍ଥାପିତ ହୋଇଅଛି ତହିଁରେ ଶିକ୍ଷା ଲାଭ କରିବା କାରଣ ବରଦା ରାଜ୍ୟରୁ ଜ ୨ ଣ କର୍ମଚାରୀ ଖେତାଙ୍କୁଡ଼ିଠାକୁ ଯାଇଅଛନ୍ତି । ଏଥିର ଦ୍ୱାରା ଶିକ୍ଷା କରିବା କାରଣ ଲୋକେ ବିଶେଷ ଉତ୍ସାହାନ୍ୱିତ ହେଉ ନାହାନ୍ତି । ଗତ ବର୍ଷ ଅତି ଅଳ୍ପ ଲୋକେ ଏହା ଶିକ୍ଷା କରିଥିଲେ । ଏ ବର୍ଷ ଶିକ୍ଷାର୍ଥୀଙ୍କ ସଂଖ୍ୟା ଆଶାନୁରୂପ ନ ହେଲେ ଏଥିର ବିଶେଷ କାର୍ଯ୍ୟତଃ ଉଠିଯିବ । ଦଦଲୀ ସୂତାର ସୂତା ଏହିକ ବାଣିଜ୍ୟ ନ ହେଲା ତହିଁର ବିବରଣ ପ୍ରକାଶିତ ହୋଇ ନାହିଁ ଏବଂ ଗତ ମାନ୍ଦ୍ରାଜ ଓ ବୋମ୍ବାଇର ପ୍ରଦର୍ଶନୀମାନଙ୍କରେ ଏଥିର କୌଣସି ଲୁଗା ପ୍ରଦର୍ଶିତ ହେବାର ଦେଖା ଗଲା ନାହିଁ ।

ଜାପାନର ଭୂମିକମ୍ପ ପୀଡ଼ିତ ବ୍ୟକ୍ତିଙ୍କ ସାହାଯ୍ୟ ନିମନ୍ତେ ଜାପାନ ରାଜଧାନୀ ଟୋକିଓ ନଗରର ଏକ ପ୍ରଧାନ ସମ୍ବାଦପତ୍ର ଜାଜସିମ୍ପୋ ଦକ୍ଷିଣାର ସୂତ୍ର ସଙ୍ଗତ କରି ଭାରତର ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କ ନିକଟକୁ ପଠାଇଦେଇ ଯୁଦ୍ଧ ହେତୁ ଅଧିକ ସାହାଯ୍ୟ ସଂଗ୍ରହ କରି ନ ପାରିବି ବୋଲି ଦୁଃଖ ପ୍ରକାଶ କରିଅଛନ୍ତି । ମହାମାନ୍ୟ ଗବର୍ଣ୍ଣରଜେନେରଲ ମହୋଦୟ ଏହି ଦାନ ପ୍ରାପ୍ତିସ୍ୱୀକାର କରି ସମୁଚିତ ଧନ୍ୟବାଦ ଦେଇଅଛନ୍ତି । ଜାପାନ ପ୍ରଜାଙ୍କ ମଦ୍ଧ୍ୟର ଦାନ ସୂଚକ ଏବଂ ତାହା ଏମାନ ଗ୍ରାସ୍ତି ୫୧୯ ଟଙ୍କା ହେବ । ଘୋର ଯୁଦ୍ଧ ସମୟରେ ଜାପାନବାସୀମାନେ ଭାରତର ଏକ ପ୍ରଦେଶର ଭୂମିକମ୍ପ ଦୁଃଖରେ କାତର ହୋଇ ଉପଯୁକ୍ତ ସାହାଯ୍ୟ ପଠାଇ ଅଛନ୍ତି ସଂସାର ବିଷୟ ନୁହଇ ।

Digitized by srujanika@gmail.com

Split by PDF Splitter

Split by PDF Splitter



ସେଉଁ ଜାଭ ଏପରି ଜୁଦଯୁବାକ ରାହାଲେ ଉଦ୍ଭତ ଅବଶ୍ୟମ୍ଭାବୀ ।

ଗତ ତା ୭ ରଖ କଲିକତା ଗେଜେଟରେ ଜ ୨୨ ଣ ନୂତନ ସବଡେପୁଟି ନିଯୁକ୍ତ ହେବାର ଦେଖିଲୁଁ । ସେମାନଙ୍କ ମଧ୍ୟରେ କେବଳ ଏକ ଜଣ ସାହେବ ଅଛନ୍ତି ଏବଂ ତାହାଙ୍କର କୌଣସି ଉପାଧି ନାହିଁ । ଅନ୍ୟ ଜ ୨୫ ଣ ଦେଶୀୟଙ୍କ ମଧ୍ୟରେ ଜ ୭ ଣ ଏମ, ଏ, ଏବଂ ଜ ୧୮ ଣ ବି, ଏ, ଉପାଧିଧାରୀ ଅଟନ୍ତି । ବୋଧ ହୁଏ ବିଶ୍ୱବିଦ୍ୟାଳୟର ଉପାଧି ପ୍ରାପ୍ତ ଯଥେଷ୍ଟ ପ୍ରାର୍ଥୀ ହେବାରୁ ଗବର୍ଣ୍ଣମେଣ୍ଟ ସେମାନଙ୍କର ଦାବି ଅଗ୍ରାହ୍ୟ କରିଅଛନ୍ତି । ଏମାନଙ୍କ ମଧ୍ୟରେ ଓଡ଼ିଶାବାସୀ ଜ ୪ ଣ ମଧ୍ୟରେ ଏକଜଣ ଥିଲେ ବାବୁ ରାଧାକୃଷ୍ଣ ବସୁ ଏମ, ଏ, ଓଡ଼ିଶାର ସ୍ଥାୟୀ ବଙ୍ଗାଳି ଅଟନ୍ତି । ନମୋନେସନ ପ୍ରଥାରେ ଏକେବାରେ ଏ ଦେଶୀୟ ୮ ଜଣେ ବଙ୍ଗାଳିର ଭାଗ୍ୟ ଫିଟିଲା ଏବଂ ସେ ସବୁ ସମ୍ପ୍ରଦାୟର ବନ୍ଧୁମାନଙ୍କର ଶୁଭାଶା ସାର୍ଥକ ହେଲା । ଏଥିପାଇଁ ମାନ୍ୟବର ବଙ୍ଗେଶ୍ୱର ଏବଂ ବିହାରୀୟ କମିଶନରଙ୍କପାଖରେ ଗାଢ଼ କୃତଜ୍ଞତା ପ୍ରକାଶ କରୁଅଛୁଁ । ମାତ୍ର ସେ ଡେପୁଟିକଲେକ୍ଟରି ପଦ ପାଇବାର ଦେଖିଥିଲେ ଆମ୍ଭେମାନେ ଅଧିକ ଆନନ୍ଦିତ ହୋଇଥାନ୍ତୁ କାରଣ ତାହାଙ୍କ ଦୀର୍ଘକାଳ ଉମେଦାରି ସମୁଚିତ ପୁରସ୍କାର ହୋଇଥାନ୍ତା । ଭରସା କରୁଁ ଅଚିରେ ଆମ୍ଭମାନଙ୍କର ଆଶା ଫଳବତୀ ହେବ ।

ମୟୂରଭଞ୍ଜ ମହାରାଜାଙ୍କର ବାମନଘାଟି ଭ୍ରମଣର ନିମ୍ନଲିଖିତ ବୃତ୍ତାନ୍ତ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି । ଯଥା;—

ଗତ ମାସ ତା ୨୦ ରଖ ସନ୍ଧ୍ୟା ସାତ ଘଣ୍ଟା ସମୟରେ ଅର୍ଥାତ୍ ପ୍ରୋଗ୍ରାମର ଠିକ ସମୟରେ ମହାରାଜା ବାହାଦୁର ଅତି ବହୁଳତା ସହକାରେ ପ୍ରତ୍ୟାଗତ ହେଲେ । ଏହି ବାମନଘାଟି ସବଡିଭିଜନ ମୟୂରଭଞ୍ଜର ଗୋଟିଏ ପ୍ରଧାନ ଓ ଉର୍ବର ଅଂଶ ଅଟେ । ବର୍ତ୍ତମାନ ବନ୍ଦୋବସ୍ତ କାର୍ଯ୍ୟ ଚାଲୁଥିବାରୁ ଅନେକ ସ୍ଥାନମାନରେ ଅନେକ ବଡ଼ ବଡ଼ କର୍ମଚାରୀ ଅଛନ୍ତି । ମହାରାଜଙ୍କ ପାଖରେ ଥିବା ପାଇଁ ପ୍ରାୟ ସମସ୍ତ କର୍ମଚାରୀ ଓ ଅଧସ୍ତନ କର୍ମଚାରୀ ସକଳଙ୍କ ଏକ ମାଇଲ ପର୍ଯ୍ୟନ୍ତ ଯାଇଥିଲେ । ଏପରି ସବଡିଭିଜନ ଡାକ୍ତର ଓ ସବଡିଭିଜନାଲ ଅଫିସରଙ୍କ ମହାରାଜଙ୍କ ମହାସମାରୋହରେ ଅଭ୍ୟର୍ଥନା କରି ଛାଉଣିର ସ୍ଥାନରେ ପହୁଞ୍ଚାଇଲେ । ମହାରାଜା ପ୍ରାୟ ଦଶ ମାଇଲ ପଥ ଅଶ୍ୱ ପୃଷ୍ଠରେ ଅତିକ୍ରମଣ କରି ଆସିଥିଲେ ତଥାପି ଏଠାରେ ପହୁଞ୍ଚି ସ୍ୱଚ୍ଛନ୍ଦ ଚିତ୍ତରେ ଦଶାମ ଜ କେଉ ଅଭ୍ୟର୍ଥନା ମଣ୍ଡପର ପ୍ରଧାନ ଆସନ ଗ୍ରହଣ କଲେ । ଇଂରାଜୀ ଭାଷାରେ ଗୋଟିଏ ସୁଦୀର୍ଘ ଅଭିନନ୍ଦନ ପତ୍ର ପାଠ ହେଲା । ପଠନାନ୍ତେ ମହାରାଜା ବାହାଦୁର ପ୍ରାୟ ଏକ ଘଣ୍ଟା ସମୟ ବକ୍ତୃତାମାନ ହୋଇ ଉକ୍ତ ପତ୍ରର ସମସ୍ତ ବିଷୟର ଯଥାର୍ଥ ଉତ୍ତରର ପ୍ରଦାନ କରି ପ୍ରାୟ ୨୫୦୦୯ ଟଙ୍କା ସାଧାରଣଙ୍କ ହିତକର କାର୍ଯ୍ୟରେ ପ୍ରଦାନ କଲେ । ଏପରି ଅନ୍ୟ ଉତ୍କଳ ସମିତିର ମଧ୍ୟ ଏକ ଅଭିନନ୍ଦନ ପତ୍ର ଉତ୍କଳ ଭାଷାରେ ଅର୍ପିତ ହେଲା; ସେଥିରେ ମଧ୍ୟ ଯଥାଯୋଗ୍ୟ ଉତ୍ତର ପ୍ରଦାନ କରି ସାହାଯ୍ୟ କରିବାକୁ ପ୍ରତିଶ୍ରୁତ ହେଲେ । ତତ୍ପରେ ସଭା ଭଙ୍ଗ ହେଲା । ତହିଁ ପରଦିନ ସକାଳ ଆଠ ଘଣ୍ଟା ସମୟରେ ଅଫିସ ପରିଦର୍ଶନ କରିବାକୁ ବିଜେ କଲେ । ସନ୍ଧ୍ୟା ଆଠଘଣ୍ଟା ସମୟରେ ମହାରାଜା ବାହାଦୁର ପୁରସ୍କାର ବିତରଣରେ ଉପସ୍ଥିତ ହୋଇ ଥିଏଟର ଓ ଦେଶୀୟ ଜାତୀୟ ନୃତ୍ୟାଦି ଦର୍ଶନ କରି ଆନନ୍ଦିତ ହୋଇଥିଲେ । ଏହି ପରଦିନ ଓ ଯାତ୍ରା ଦିନର ହୋମ ପୂଜା ପର ଦିବସ ଠିକ ସମୟରେ ଜାନ୍ୟାରୀ ଶେଷହେଲା ପ୍ରାତଃ ଆଠଘଣ୍ଟା ସମୟରେ ସେଟଲମେଣ୍ଟ କାର୍ଯ୍ୟ ପରିଦର୍ଶନ କରିବାକୁ ଯାଇଥିଲେ । ଗତ ତା ୨୧।୨୨ ଘଣ୍ଟରେ ସମସ୍ତ ଅଫିସ କାର୍ଯ୍ୟ ଶେଷ କରି ତା ୨୩ ରଖ ରେଲ ବାରିପଦାକୁ ପ୍ରତ୍ୟାବୃତ୍ତ ହୋଇଅଛନ୍ତି ।

## ରୁଷ ଜାପାନ ଯୁଦ୍ଧ ।

ଆମେରିକାର ପ୍ରେସିଡେଣ୍ଟ ରୁଜଭେଲ୍ଟ ଜାପାନ ଓ ରୁଷର ଗବର୍ଣ୍ଣମେଣ୍ଟଙ୍କୁ ସନ୍ଧି ବିଷୟରେ ପତ୍ର ଲେଖିଥିଲେ । ପତ୍ରର ମର୍ମ ଏହି ଯେ ତାଙ୍କ ମତରେ ବର୍ତ୍ତମାନ ସନ୍ଧିର ସମୟ ଉପସ୍ଥିତ ହୋଇଅଛି । ମାର୍କିନ ଦେଶ ଇଚ୍ଛା ଜାପାନ ଓ ରୁଷିଆର ସହିତ ବନ୍ଧୁ, ସୁତେ ଅତଏବ ଓ ଉଭୟ ପ୍ରଧାନ ଜାତି ମଧ୍ୟରେ ଯୁଦ୍ଧ ଉପସ୍ଥିତ ହୋଇ ସଭ୍ୟଜଗତ ପୃଥିବୀର ଉନ୍ନତି ପଶ୍ଚାତ୍‌ପଦ ହେଉଅଛି । ଉଭୟଙ୍କ ମଧ୍ୟରେ ସନ୍ଧି ପ୍ରସ୍ତାବ କରିବା ଉଚିତ କାରଣ ତଦ୍ୱାରା କେବଳ ସେମାନଙ୍କ ନିଜ ହିତ ହେବ ଏପରି ନୁହେଁ ସଭ୍ୟ ଜଗତର ମଧ୍ୟ ହିତ ହେବ । ଅତଏବ ମଧ୍ୟ ପୃଥିବୀର କଥା ହେବ ଯଦ୍ୟପି ସେମାନେ ଅନ୍ୟାନ୍ୟ ମଧ୍ୟସ୍ଥ ନ କରି ଆପଣା ମଧ୍ୟରେ ସନ୍ଧି ସଂସ୍ଥାପନ କରନ୍ତି । ଏହି ପତ୍ରର ଉତ୍ତରରେ ମୋହର୍ଡ ଓ ସେଣ୍ଟପିଟର୍ସବର୍ଗରୁ ପତ୍ର ଆସିଅଛି ଯେ ରୁଜଭେଲ୍ଟଙ୍କ ପ୍ରସ୍ତାବ ସ୍ୱୀକୃତ ହୋଇଅଛି । ବର୍ତ୍ତମାନ ରୁଷ ଓ ଜାପାନର ପ୍ରତିନିଧି ସବୁ ନିଯୁକ୍ତ ହେଉଅଛନ୍ତି ସେମାନେ ଏକତ୍ର ବସି ସବୁ କଥାରେ ନିମନ୍ତେ ସ୍ଥିର ରାଜ୍ୟାରୁ କପଷ ରାଜ୍ୟକୁ ଗମନ କରିବେ । ଏ ଶାନ୍ତି ପ୍ରସ୍ତାବ ସକଳ ନିୟମମାନ ସ୍ଥିର ହେବା ପର୍ଯ୍ୟନ୍ତ ଯୁଦ୍ଧ ସ୍ଥଗିତ ହେବ ।

## ଭୂମିକମ୍ପ ସାହାଯ୍ୟ ।

ପଞ୍ଜାବ କାଙ୍ଗଡ଼ା ଜିଲ୍ଲାର ଭୂମିକମ୍ପ ପୀଡ଼ିତଲୋକଙ୍କର ସାହାଯ୍ୟ ନିମନ୍ତେ ଭାରତରୁ ଏଯାବତ ପର୍ଯ୍ୟନ୍ତ ଚାନ୍ଦା ସଂଗ୍ରହ ହେଉଅଛି । ଏ ନଗରରେ ଗତ ମଇମାସରେ ଚାନ୍ଦା ସଂଗ୍ରହ କାରଣ କେତେକ ଜଣ ଭଦ୍ରଲୋକ ଏକ ସଭା ଆହ୍ୱାନ କରିଥିଲେ ମାତ୍ର ଉପସ୍ଥିତ ସଂଖ୍ୟା ଊଣା ହେବାରୁ ସଭା ବନ୍ଦ ହେଲା । ଏଥିଉତ୍ତାରୁ ସରକାରୀ ପକ୍ଷ ଯାକ ଏଠା ମ୍ୟୁନିସିପାଲିଟିର ଚେୟାରମାନ ଗତ ଶୁକ୍ରବାର ଅପରାହ୍ନକାଳରେ ଏକ ସଭା ଆହ୍ୱାନ କରିଥିଲେ । ୟୁରୋପୀୟ ଓ ଦେଶୀୟ ଭଦ୍ରଲୋକ ଏବଂ ଜନସାଧାରଣଙ୍କ ଆହ୍ୱାନ କରଣାର୍ଥ ବିଜ୍ଞାପନ ବାଣ୍ଟିବାରେ ତ୍ରୁଟି କରି ନ ଥିଲେ ମାତ୍ର ଉପସ୍ଥିତ ସଭ୍ୟ ସଂଖ୍ୟା ଊଣା ହେବାରୁ ଅନ୍ୟଦିନକୁ ସଭା ସ୍ଥଗିତ ରହିଅଛି । ଏକଣ କଲେକ୍ଟର ସାହେବ ଏ ନଗରର ଜମିଦାର, ମହାଜନ, ଉକିଲ, ମୁକ୍ତାର ସରକାରୀ କର୍ମଚାରୀପ୍ରଭୃତି ନାନାଶ୍ରେଣୀର ଲୋକଙ୍କ ନିକଟକୁ ଚାନ୍ଦା ଖାତା ପଠାଇ ଦେବାରେ ଯେ ଯାହାର ଯଥାସାଧ୍ୟ ଦେଉଅଛନ୍ତି । ସାଧାରଣ ଲୋକେ ଏ ବିଷୟ କେତେ ବୁଝନ୍ତି ନାହିଁ ଏବଂ ବୁଝିଲେ ମଧ୍ୟ ସେମାନଙ୍କର ଚାନ୍ଦା ଦେବାର କେତେ ଶକ୍ତି ନାହିଁ । ବୋଧ ହୁଏ ଏହି କାରଣରୁ ସେମାନେ ସଭାସ୍ଥଳକୁ ଆସିଲେ ନାହିଁ । ଯାହା ହେଉ ସଭାକୁ ନିମନ୍ତ୍ରଣ ହେଲେ ତ ଆସିବା ନାଗରିକ୍ଷ ଦାୟିତ୍ୱ ଅଟେ ଏ କଥା ସମସ୍ତଙ୍କର ହୃଦୟଙ୍ଗମ ହେବା ଉଚିତ । ସଭାର ମୂଳ ଅଭିପ୍ରାୟ ସାଧାରଣ ମତ ପ୍ରକାଶ । ଅନେକ ଲୋକ ସଭାକୁ ନ ଆସିବା ଏହି ଭାବ ବାହାର ପାରେ ଯେ ଅନ୍ୟ ଜିଲ୍ଲାର ଲୋକଙ୍କ ଦୁଃଖରେ ଏଠା ଲୋକଙ୍କର ସହାନୁଭୂତି ନାହିଁ । ଯାହାର ସାମର୍ଥ୍ୟ ଅଛି ସେ ଚାନ୍ଦା ଦେବ ଏବଂ ଯେ ଦୁଃଖୀର ପଇସା ଚାନ୍ଦା ଦେଇ ନ ପାରେ ସେ ସଭାରେ ଯୋଗ ଦେଲେ ତାହାର ସମବେଦନା ଥିବାର ବୁଝାଯାଏ । ଏତଦ୍ ବିଷୟ ଯେ ଶୀତାର କରି ନ ପାରେ ସେ ମନୁଷ୍ୟତା ଦେଖି ନାହିଁ କୋହିବାକୁ ହେବ । ଆମ୍ଭେମାନେ ଆଶା କରୁଁ ନ ଆଗାମୀ ସଭା ସଫଳ ହେବାର ଦେଖିବୁଁ ।

## ରେଜିଷ୍ଟ୍ରି ମହକୁମାର ବନ୍ଦୋବସ୍ତ ।

ଗତ ସପ୍ତାହରେ ଖୋର୍ଦ୍ଧା ଓ କୁଜଙ୍ଗ ସବ ରେଜିଷ୍ଟ୍ରାରମାନଙ୍କର ବେତନାଦ ବନ୍ଦୋବସ୍ତ ନୂତନ

Digitized by srujanika@gmail.com

ବନ୍ଦୋବସ୍ତର ସାର କଥାମାନ ପ୍ରକାଶ କରୁଅଛୁଁ । ସ୍ପେସିଆଲ ସବ୍ ରେଜିଷ୍ଟ୍ରାରଙ୍କର ସଂଖ୍ୟା ଓ ବେତନ ପଂକ୍ତି ଗବର୍ଣ୍ଣମେଣ୍ଟଙ୍କର ମନ୍ତବ୍ୟ ଚିଠିରେ ଲେଖାନ ଥିବାରୁ ପ୍ରକାଶ କରିପାରି ନ ଥିଲୁଁ । ବର୍ତ୍ତମାନ ଅବଗତ ହେଲୁଁ ଯେ ସ୍ପେସିଆଲ ସବ୍ ରେଜିଷ୍ଟ୍ରାରମାନେ ରୁରଲ ସବ ରେଜିଷ୍ଟ୍ରାରଙ୍କ ପରି ଚାରି ଶ୍ରେଣୀ ବା ଗ୍ରେଡ଼ ହେବେ । ପ୍ରଥମ ଗ୍ରେଡ଼ରେ ଜ ୪ ଣ, ୨ୟରେ ଜ ୮ ଣ, ୩ୟରେ ଜ ୧୧ ଣ, ଏବଂ ଚତୁର୍ଥରେ ଜ ୨୦ ଣ ରହିବେ ଏବଂ ସେମାନେ ଯଥାକ୍ରମେ ଟ ୨୫୦, ୨୨୫, ୨୦୦ ଓ ୧୭୫୲ ଙ୍କା ମାହିନା ବେତନ ପାଇବେ । ଏଥିରୁ ଦେଖାଯାଏ ଯେ ରୁରଲ ସବ୍ ରେଜିଷ୍ଟ୍ରାରଙ୍କ ପରି ସ୍ପେସିଆଲ ସବ୍ ରେଜିଷ୍ଟ୍ରାରମାନଙ୍କର ବେତନ ମଧ୍ୟ ପ୍ରତିଶ୍ରେଣୀରେ ଟ ୨୫୲ ଙ୍କା ଲେଖାଏଁ ବୃଦ୍ଧି ହୋଇଅଛି ଏବଂ ଉଚ୍ଚତମ ଶ୍ରେଣୀ ଧରିଲେ ସବ୍ ରେଜିଷ୍ଟ୍ରାରମାନଙ୍କର ବେତନ ଟ ୨୭୫୲ ଙ୍କା ଠାରୁ ଟ ୨୫୦୲ ଙ୍କା ପର୍ଯ୍ୟନ୍ତ ବଢ଼ିବାର ବ୍ୟବସ୍ଥା ହୋଇଅଛି । ଦ୍ୱିତୀୟ ମୁଖ୍ୟ ପ୍ରଭେଦ ଦେଖାଯାଉଛି ଯେ ମାସକୁ ଟ ୨୦୲ ଙ୍କା ବେତନରେ ଜ ୩୬ ଣ ଶିକ୍ଷାନବିସ ରହିବାର ସ୍ଥିର ହୋଇଅଛି । ଯେତେବେଳେ ଏକଟିଂ ସବ୍ ରେଜିଷ୍ଟ୍ରାର ଦରକାର ହେବ ଏମାନେ ନିଯୁକ୍ତ ହେବେ ଏବଂ ମାସକୁ ଟ ୫୦୲ ଙ୍କା ଲେଖାଏଁ ବେତନ ପାଇବେ । ଏପରି ଜ ୩୬ ଣ ନକଲନବିସ ମାସକୁ ଟ ୨୦ ଙ୍କା ଏବଂ ଜ ୫୭୯ ଣ ମୋହରିର ମାସକୁ ଟ ୧୫୲ ଙ୍କା ଲେଖାଏଁ ବେତନରେ ରହିବେ । ଏହି ବନ୍ଦୋବସ୍ତ ଶୀଘ୍ର କାର୍ଯ୍ୟରେ ପରିଣତ କରିବାପାଇଁ ବଙ୍ଗୀୟ ପ୍ରଧାନ ସେକ୍ରେଟରୀ ବ୍ୟସ୍ତ ଅଛନ୍ତି । ସମ୍ଭବତଃ ଆସନ୍ତା ଅକ୍ଟୋବରମାସ ତା ୧ ରଖଠାରୁ ଏହା ପ୍ରଚଳିତ ହେବ । ଏତେଦିନେ ରେଜିଷ୍ଟ୍ରି ମହକୁମା ସରକାରଙ୍କ ଗୋଟିଏ ସ୍ଥାୟୀ ବା ପକ୍କା ମହକୁମା ହେଲା ଏବଂ କର୍ମଚାରୀମାନେ ପେନସନ ପାଇବାର ଯୋଗ୍ୟ ହୋଇ ନିଶ୍ଚିନ୍ତ ହେଲେ ଏହା ସୁଖର ବିଷୟ ଅଟେ । ସବ ରେଜିଷ୍ଟ୍ରାର ଉନ୍ନତି ପାଇଁ ଅଧିକ ଧରାଧରି ପଡ଼ିବ ସନ୍ଦେହ ନାହିଁ । ମାତ୍ର ପ୍ରତିଯୋଗିତା ପରୀକ୍ଷା ନିର୍ଦ୍ଦିଷ୍ଟ ନ ହୋଇଥିବା ସ୍ଥଳେ ନିଯୋଗକର୍ତ୍ତାଙ୍କ ଇଚ୍ଛା ଉପରେ ଉମେଦବାରଙ୍କର ଭାଗ୍ୟ ନିର୍ଭର କରିବ ଏବଂ ସମ୍ଭବତଃ ବର୍ତ୍ତମାନ ପରି ଅନୁଚିତ ପ୍ରଥା ପ୍ରବଳ ରହିବ ।

---

## ଗ୍ରାମ୍ୟସ୍ୱାସ୍ଥ୍ୟରକ୍ଷା କାର୍ଯ୍ୟ ।

ମୋଫସଲରେ ଅନେକ ଗ୍ରାମ ଅପରିଷ୍କାର ଥାଏ ଓ ଅପରିଷ୍କାରତା ଜନସାଧାରଣଙ୍କ ଅସୁସ୍ଥତାର ଗୋଟିଏ କାରଣ ଅଟେ । ନଗରମାନର ପରିଷ୍କାର କାର୍ଯ୍ୟ ମ୍ୟୁନିସିପାଲିଟିଦ୍ୱାରା ହେଉଅଛି ମୋଫସଲରେ ଏଥିର କୌଣସି ବ୍ୟବସ୍ଥା ଏଥିପୂର୍ବେ ହୋଇ ନ ଥିଲା । ଏଥିର ସୂତ୍ରପାତ ପ୍ରଥମତଃ ପାଟନା ଜିଲାବୋର୍ଡଙ୍କଦ୍ୱାରା ହୋଇଅଛି । ସେ ଜିଲାର ସଦର ଲୋକାଲବୋର୍ଡ ଅନ୍ତର୍ଗତ ଗୋ ୪୭ ଟି ଗ୍ରାମରେ ପରିଷ୍କାରକାର୍ଯ୍ୟ ସଫଳ ହେବାର ଅର୍ଥାତ୍ ସେ ଗ୍ରାମମାନର ସ୍ୱାସ୍ଥ୍ୟୋନ୍ନତି ହେବାର ଗବର୍ଣ୍ଣମେଣ୍ଟଙ୍କ ଗୋଚରରେ ଆସିବାରୁ ସମସ୍ତ ଜିଲାବୋର୍ଡ ପ୍ରତି ପରୀକ୍ଷା ସ୍ୱରୂପ ଗ୍ରାମ ପରିଷ୍କାରକାର୍ଯ୍ୟ ମୋଫସଲନିବାସୀ ମେମ୍ବରମାନଙ୍କ ଘର ନିକଟ ଗ୍ରାମମାନଙ୍କରେ ସେମାନଙ୍କ ତତ୍ତ୍ୱାବଧାନରେ ହେବାର ଗବର୍ଣ୍ଣମେଣ୍ଟଙ୍କ ଆଦେଶ ହୋଇଅଛି । ଏ ଆଦେଶମତେ ଏ ଜିଲାରେ ଏ କାର୍ଯ୍ୟ ଗତବର୍ଷରୁ ଆରମ୍ଭ ହୋଇଅଛି । ଏଥିପାଇଁ ଏଠା ଜିଲାବୋର୍ଡ ଟ ୨୫୦ ଙ୍କା ଉଇସନ ମଞ୍ଜୁର କରି ସଦର, ଯାଜପୁର ଓ କେନ୍ଦ୍ରାପଡ଼ା ସ୍ଥାନୀୟ ବୋର୍ଡଙ୍କୁ ଟ ୫୦୲ ଙ୍କା ଲେଖାଏଁ ବାଣ୍ଟନ କରିଦେଲେ । ସଦର ସ୍ଥାନୀୟ ବୋର୍ଡ ଝଙ୍କଡ଼ ଓ ମାହାଙ୍ଗା ଏ ଦୁଇ ଗ୍ରାମରେ ଏ କାର୍ଯ୍ୟ କରାଉଅଛନ୍ତି । ଝଙ୍କଡ଼ ବୃହତ ଗ୍ରାମ ଅଟଇ ଓ ସେଠାରେ ଜଗଜନମାତ ଶାରଳା ଠାକୁରାଣୀଙ୍କ ହେତୁ ସେଠାକୁ ଯାତ୍ରିଙ୍କର ସମାଗମ ହୁଅଇ । ସେଠାରେ ପରିଷ୍କାର କାର୍ଯ୍ୟ ଆବଶ୍ୟକ ଓ ଏଥିର ଭାର, ବାବୁ ଗୋକୁଳାନନ୍ଦ ଚୌଧୁରୀ ଓ ବାବୁ ଶ୍ୟାମସୁନ୍ଦର ବୋଷଙ୍କ ପ୍ରତି ଅର୍ପଣ ହୋଇଅଛି ମଧ୍ୟ କାର୍ଯ୍ୟ ସୁଶୃଙ୍ଖଳରୂପେ ହେବାରେ ଅବଗତ ହୋଇଅଛୁଁ । ମାହାଙ୍ଗାର କାର୍ଯ୍ୟ ବାବୁ ଜଗନ୍ମୋହନ ଲାଲଙ୍କ ପ୍ରତି ଅର୍ପଣ ହୋଇଅଛି ଓ ତାଙ୍କଠାରୁ ତହିଁର ବିଶେଷ ବିବରଣ ଅବଗତ ହୋଇଅଛୁଁ । ମାହାଙ୍ଗା ଅନ୍ତର୍ଗତ ଗୋ ୧୪ ଟି ଗ୍ରାମ ଅଟଇ, ତହିଁର ଆୟତନ ପ୍ରାୟ ଚାରି ବର୍ଗମାଇଲ ଓ ଲୋକସଂଖ୍ୟା ଜ ୬,୦୯୭ ଣ ଏବଂ ସେଠାରେ ଅନେକ ଭଦ୍ର ଲୋକଙ୍କର ନିବାସ । ଜଗନ୍ମୋହନ ବାବୁ ଗୋଟିଏ ଶକଟ ଅବା ମଏଲା ଗାଡ଼ି କରିଅଛନ୍ତି ଓ ସେ ଗାଡ଼ିଦ୍ୱାରା ଉକ୍ତ ୧୪ ଗ୍ରାମମାନ ମଧ୍ୟ ପ୍ରତି ଗ୍ରାମ ପାଳି ଅନୁସାରେ ସପ୍ତାହରେ ଦୁଇ ତିନି ଥର ପରିଷ୍କାର ହୁଏ । ଗ୍ରାମ ସଡ଼କ ଓ ଗଳି ରାସ୍ତାର ପାର୍ଶ୍ୱରେ ଖାଲ ବା ନର୍ଦ୍ଦମାଦି ଖୋଳାଇ ସେ ମାଟିସବୁ ସଡ଼କ ରାସ୍ତାରେ ପକାଇବାଦ୍ୱାରା ରାସ୍ତାମାନ ମରାମତ ଓ ଦୃଢ଼ ହୋଇ ଯାଇଅଛି । ରାସ୍ତା ଉପରକୁ ଓହଳିଥିବା ଡାଳ ଓ ବାଡ଼ କଟାଇବା ଓ ରାସ୍ତା ପାର୍ଶ୍ୱରେ ହୋଇଥିବା ବଣ ଓ ଲୋକେ ଜମା କରିଥିବା ଝାଟିଆ ଖଡ଼ ଗୋବର ଇତ୍ୟାଦି ଉଠାଇଦେବାଦ୍ୱାରା ରାସ୍ତାମାନ ପରିଷ୍କୃତ ଓ ପ୍ରଶସ୍ତ ହୋଇଅଛି । ଏଥିରେ ଗ୍ରାମବାସୀ ଓ ପଥିକମାନଙ୍କର ବଡ଼ ସୁବିଧା ହୋଇଅଛି ଓ ସେମାନେ ଏଥିରେ ସନ୍ତୁଷ୍ଟ ଥିବାର ପ୍ରକାଶ ପାଇଅଛି । ଏପରି ଦୁଃଖୀ ପାଣ କଣ୍ଡରାଦି ନୀଚ ଜାତୀୟ ଲୋକେ ଦରିଦ୍ରତା ହେତୁ କୂପ କରି ନ ପାରନ୍ତି ଓ ସନ୍ନିକଟସ୍ଥ ଭଦ୍ର ବା ଶୂଦ୍ର ବ୍ୟକ୍ତିଙ୍କ କୂପରୁ ପାଣି ନେଇ ନ ପାରନ୍ତି ସୁତରାଂ ସେମାନେ ପୋଖରୀ ଗଡ଼ିଆ ଓ ଠାବେ ଠାବେ ଧାନ ବିଲରୁ ମଧ୍ୟ ପାନୀୟ ପାଣି ସଂଗ୍ରହ କରନ୍ତି । ଏ ଜଳ କେତେ ଭଲ କହିବ ଶୁଣି ଗ୍ରୀଷ୍ମ ସମୟରେ ତାହା ସୁଦ୍ଧା ନ ମିଳେ ଏଣୁ କରି ସେମାନଙ୍କର ବଡ଼ କଷ୍ଟ ହୁଏ । ଜଗନ୍ମୋହନ ବାବୁ ଏହି କଥା ଲୋକାଲ ବୋର୍ଡରେ ଜଣାଇ ଅନେକ କୂପ ପାଣ କଣ୍ଡରାଙ୍କ ସୁବିଧାରେ ଖୋଳାଇ ଦେଇଅଛନ୍ତି । ଯାଜପୁର ଓ କେନ୍ଦ୍ରାପଡ଼ା ଇଲାକାର ଗ୍ରାମ ପରିଷ୍କାର କାର୍ଯ୍ୟ ବୃତ୍ତାନ୍ତ ଆମ୍ଭମାନଙ୍କୁ ଜଣା ନାହିଁ ।

ଗ୍ରାମ ପରିଷ୍କାର ଓ ପାନୀୟଜଳର ଯୋଗାଣ ଅତି ଆବଶ୍ୟକ ଅଟେ । ଏଥି ଉପରେ ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ ଅନେକ ନିର୍ଭର କରଇ । ଦୁଃଖୀ ପ୍ରଜାମାନେ ପଥକର ଆଦି ନାନାକର ଦେଉଅଛନ୍ତି । ସେମାନଙ୍କ ସୁବିଧା ଓ ସ୍ୱାସ୍ଥ୍ୟର ସର୍ବଦା ଦୃଷ୍ଟି ରଖିବା ଉଚିତ ।

ଏ ସମ୍ବନ୍ଧରେ ବାବୁ ଜଗନ୍ମୋହନ ଲାଲଙ୍କର ପ୍ରଶଂସାସୂଚକ ରିପୋର୍ଟ ପଢ଼ି ପାଇଅଛୁଁ ମାତ୍ର ତାହା ପ୍ରକାଶ କରିବାର ବିଶେଷ ପ୍ରୟୋଜନ ଦେଖୁ ନାହୁଁ । ଗ୍ରାମ୍ୟ ସ୍ୱାସ୍ଥ୍ୟ ସାଧନ ନିମନ୍ତେ ଯେଉଁମାନେ ଯତ୍ନ ଓ ପରିଶ୍ରମ କରୁଅଛନ୍ତି ସେମାନେ ପ୍ରଶଂସାର ଯୋଗ୍ୟ ସନ୍ଦେହ ନାହିଁ । ମାତ୍ର ସେମାନେ ବର୍ତ୍ତମାନ ଯେଉଁ ବାଟ ଅବଲମ୍ବନ କରୁଅଛନ୍ତି ତାହା ପ୍ରଶସ୍ତ ବୋଲି ଆମ୍ଭେମାନେ କହିବାକୁ ପ୍ରସ୍ତୁତ ନୋହୁଁ । ବାଟ ଘାଟ ଅପରିଷ୍କାର କରିବାର କଟକଣା ନ ହେଲେ ସାଧାରଣ ବ୍ୟୟରେ ପରିଷ୍କାର କରିବା ବୃଥା ବ୍ୟୟ ଏବଂ ମୂର୍ଖଲୋକଙ୍କର ଆଳସ୍ୟର ସହାୟତାର ଭୟ ହେଉଅଛି । ବିଷୟଟି ବଡ଼ ଗୁରୁତର ଅଟେ ଏବଂ ଏ ପତ୍ରେ ଏଥିର ଆଲୋଚନା କରିବାର ଇଚ୍ଛା ରହିଲା ।

Split by PDF Splitter

Digitized by srujanika@gmail.com

୧୯୦୫ ସାଲର ପ୍ରଥମ ସଂସ୍କୃତ ପରୀକ୍ଷାରେ ଓଡ଼ିଶାରୁ ନିମ୍ନଲିଖିତ ପରୀକ୍ଷାର୍ଥୀମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

### ପୁରୀ ଜଗନ୍ନାଥ ସମିତି

### ବ୍ୟାକରଣ

### ପ୍ରଥମ ବିଭାଗ ।

| | |
|---|---|
| ବଳଭଦ୍ର ମିଶ୍ର | ପୁରୀ ସଂସ୍କୃତ ସ୍କୁଲ |
| ଜଗନ୍ନାଥ ଷଡ଼ଙ୍ଗୀ | ପ୍ରତାପ ପୁରୁଷୋତ୍ତମପୁର ପୁରୀ |

୨ୟ ବିଭାଗ

| | |
|---|---|
| କୃଷ୍ଣଚନ୍ଦ୍ର ଦାଶ | ପୁରୀ |
| ଦାମୋଦର ମହାପାତ୍ର | ପୁରୀ ସଂସ୍କୃତ ସ୍କୁଲ |
| ଭିକାରୀ ମହାପାତ୍ର | ପୁରୀ |
| ଜଗନ୍ନାଥ ମିଶ୍ର | ପ୍ରତାପ ପୁରୁଷୋତ୍ତମପୁର ସ୍କୁଲ |
| ଲକ୍ଷ୍ମଣ ମିଶ୍ର | ପୁରୀ ସଂସ୍କୃତ ସ୍କୁଲ |
| ମାଧବ ମିଶ୍ର | ପ୍ରତାପ ପୁରୁଷୋତ୍ତମପୁର |
| ମଧୁସୂଦନ ମିଶ୍ର | ଭଗବାନ ଟୋଲ ପୁରୀ |
| ପରମେଶ୍ୱର ମିଶ୍ର | ରାମଚନ୍ଦ୍ର ଟୋଲ ପୁରୀ |
| ଜଗନ୍ନାଥ ରାଜଗୁରୁ | ପୁରୀ ସଂସ୍କୃତ ସ୍କୁଲ |
| ଦାମୋଦର ରଥ | ରଘୁନନ୍ଦନ ଟୋଲ ପୁରୀ |
| ଗୋପାଳ ରଥ | ଗୋପୀବଲ୍ଲଭ ଟୋଲ |
| ବାଳକୃଷ୍ଣ ସାମନ୍ତରାୟ | ପୁରୀ |
| ଗଦାଧର ଷଡ଼ଙ୍ଗୀ | ପ୍ରତାପ ପୁରୁଷୋତ୍ତମ ପୁର ଟୋଲ ପୁରୀ |
| ହରେକୃଷ୍ଣ ଷଡ଼ଙ୍ଗୀ | ରଘୁନନ୍ଦନ ଟୋଲ ପୁରୀ |
| ରାମକୃଷ୍ଣ ଷଡ଼ଙ୍ଗୀ | ପ୍ରତାପ ପୁରୁଷୋତ୍ତମପୁରଟୋଲ ପୁରୀ |
| ଲୋକନାଥ ତ୍ରିପାଠୀ | ପୁରୀ |

କାବ୍ୟ—୧ମ ବିଭାଗ ।

| | |
|---|---|
| ଜଗନ୍ନାଥ ଦାଶ | ରଘୁନନ୍ଦନ ଟୋଲ ପୁରୀ |
| ନାରାୟଣ ମିଶ୍ର | ପୁରୀ ସଂସ୍କୃତ ଟୋଲ |

କାବ୍ୟ—୨ୟ ବିଭାଗ

| | |
|---|---|
| ଭଗବାନ ଶର୍ମ୍ମା | ରଘୁନନ୍ଦନ ଟୋଲ ପୁରୀ |
| ଦୀନବନ୍ଧୁ ମହାପାତ୍ର | ଜଗନ୍ନାଥପୁର ପୁରୀ |
| ଗଦାଧର ମହାପାତ୍ର | ସଂସ୍କୃତ ସ୍କୁଲ ପୁରୀ |

ସ୍ମୃତି—୧ମ

| | |
|---|---|
| ସଦାଶିବ ମିଶ୍ର | ବିଶ୍ୱନାଥ ଟୋଲ ପୁରୀ |

ସାହିତ୍ୟ—୧ମ ବିଭାଗ ।

| | |
|---|---|
| ବାସୁଦେବ ମିଶ୍ର | ପୁରୀ ସଂସ୍କୃତ ସ୍କୁଲ |
| ଅନନ୍ତମିଶ୍ର | ଏକର |

କଟକ ସଂସ୍କୃତ ସମିତି ।

ବ୍ୟାକରଣ ୧ମ ବିଭାଗ

| | |
|---|---|
| ଛାତ୍ରର ନାମ | ଟୋଲର ସ୍ଥାନ |
| ପରୀକ୍ଷିତ ଦାଶ | ଗୋପୀନାଥପୁର କଟକ |
| ଗୋବିନ୍ଦ ମିଶ୍ର | ଖୋର୍ଦ୍ଧା |
| ଗୋପୀନାଥ ମିଶ୍ର | ଜେଳାକାଳ |
| କାଶୀନାଥ ମିଶ୍ର | ଏକର |
| ଶ୍ୟାମଚରଣ ମିଶ୍ର | ବଳଦେବଜୀ କେନ୍ଦ୍ରାପଡ଼ା |
| ଲୋକନାଥ ମିଶ୍ର | ପଦ୍ମନାଭ ଗଞ୍ଜାମ |
| ବଳରାମ ଷଡ଼ଙ୍ଗୀ | ମଦନମୋହନ କେନ୍ଦ୍ରାପଡ଼ା |
| ଗୋଲୋକନାଥ ଦେଓ | ଗୋପୀନାଥପୁର |
| ବୈଦ୍ୟନାଥ ସେନ | ବଳଦେବଜୀ—କଟକ |
| ଅଚ୍ୟୁତ ତ୍ରିପାଠୀ | ଏକର |
| ନନ୍ଦକିଶୋର ତ୍ରିପାଠୀ | ସୁଆଣ |

ବ୍ୟାକରଣ—୨ୟ ବିଭାଗ ।

| | |
|---|---|
| ଅଚ୍ୟୁତାନନ୍ଦ ଶର୍ମ୍ମା | ମଦନମୋହନ କେନ୍ଦ୍ରାପଡ଼ା |
| ବୃନ୍ଦାବନ | କେନ୍ଦ୍ରାପଡ଼ା ସୁତ ବାଡ଼ |
| ଦ୍ୱିଜରାଜ ପଣ୍ଡା | ଖୋର୍ଦ୍ଧା—କଟକ |
| ବଳରାମ ଦାଶ | ଗଣପୁର |
| ଗଦାଧର ଦାଶ | ମାଣିକଘୋଷବଜାର କଟକ |
| ଦାମୋଦର ଦାଶ | ପଦ୍ମନାଭ—ଗଞ୍ଜାମ |
| ପଦ୍ମନାଭ ବେହେରା | ରାଜନଗର କଟକ |
| ହରଗୋବିନ୍ଦ ମହାନ୍ତି | ବଡ଼ଦାଣ୍ଡ ରାଜବାଟୀ କେନ୍ଦ୍ରାପଡ଼ା |
| ମୁକୁନ୍ଦ ମହାପାତ୍ର | ସୁନପୁର |
| କାମାକ୍ଷ ମିଶ୍ର | ଜେଳାକାଳ |
| ବ୍ରଜବନ୍ଧୁ ମିଶ୍ର | କନକା ରାଜବାଟୀ |
| ଚକ୍ରଧର ମିଶ୍ର | କୌଣ ବଡ଼କୋଟ |
| ଗୋପୀନାଥ ମିଶ୍ର | ଗଣପଡ଼ା—କଟକ |
| ହରେକୃଷ୍ଣ ମିଶ୍ର | ବଳଦେବଜୀ କଟକ |
| ପଦ୍ମନାଭ ମିଶ୍ର | ଖୋର୍ଦ୍ଧା କଟକ |
| ବଂଶୀଧର ମିଶ୍ର | ପଦ୍ମନାଭ |
| ପରମେଶ୍ୱର ମିଶ୍ର | ଅଳପୁର |
| ଲକ୍ଷ୍ମଣ ପଣ୍ଡା | ପଦ୍ମନାଭ—ଗଞ୍ଜାମ—କଟକ |
| ବୈଦ୍ୟନାଥ ରଥ | ଭାଗିନଗର କଟକ |
| ସୋମନାଥ ରଥ | ଏକର |
| ନାରାୟଣ ଷଡ଼ଙ୍ଗୀ | ବଳଦେବଜୀ—କଟକ |
| ମାଗୁଣି ଶତପଥି | କେଣ୍ଟେଶ୍ୱରପୁର କଟସାହି, କଟକ |

କାବ୍ୟ ପ୍ରଥମ ବିଭାଗ ।

| | |
|---|---|
| ଚନ୍ଦ୍ରଶେଖର ମିଶ୍ର | ଗଣପଡ଼ା |

କାବ୍ୟ ଦ୍ୱିତୀୟ ବିଭାଗ ।

| | |
|---|---|
| ସୋମନାଥ ମି | ଖୋର୍ଦ୍ଧା କଟକ |
| ବାସୁଦେବନନ୍ଦ | ବଳଦେବଜୀ କଟକ |
| ବୈଦ୍ୟନାଥ ପଣ୍ଡା | ହରିହରପୁର କଟକ |

ସ୍ମୃତି—୧ମ ବିଭାଗ ।

| | |
|---|---|
| ଗଣନାଥ ମିଶ୍ର | ଜେଳାକାଳ |
| ବାଳକୃଷ୍ଣ ନନ୍ଦ | |

ସ୍ମୃତି ୨ୟ ବିଭାଗ ।

| | |
|---|---|
| ବାଳକୃଷ୍ଣ ଦାଶ | ବୃନ୍ଦାବନ—କଟକ |
| ଚୂଳାମଣି ଦାଶ | ଏକର |
| ବଦ୍ରିନାଥ ରଥ | ପଦ୍ମନାଭ—ଗଞ୍ଜାମ |

ଅଳଙ୍କାର—୨ୟ ବିଭାଗ

| | |
|---|---|
| ରଘୁନାଥ ଦାଶ | ପଦ୍ମନାଭ—ଗଞ୍ଜାମ |
| ଅପର୍ତ୍ତି ମିଶ୍ର | ଏକର |
| ଲକ୍ଷ୍ମୀଧର ମିଶ୍ର | ଏକର |
| ଗୋପୀନାଥ ପାଣି | ଏକର |
| ଦାମୋଦର ରଥ | ଏକର |

ବାଲେଶ୍ୱର ସଂସ୍କୃତ ସମିତି ।

ବ୍ୟାକରଣ—୧ମ ବିଭାଗ ।

| | |
|---|---|
| ଯୋଗେନ୍ଦ୍ର ନାଥ ଚକ୍ରବର୍ତ୍ତୀ | ବେଙ୍କଟଦା ଟୋଲ ବାଲେଶ୍ୱର |
| ହରକାନ୍ତ ଗୁପ୍ତ | ଶ୍ରୀରାମଚନ୍ଦ୍ର ଟୋଲ |
| ଭଗବାନ ମିଶ୍ର | ଲକ୍ଷ୍ମଣେଶ୍ୱରପୁର |
| ଲକ୍ଷ୍ମୀକାନ୍ତ ମିଶ୍ର | ଅମରଦା ଟୋଲ |
| ଶାରଦ ପା | ମୟୂରଭଞ୍ଜ |
| ଭୋଳା ରଥ | ଭଗବାନ ଟୋଲ—ଭଦ୍ରକ |
| ବୈଦ୍ୟନାଥ ଶତପଥି | ମୟୂରଭଞ୍ଜ |
| କାଶୀନାଥ ଦ୍ୱିବେଦୀ | ଅମରଦା ଟୋଲ |
| ଯଦୁନାଥ ଷଡ଼ଙ୍ଗୀ | ଶ୍ରୀରାମଚନ୍ଦ୍ର ଟୋଲ ବାଲେଶ୍ୱର |
| ସର୍ବେଶ୍ୱର ଷଡ଼ଙ୍ଗୀ | ଭଗବାନ ଟୋଲ ଭଦ୍ରକ |

ବ୍ୟାକରଣ—୨ୟ ବିଭାଗ ।

| | |
|---|---|
| ଦଣ୍ଡଧର କର | ଭଗବାନ ଟୋଲ—ଭଦ୍ରକ |
| କାଶୀନାଥ ମହାପାତ୍ର | ଲକ୍ଷ୍ମଣେଶ୍ୱରପୁର ଟୋଲ |
| ଅନନ୍ତପ୍ରସାଦ ମିଶ୍ର | ମୟୂରଭଞ୍ଜ |
| ସନାତନ ମିଶ୍ର | ଶ୍ରୀରାମଚନ୍ଦ୍ର ଟୋଲ |
| ଶ୍ରୀରପାଣି | ଶ୍ରୀରାମ ଚନ୍ଦ୍ରଦ ଟୋଲ ବେଲ ଘର |
| ପଦ୍ମଲୋଚନ ପାଣି | ସଦାଶିବ ଟୋଲ |
| ଗଣେଶ ଶତପଥି | ଶ୍ରୀରାମଚନ୍ଦ୍ର, ଟୋଲ |
| ଜଗନ୍ନାଥ ଶତପଥି | ମୟୂରଭଞ୍ଜ |
| ରାମଚନ୍ଦ୍ର ଶତପଥି | ଶ୍ରୀରାମଚନ୍ଦ୍ର,ଟୋଲ |
| ଶ୍ରୀକାନ୍ତ ଶତପଥି | ଭଗବାନ ଟୋଲ ଭଦ୍ରକ |
| ବୃନ୍ଦାବନ ଉଦ୍ଗାତା | କେନ୍ଦୁଝର |

କାବ୍ୟ—୧ମ ବିଭାଗ ।

| | |
|---|---|
| ଜଗନ୍ନାଥ ମିଶ୍ର | ସୁରେନ୍ଦ୍ରନାଥ ଟୋଲ |
| କରୁଣାକର ମିଶ୍ର | ଏକର |
| ହରେକୃଷ୍ଣ, ଷଡ଼ଙ୍ଗୀ | ଭଗବାନ ଟୋଲ ଭଦ୍ରକ |

କାବ୍ୟ—୨ୟ ବିଭାଗ

| | |
|---|---|
| ଚତୁର୍ଭୁଜ ଚକ୍ରବର୍ତ୍ତୀ | ମୟୂରଭଞ୍ଜ |
| କୃଷ୍ଣ ପ୍ରସାଦକର | ଏକର |
| କାଳୀଚରଣ ମିଶ୍ର | ସୁରେନ୍ଦ୍ରନାଥ ଟୋଲ |
| ଭଗବାନ ମିଶ୍ର | ଭଗବାନ ଟୋଲ ଭଦ୍ରକ |

ସ୍ମୃତି—୧ମ ବିଭାଗ ।

| | |
|---|---|
| ପୁରୁଷୋତ୍ତମ ଷାଡ଼ଙ୍ଗୀ | ଭଗବାନ ଟୋଲ ଭଦ୍ରକ |

ସ୍ମୃତି—୨ୟ ବିଭାଗ ।

| | |
|---|---|
| କୈଳାସ ଦେବନାଥ ଚକ୍ରବର୍ତ୍ତୀ | ଲୁଣ୍ଠରପୁର ଟୋଲ |

ସାହିତ୍ୟ—୨ୟ ବିଭାଗ ।

| | |
|---|---|
| ଗଣେଶ, ମିଶ୍ର | ମୟୂରଭଞ୍ଜ |

---

ଓଡ଼ିଶା ବିଭାଗରୁ ୧୯୦୫ ସାଲର ଦ୍ୱିତୀୟ ସଂସ୍କୃତ ପରୀକ୍ଷାରେ ନିମ୍ନଲିଖିତ ପରୀକ୍ଷାର୍ଥୀମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

### ପୁରୀ ଜଗନ୍ନାଥ ସମିତି ବ୍ୟାକରଣ ।

୨ୟ ଶ୍ରେଣୀ ।

| | |
|---|---|
| ଛାତ୍ରର ନାମ | ଟୋଲର ସ୍ଥାନ |
| ରଘୁନାଥ ଶର୍ମ୍ମା | ପୁରୀ ରଘୁନନ୍ଦନ ଟୋଲ |
| ଜଗନ୍ନାଥ ହୋତା | „ ସଂସ୍କୃତ ସ୍କୁଲ |
| ନାରାୟଣ ମିଶ୍ର | „ ରଘୁନନ୍ଦନ ଟୋଲ |
| ରାମଚନ୍ଦ୍ର, ମିଶ୍ର | „ ସଂସ୍କୃତସ୍କୁଲ |
| ଉପେନ୍ଦ୍ର ମିଶ୍ର | „ ବିଶ୍ୱନାଥ ଟୋଲ |
| ଜଗନ୍ନାଥ ମହାପାତ୍ର | „ ଶ୍ରୀରାମଚନ୍ଦ୍ରପୁର |

କାବ୍ୟ ୧ ମ ଶ୍ରେଣୀ

| | |
|---|---|
| ସୋମନାଥ ମହାପାତ୍ର | ପୁରୀ ରାମଚନ୍ଦ୍ର ପୁରଟୋଲ |

୨ ୟ ଶ୍ରେଣୀ

| | |
|---|---|
| ବାଞ୍ଛାନିଧି ଶର୍ମ୍ମା | ପୁରୀ ସଂସ୍କୃତ ସ୍କୁଲ |
| ବନମାଳୀ ମିଶ୍ର | „ |
| ଜଗନ୍ନାଥ ରଥ | „ |
| ଗୋବିନ୍ଦ ଶତପଥି | „ ରଘୁନନ୍ଦନ ଟୋଲ |

ନ୍ୟାୟ ୨ୟ ଶ୍ରେଣୀ

| | |
|---|---|
| ରାମଚନ୍ଦ୍ର ମହାପାତ୍ର | ପୁରୀ ସଂସ୍କୃତ ସ୍କୁଲ |

ଓଡ଼ିଶା ସଂସ୍କୃତ ସମିତି କଟକ

ବ୍ୟାକରଣ ୧ମ ଶ୍ରେଣୀ

| | |
|---|---|
| ଗୋପୀନାଥ ରଥ | କଟକ ବଳଦେବଜୀଉ |

୨ ୟ ଶ୍ରେଣୀ

| | |
|---|---|
| ଜଗନ୍ନାଥ ଦାଶ | କଟକ ସୁଆଣ |
| ରାଧାକାନ୍ତ ମିଶ୍ର | „ ବଳଦେବଜୀଉ |
| ବର୍ଦ୍ଧନ ମିଶ୍ର | ପଦ୍ମନାଭ ଜେଳାକାଳ |
| ଗଦାଧର ମହାପାତ୍ର | କଟକ ବଳଦେବଜୀଉ |

କାବ୍ୟ ୨ ୟ ଶ୍ରେଣୀ

| | |
|---|---|
| ଦାମୋଦର, ଶର୍ମ୍ମା | କଟକ ବଳଦେବଜୀଉ |
| ହରେକୃଷ୍ଣ ଶର୍ମ୍ମା | „ ସାଲେପୁର |
| ମାଧବ କର | „ |

Digitized by srujanika@gmail.com

ଏଥିରେ ନ ୧୦୦ ଣ ଲୋକ ହୃତ ଏବଂ ନ ୧୫୦ ଣ ଲୋକ ଆହତ ହୋଇଥିବାର କଥିତ ହୁଏ।

ଜର୍ମାନର ଯୁବ ରାଜଙ୍କ ବିବାହ ଉତ୍ସବ ମାସ ତା ୭ ଦିନରେ ମହାସମାରୋହରେ ବର୍ଲିନ ନଗରରେ ସମ୍ପାଦିତ ହୋଇଥିବାର ସମ୍ବାଦ ମିଳଇ।

ଗତ ମଇ ମାସରେ କଲିକତା ଟାକ୍ସଶାଳରେ ବର୍ଣ୍ଣିତ ସଂଖ୍ୟା ନ ୬୧,୭୬୬ ଣ ହୋଇଥିଲା। ଏହାମଧ୍ୟରେ ସ୍ୱଦେଶୀୟଙ୍କ ସଂଖ୍ୟା ନ ୩୧୧ ଣ। ସେ ମାସରେ ୧୬ ଦିନ ମାତ୍ର ସାବ୍ଧାନର ଶୋଭ ଥିଲା। ସୁତରାଂ ଦୈନିକ ବର୍ଣ୍ଣିକ ସଂଖ୍ୟା ୧୮୦୪ ଜଣ ହୋଇଥିଲା।

## ପତ୍ରପ୍ରେରକଙ୍କ ପ୍ରତି।

ଶ୍ରୀ ବାସୁଦେବ ନନ୍ଦନ୍ଦ ସେଠୀ—ଅଠଗଡର ଘଟଣା ସ୍ଥାନରେ ଉପସ୍ଥିତ ସେହି ସବୁ ବର ସେଠା ପଣ୍ଡିତମାନଙ୍କ ସମ୍ମୁଖ ବସିଥିଲେ ତାହାଙ୍କର ବହୁପ୍ରଶ୍ନ ବଡ଼ଗଣ ଲେଖି ପଠାଇଅଛନ୍ତି।

ଶ୍ରୀ ପଦ୍ମନାଭ ମିଶ୍ର—କେଉଣ ବ୍ରାହ୍ମଣ ଅପଣାର ଭଗିନୀକୁ ବିବାହ ଦେବା କାରଣ ମହାପ୍ରସାଦ ନେଇ କର ଅଳକାର ଅଭାବରେ ନଗଦ ୫ ୨୫ ଟା ନେଇ ଅନ୍ୟଠି ବିବାହ ଦେବାର ଚେଷ୍ଟା କରୁଥିବାର ଲେଖିଅଛନ୍ତି। ଧର୍ମପ୍ରିୟ ଲୋକଙ୍କର କ୍ଷମାଶୀଳ ଅନାଦିର ବିଷ୍ଣୁ ବଡ ଦୁଃଖର ବିଷୟ ଅଟେ। ଏଥିର ପ୍ରତିକାର ନ ହେଲେ ସମାଜ ରକ୍ଷା ହେବାର ଉପାୟ ନାହିଁ।

ଜନୈକ ପାଠକସୁଦେବାସୀ—ଯାହା ଅପଣ ଏଥି ସବୁ ଲେଖିବା ଉଚିତ। ତୁମର ପେଚ୍ଛା ହୁଏ କହିବା ସ୍ୱରଳ ଭାବ ଅନୁକୂଳ ପଙ୍କେତ ନ ହେବାରୁ ଲ ପକ୍ଷିତ ହେଲା।

ଶ୍ରୀ ଭକ୍ତିସ୍ମୃତି ମହାପାତ୍ର—ଗଞ୍ଜାମର ମହାରାଜାର ସାହାଯ୍ୟ ବିଷୟ ଗତ ତା ୭ ଦିନର ପ୍ରକାଶକ ପଢିଲେ ବୁଝିପାରିବେ।

## ପ୍ରେରିତପତ୍ର।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ।

ମହାଶୟ!

ପ୍ରଜାଙ୍କ ସମ୍ପାଦକ ମହାଶୟ ଅନେକ ସମୟରେ ଭ୍ରାନ୍ତ ହୋଇ ଏଥି ଲେଖିବା ଦେଖି ଅମ୍ଭେମାନେ ଅତ୍ୟନ୍ତ ଦୁଃଖିତ ଓ ବିସ୍ମିତ ହୋଇଅଛୁଁ। ଗତବର୍ଷ ଗଞ୍ଜାମ ଜଲ ଉପସ୍ଥିତ କୋର୍ଟ ୨୨।୨।୦୪ ଅଧିବେଶନରେ (ଏକମାତ୍ର ଓଡ଼ିଆ ଉକିଲ) ଏ, ପଣ୍ଡିତ ଗୋମ ପାତ୍ର ଦେଖିମିଶ୍ରଣ ପ୍ରସ୍ତାବ ସପକ୍ଷରେ ଦଣ୍ଡାୟମାନ ହୋଇ କହିଲେ ବୋଲି ଯାହା ପ୍ରକାଶ କରିଥିଲେ ତାହା ଅଜନ୍ମ ସତ ହୋଇ ନପାରିବୁ ମହାଶୟଙ୍କ ପରମବନ୍ଧୁମାନେ ମଧ୍ୟ ନିତାନ୍ତ ଲଜ୍ଜିତ ଓ କ୍ଷୁବ୍ଧ ହୋଇଥିଲେ। ପଣ୍ଡିତଗୋମ ବାବୁ ମଧ୍ୟ ଏହା ଜାଣି ଶୁଣି ନୀରବ ହୋଇ ରହିବା ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ। ତଥ୍ୟ ସମ୍ବାଦ ପାଇଲେ ସ୍ୱର୍ଗୀ ନପାରିବୁ ମହାଶୟ ଭ୍ରମ ସଂଶୋଧନ ନ କରି ରହିବାରୁ ଏ, ପାତ୍ର ଓ ନପାରିବୁଙ୍କ ମଧ୍ୟରେ କୃତ୍ରିମ ଚଳୁଥିବା କଥା ସମସ୍ତେ ଅନୁମାନ କରୁଅଛନ୍ତି। (୨।୩।୦୪ ପ୍ରଜାବନ୍ଧୁ ଓ ଆନନ୍ଦ ଦେଖ)।

ଦ୍ୱିତୀୟତଃ ଜନୈକ ବି, ଏ, କ୍ଲାସ ଛାତ୍ର ଗଣେଶ ମହାପାତ୍ରଙ୍କ ପାତ୍ର ମହାଶୟ ମାନ୍ୟତା ପଠାଇବା ମଧ୍ୟ ଉଦ୍ଧୃତ। (୨।୨।୦୫ ପ୍ରଃ ବଃ ଦେଖ)*

ଜାତୀୟ କାର୍ଯ୍ୟରେ ହାତ ଦେଇ ଉପକାର ନ କରୁଥିବା ବ୍ୟକ୍ତିଙ୍କ ଅଯଥା ପ୍ରଶଂସା କରିବା ଦ୍ୱାରା ପତ୍ରିକାର ତଥା ସମାଜର ଲକ୍ଷ୍ୟ ପ୍ରକାଶ ପାଉଅଛି। ଯେଉଁ ଖଣ୍ଡି ଛୋଟ ଅଠଗଡ଼ ମହାରଜା ଓ ଓଡ଼ିଆ ସମାଜର ଧନରେ ପ୍ରଜାଙ୍କ ପାଳନ ହେଉଅଛି ସେମାନଙ୍କୁ ଏହାର କାରଣ ବୁଝାଇବାକୁ ନପାରିବୁ ମହାଶୟ କୁଣ୍ଠିତ ହେବେ ନାହିଁ ଓ ଅତଃପରେ ଜାଣିଲ ମନ୍ଦଲ ପଦାରେ ପକାଇବେ ନାହିଁ ବୋଲି ଅମ୍ଭେମାନେ ଅନୁରୋଧ କରୁଅଛୁଁ।

ଅପଣଙ୍କ
ଯଥାର୍ଥବାଦୀ

* ଗତ ତା ୭ ଦିନର ପ୍ରଜାବନ୍ଧୁରେ ଗଣେଶ ମହାପାତ୍ରଙ୍କ ସମ୍ବନ୍ଧ ସାହାଯ୍ୟ ଦେବାର ଲେଖା ଅଛି। ସଂ

ମହାଶୟ!

'ଥିଏଟର' ଏ ଶବ୍ଦଟି ଏ ଅଞ୍ଚଳରେ ଏକାବେଳକେ ଅଜ୍ଞାତ ଥିଲା। କ୍ରମେ କୋଠପଦାର ସୁଯୋଗ୍ୟ ଇନ୍‌ସ୍ପେକ୍ଟର ଶ୍ରୀଯୁତ ମହାଶୟଙ୍କ ପ୍ରସାଦ ହେତୁରେ ତାହାର ଅର୍ଥ ଟିକା ଟିପ୍ପଣୀ ସହିତ ଲୋକେ ଜାଣି ପାରିଲେ। ଗତ କେତେକ ବର୍ଷ ହେଲା ଜୟପୁର ଥିଏଟରର ଅନୁକରଣରେ କୁଅପାଲବାସୀ ଯୁବକବୃନ୍ଦ ଟିକି ଟିକି ଗୋଟିଏ ଥିଏଟର ଗଠନ କରିଅଛନ୍ତି। ବର୍ଷରେ ଥରେ ଅର୍ଥାତ ବୈଶାଖ ପୂର୍ଣ୍ଣିମା ସମୟରେ ଏହା ହେଉଥାଏ। ଏ ବର୍ଷ ଯଥାରୀତି ସତ୍ୟବାଦୀ ଗୋପବନ୍ଧୁ, ବୃନ୍ଦାବନ ବିଳାସ, ଦାନ, ତାମାସା, ସଙ୍ଗୀତ ପ୍ରଭୃତି ଥିଏଟର ଦେଖାଇଥିଲେ।

ଥିଏଟରର ଆକାଂକ୍ଷା ବହୁ ବ୍ୟୟସାଧ୍ୟ। ପ୍ରଚୁର ଅର୍ଥ ଓ ଐକାନ୍ତିକ ଯତ୍ନ ଅଭାବରେ ଏହାର ସର୍ବାଙ୍ଗୀନ ଉନ୍ନତି ହୋଇ ନ ପାରେ। କୁଅପାଲବାସୀ ଯୁବକଦଳ ଏ କାର୍ଯ୍ୟରେ କେତେ ଦୂର ଅଗ୍ରସର ହୋଇଅଛନ୍ତି ଏହାହିଁ ଦେଖାଇବା ମୋର ଏ ପ୍ରବନ୍ଧର ଉଦ୍ଦେଶ୍ୟ। ମୁଁ କଲିକତାରେ ନାନାକାରଣରୁ ସେମାନଙ୍କର ପୂର୍ବ ବର୍ଷର ଥିଏଟର ଦେଖି ପାରି ନାହିଁ। ୨ୟ ଦିନର ଅଦ୍ୟ ଓ ଶେଷ ଦିନର ପ୍ରାନ୍ତସମୟରେ ଯାହା ଦେଖିଥିଲି ତାହାର ତଥ୍ୟରୁ ସମାଲୋଚନା କରିବି।

ପ୍ରଥମ ଦିବସ ପ୍ରଥମରେ ଯଦୁବଂଶଧ୍ୱଂସ ଓ ରାମ ବନବାସ ନାଟକର ଅଭିନୟ ହୋଇଥିଲା। ଯଦୁବଂଶଧ୍ୱଂସ ନାଟକ ବଙ୍ଗଭାଷାରୁ ଅନୁବାଦିତ ଫଳତଃ ତାହାର ଭାଷା କେତେ ସୁଶ୍ରାବ୍ୟ ବୋଧ ହେଲା ନାହିଁ। ରାମ ବନବାସ ଉତ୍କଳର ଅତି ଆଦରଣୀୟ କାବ୍ୟ ରାମଚନ୍ଦ୍ରଙ୍କ ସମ୍ବନ୍ଧରେ ରାମଚନ୍ଦ୍ରଙ୍କ ବାଲ୍ୟକାଳର ଦୃଶ୍ୟ ବର୍ଣ୍ଣନ ପତ୍ରଟିଏ ସାଧାରଣ ପାଠକବୃନ୍ଦଙ୍କ ଠାରେ ଅପରିଚିତ ନୁହେଁ। ସେ ଦିନର ଅଭିନୟ ଯଥାର୍ଥ ଅଭିନୀତ ହୋଇଥିଲା। ଲକ୍ଷ୍ମଣ, କୌଶଲ୍ୟା, ସୁମିତ୍ରା, ମନ୍ଥରା, ସୁମନ୍ତ୍ର, ଦଶରଥଙ୍କର ଅଭିନୟ ଅତି ଉତ୍କୃଷ୍ଟରୂପେ ନିର୍ବାହିତ ହୋଇଥିଲା। ଏଥିରେ ଯେଉଁ ସବୁ ଦୋଷ ଦୃଷ୍ଟ ହେଲା ତାହା ଏମାନଙ୍କ ପକ୍ଷରେ ସମ୍ପୂର୍ଣ୍ଣ କ୍ଷମାର୍ହ ନୁହେଁ। ସୀତା କୈକେୟୀ ପ୍ରଭୃତିଙ୍କର ଅଭିନୟ ତାଦୃଶ ହୋଇ ନ ଥିଲା। ରାମଙ୍କର ସାଜସଜ୍ଜା ଉପଯୁକ୍ତ ହୋଇ ନ ଥିଲା। ଥିଏଟରର ପ୍ରଧାନ ନାୟକ ରାମ। ତାଙ୍କର ବନଗମନ ବେଳେ ମାତା ପିତାଙ୍କର କରୁଣ ରସାତ୍ମକ ସ୍ପଷ୍ଟରୂପେ ବ୍ୟକ୍ତ ହୋଇ ପାରିଲା ନାହିଁ। ୧ମ, ୨ୟ ଦିବସ ଦୃଶ୍ୟରେ ଜନୁକଙ୍କ ଓ ରାମପାଳ ବାବୁଙ୍କର ଗୀତ ବଜାର ପାଠକଙ୍କ ଅତି ଉତ୍କୃଷ୍ଟ ହୋଇଥିଲା। ଏହା ପ୍ରଥମ ଦିନର ଦୃଶ୍ୟ ତୁଳନାରେ ଉତ୍କୃଷ୍ଟ ହୋଇଥିଲା ବୋଲି ଶୁଣିଲି। ବାଳକମାନଙ୍କର ନେତୃତ୍ୱାଧୀନ ସମସ୍ତର ସପ୍ତଶ୍ରେଣୀ ପ୍ରଭୃତି କେତେକ ଗୋଟି ଦୃଶ୍ୟ ଓ ଗୀତମାନ ଗୁରୁଁଅଞ୍ଚଳବାସୀ ବାବୁ ଜଣାଇଥିବାର ବୋଧ ଅତି ଉତ୍କୃଷ୍ଟରୂପେ ପ୍ରସ୍ତୁତ କରିଥିଲେ।

ଦ୍ୱିତୀୟତଃ ଶିକ୍ଷାର ସମସ୍ତ ଉପକରଣରେ ଫଳ ସନ୍ତୋଷଜନକ ହୋଇଥିଲା। ଉପଯୋଗୀ ସ୍ଥଳରେ ଅନ୍ ଦୋ ୨ ଟି ଜୟପୁର ଉତ୍କୃଷ୍ଟ ନ ହୋଇ ରହି ପାରିଲା ନାହିଁ। ୧ମ ଥିଏଟର ପ୍ରଧାନ ଅଙ୍କ ଐତିହାସିକ ହୁଇ ହାରମୋନିୟମର ଥିଲା। ଏହା କଥାର ଅଃ ମେଡେଲଙ୍କ ଦ୍ୱାରା ପୂରଣ ହେବାର ଅଛି ସେମାନଙ୍କ ହୃଦୟରେ ଜାଗ୍ରତ ଅଛି। ୨ୟ ଟି ପାଖାପାଖି ହ୍ରଟେକତାରେ ଉପଦେଶକର ସ୍ଥାନ ନାହିଁ। ଏହା ପ୍ରାୟ କୁଟିରୂପେ ପରିଗଣିତ ହୋଇଥିଲା। ଶୁଣିଲି ପ୍ରଧାନ ପଣ୍ଡିତଙ୍କର କନ୍ୟା ଅଯୋଗ ପାଇବା ତାହାର ପ୍ରଧାନ ଅନୁରୋଧ ହୋଇଥିଲା।

ଜନୈକ ସମାଲୋଚକ

## ମୂଲ୍ୟପ୍ରାପ୍ତି।

| | | | | |
|---|---|---|---|---|
| ବାବୁ | ଶ୍ରୀ | ଗଙ୍ଗାଧର ଦାସ ୧୧ନଂ ରେଜିମେଣ୍ଟ | ସୁଗ | ୫ ୮ |
| ” | ” | ଚନ୍ଦ୍ରଧର ମିଶ୍ର କୁଅପାଳର ଗ୍ରାମ | | ୫ ୨ |
| ” | ” | ପାଣି ମହିର | ଅନୁଗୁଳ | ୫ ୧ |
| ” | ” | ବୈ ଶ୍ୟାମ ନାଥ ଜେନା | ଲାଟକ | ୫ [illegible] |
| ” | ” | ବ୍ରଜଗୋବିନ୍ଦ ବଡ଼ପଟ୍ଟନାୟକ | ଚନ୍ଦ୍ରପୁର | ୫ [illegible] |
| ” | ” | ଗୋପୀନାଥ, ଦେବ | ଅନୁଗୁଳ | ୫ [illegible] |
| ” | ” | ରାମପ୍ରସାଦ ସିଂହ ଡିଃ ସ୍କୁଃ ଅଃ | ପୁରୀ | ୫ ୧ |
| ” | ” | ଗଙ୍ଗାଧର ପଟ୍ଟନାୟକ | ଲାଟକ | ୫ ୧ |
| ” | ” | ଜଗନ୍ନାଥ ସୀ + ମୁଦୁଲି | | ୫ ୧ |
| ” | ” | ଧର୍ମନନ୍ଦ ପାତ୍ରଙ୍କ ଦ୍ୱାରା | ” | ୫ ୧ |
| ” | ” | ଭିମାଚରଣ ମହି | ” | ” |

Split by PDF Splitter
Digitized by srujanika@gmail.com

## ବିଜ୍ଞାପନ ।

ଶ୍ରୀଲାଲମୋହନ ସାହା ଶଙ୍ଖନିଧିର
ପୃଥିବୀ ବ୍ୟାପିତ

## ହଜ୍ଜୁର ଗଜସିଂହ ।

୭ ଘଣ୍ଟା ମଧ୍ୟରେ ସବ୍ଦବିଧ ଜ୍ୱର ବେଦନାଦ ରେ ପ୍ଲୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ଼ ଟ ୧॥ ମଧ୍ୟମ ଟ ୧୧ ଛୋଟ ୧୦ ୬/
ଡାକମାସୁଲ ୧ଠାରୁ ୭ ଡିବା ଟ ୦ ।୵

## କଣ୍ଡୁ ଦାବାନଳ ।

ଡାଡୁ ଆଦ ଚର୍ମରୋଗ ଏକା ଲେପନେ ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୵ ଡାକମାସୁଲ ୧ଠାରୁ ୭ ଡିବା ଟ୦।୵

## ସର୍ବ୍ବଦଦ୍ରୁ ହୁତାଶନ ।

୨୪ ଘଣ୍ଟାରେ ଡାଡୁଆଦ ଚର୍ମରୋଗ ଏକା ଲେପନରେ ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୵ ଡାକମାସୁଲ ୧ଠାରୁ ୧୨ ଡିବା ଟ୦।୵

ଏହି ନିକଳ ଚୋରମାନେ ବାବୁବଜାର ଲାଲ ମୋହନ ସାହା ଶଙ୍ଖନିଧିର ନାମ ଓ ଟ୍ରେଡମାର୍କ ଚୋରି କରୁଅଛନ୍ତି । ଏହା ସକଳ ଔଷଧ ବଡ଼ ବଡ଼ ଡାକ୍ତରଖାନାରେ ପାଇବେ କି ନ ପାଇଲେ ପୁସ୍ତକାର ପେ ନକୀଲ ବିପିବନ୍ଦୁ ଏକ ଦେହ ବାର୍ତ୍ତି ପ୍ରକାଶରେ ପତ୍ର ଲେଖିଲେ ଭି, ପି, ପାର୍ସେଲରେ ପଠାଉଛୁଁ । ଏହି ସମସ୍ତ ଔଷଧରେ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରତ ଦେବୁଁ ।

ଠିକଣା ଶ୍ରୀ ଲାଲମୋହନ ସାହା ଶଙ୍ଖନିଧି
ଢାକା ବାବୁବଜାର ।

ଏଜେଣ୍ଟ କଟକ ଡାକ୍ତର ଏ ଖାସ୍ତଗୀ ଡାକ୍ତରଖାନାର କର୍ତ୍ତା ... ଚନ୍ଦ୍ର ଭଞ୍ଜ ।

Lal Mohan Saha Sankhanidhi
Baburbazar, Dacca.



## ଦେଖନ୍ତୁ ! ଦେଖନ୍ତୁ ! ଦେଖନ୍ତୁ !

### ପ୍ରତ୍ୟେକ ଗୃହସ୍ଥର ପ୍ରୟୋଜନରେ ;

ଧବଳ ରୋଗ, ଅଜୀର୍ଣ୍ଣ ଉଦରାମୟ, ଜରେକ, ସ୍ୱପ୍ନଦୋଷ ଟ ୩ ; ଗନୋରିଆ ରୋଗ ଟ ୩ ; ବହୁମୂତ୍ର ରୋଗ ଟ ୫ ; ଟ ୫ ଓ ୨॥ ; ଦୋଷ ରୋଗ ... ଟ ୧ ଏକ ... ଟ ୧ ଓ ୧॥ ; ... ଟ ୧ ; ... ଟ ୧ ଓ ଟ ୨ ... ( ... ଓ ... ) ଟ ୧ ଓ ଟ ୨ ... । ... ।

ଏହି ଔଷଧାଳୟରେ ଉତ୍ତମ (୧) "ସଲିଉସନ୍", ... (୨) "କୁଇନ୍" ... (୩) "ଅର୍ଚ୍ଚ" ... । ... ।

ଜଗଲ ... , ... ।






## ଇଲେକ୍ଟ୍ରୋ ସାଲସା

ଡାକ୍ତର ମେଜ ର ସାହେବଙ୍କ ଅଦ୍ଭୁତ, ଚମତ୍କାର ପ୍ରସ୍ତୁତ ଇଲେକ୍ଟ୍ରୋ ସାଲସା ଅତ ଓ ଅଦ୍ଭୁତ ଅବ୍ୟର୍ଥଗୁଣ । ପ୍ରତ୍ୟେକ ଚିକିତ୍ସାଳୟରେ ପ୍ରଚଳିତ ଅଛିଅଛି । ଏହା ରକ୍ତଦୁଷ୍ଟର ବୃଦ୍ଧି, ପାରଦୋଷ ନାଶ କରିବାକୁ ଅମୋଘ ବାତହସ୍ତ ମେହର ଭରସା ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅତ୍ୟନ୍ତ ଓ ଅବ୍ୟର୍ଥ । କ୍ଷୁଧା ବୃଦ୍ଧି କରିବାକୁ, କୋଷ୍ଠ ପରିଷ୍କାର ରଖିବାକୁ, ଦେହ ହୃଷ୍ଟ ପୁଷ୍ଟ କରିବାକୁ ଶକ୍ତି ସମ୍ପନ୍ନ । ସ୍ନାୟୁଦୋଷ ନାଶ ହୁଏ, ଦୁର୍ବଳ ଇନ୍ଦ୍ରିୟ ସବଳ ହୁଏ, ରୋଗୀର ପୂର୍ଣ୍ଣ ବଳ ହୁଏ । ଅସଂଖ୍ୟ, ଅସାଧାରଣ ପ୍ରଶଂସାପତ୍ର ଅବ୍ୟର୍ଥତା, ଅଲୌକିକତା ଅଦ୍ଭୁତ ... ପ୍ରମାଣ ଦେଉଅଛି ତାହାର ୨ ଗୋଟି ମାତ୍ର ପ୍ରକାଶିତ ହେଲା ।

୧ । ମହାମାନ୍ୟ ମହାରାଜା ... ବାମଣ୍ଡାରୁ ଲେଖିଅଛନ୍ତି:—"... ଆମ୍ଭେ ... ଯେ "ଇଲେକ୍ଟ୍ରୋ ସାଲସା" ... ପରୀକ୍ଷା କରବା ଓ ... ଦେଖି ... ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା- ... ଦେବ ... ଲେଖିଅଛନ୍ତି—"... ବିଜ୍ଞାପନର ... ଔଷଧ ମଗାଇଲି, ... ହେଲା ... ଜଣାପଡ଼ିଲା । ... ସାଲସାର ଗୁଣ ମୁଁ ... ନାହିଁ । ମୋତେ ... ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା- ... ଲେଖିଅଛନ୍ତି—"... ପରୀକ୍ଷା କର ... ଇଲେକ୍ଟ୍ରୋ ସାଲସାର ... ଅସୀମ ..." ।

ମୂଲ୍ୟ ... ଡାକମାସୁଲ ...

... ଏଣ୍ଡ କୋମ୍ପାନି, ... ।


Digitized by srujanika@gmail.com

Split by PDF Splitter




ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ

ମହିଳାମାନଙ୍କର **ହେୟାର-ଲାଇନ** ଶୋଭାକର ସାମଗ୍ରୀ

କେଶର ସୌନ୍ଦର୍ଯ୍ୟ, ସଂବର୍ଦ୍ଧନ ଓ ସ୍ୱାସ୍ଥ୍ୟରକ୍ଷା ନିମିତ୍ତ ମନୋହର କେଶ ତୈଳ। କେତୋଟି କେଶବର୍ଦ୍ଧକ




ସର୍ବ ପ୍ରଶଂସିତ ବୃକ୍ଷଲତାର ମୂଳ ଓ ସୁଗନ୍ଧି ସାର, ବୈଜ୍ଞାନିକ ପ୍ରଣାଳୀରେ ଏକତ୍ରିତ କରି ବଣୁବ କେଶ ପୋଷକ ତୈଳ ସଙ୍ଗେ ଏହି ହେୟାର-ଲାଇନ ପ୍ରସ୍ତୁତ ହୋଇଅଛି। ଅପଣ ଏହା ବ୍ୟବହାର କରନ୍ତୁ, ଅପୂର୍ବ ସୌରଭରେ ମୁଗ୍ଧ ହେବେ। ନିଶ୍ଚୟ ପ୍ରୀତ ହେବେ। ଉତ୍କୃଷ୍ଟ ଲୋକେ ମନୋହର ସୁଗନ୍ଧରେ ମଗ୍ନ ହେବେ। ଆପଣଙ୍କର ମନେ ହେବ ଯେପରି ପ୍ରସ୍ଫୁଟିତ ପୁଷ୍ପ ଉଦ୍ୟାନରେ ଅଛନ୍ତି।

"ହେୟାର-ଲାଇନ" ଲଗାଇ କେଶ ବନ୍ଧାଇଲେ ୨୪ ଘଣ୍ଟାକାଳ ଗନ୍ଧ ସନ୍ତୋଷରେ ଥାଏ। ସ୍ନାନ ପରେ ବିଶେଷ ଯେତେ ସ୍ନାନ କଲେ, ହେୟାର-ଲାଇନର ଗନ୍ଧ କେଶରେ ଲାଗିରହିଥାଏ, ସେପରି ସୌରଭର ଭଣ୍ଡାର ହୋଇବ। ଅତି ମନୋହାର ଅତର ଓ କଲୋଣୀରୁ ମଧ୍ୟ ବେଶୀ ତୈଳ ପ୍ରସ୍ତୁତ ଏହାର ସୌରଭ ଓ ଗୁଣ ନିକଟରେ ପରାଜିତ।

"ହେୟାର-ଲାଇନ" ରଙ୍ଗ ଅତି ମନୋହର, ସ୍ୱଚ୍ଛ ନିର୍ମଳ ଓ ଶୁଭ୍ର। ଏଥି ନିମନ୍ତେ କେଶରେ ମଇଳା ଧରେ ନାହିଁ, ଜଟା ଧରେ ନାହିଁ, ଦୁର୍ଗନ୍ଧ ହୁଏ ନାହିଁ।

"ହେୟାର-ଲାଇନ" କେବଳ ସୌଖୀନ ଦ୍ରବ୍ୟ ନୁହେଁ ମଣ୍ଡ ବ୍ୟଥା, ମସ୍ତିଷ୍କ ରୁଗ୍ଣ, ଚକ୍ଷୁ ଜ୍ୱାଳା ପ୍ରଭୃତି ଶିର ରୋଗର ମହୌଷଧ। ହସ୍ତ, ପଦର ଜ୍ୱାଳା, ଗାତ୍ର ଦାହ, ଶରୀର ଅବସନ୍ନ ହେବା, ପ୍ରାଣର ଅସ୍ଥିର ଭାବ, ସ୍ୱପ୍ନଦୋଷ ଦୌର୍ବଲ୍ୟ, ଶୁଭ ପଢ଼ିବା ଶ୍ରାନ୍ତି ବୋଧ ହେବା, ଅନିଦ୍ରା, ନିଦ୍ରା ମଗ୍ନତା ପ୍ରଭୃତି ଉପସର୍ଗ ଦୂରକରଣରେ ଏହା ତୁଲ୍ୟ କ୍ଷମତାଶାଳୀ ଔଷଧ ଅଳ୍ପ ନାହିଁ। ଏହା ସୁନିଶ୍ଚିତ—ଅଟଳ ଲକ୍ଷଣ।

"ହେୟାର-ଲାଇନ" ବ୍ୟବହାରଦ୍ୱାରା କେଶ ଘନ କଳା ଭାବ ହୁଏ, କେଶର ମୂଳ ଶକ୍ତ ହୁଏ, କେଶ ଅକାଳ ପାଚିବା ଏବଂ ଝଡ଼ିବା ବନ୍ଦ ହୁଏ ଓ ଦୂର୍ବଳ ହୁଏ, ନିଶ୍ଚୟ ଅଣ୍ଡା ଲଭେ। ଅନେକ ଦିନ ବ୍ୟବହାର କଲେ ଟାକ ରୋଗ ନଷ୍ଟ ହୁଏ, ମଣ୍ଡଳ ଲୁପ୍ତ ପ୍ରଭୃତି ନଷ୍ଟ ହୁଏ; କେଶ ଘନ କୋମଳ ଓ ସୁନ୍ଦର ହୁଏ, ଦେହର ଦୁର୍ଗନ୍ଧ ଦୂର ହୁଏ, ଚର୍ମ କୋମଳ ଓ କାନ୍ତିଯୁକ୍ତ ହୁଏ, ମନର ସ୍ଫୂର୍ତ୍ତି ସୌନ୍ଦର୍ଯ୍ୟ ବଢ଼େ, ଶରୀରକୁ ସର୍ବ ଦୃଢ଼ କରେ। ହେୟାର-ଲାଇନ ସମସ୍ତେ ବ୍ୟବହାର କରନ୍ତୁ। ଏହା ପ୍ରେମିକ ପ୍ରେମିକାର ଆଦର ସାମଗ୍ରୀ।

ମୂଲ୍ୟ ପ୍ରତି ଏକ ଆଉନ୍ସ ଶିଶି ୧ ୨ ( ୩, ୬, ୧୨ ଶିଶି କ୍ରମାନୁସାରେ ୫ ୩, ୧୦, ୨୦ ପ୍ୟାକିଂ ଓ ଡାକମାସୁଲ ସ୍ୱତନ୍ତ୍ର।

ପ୍ରୋପ୍ରାଇଟର ଡବଲିଉ ମେଜର ଏଣ୍ଡ କୋମ୍ପାନୀ—କଲିକତା





ଡାକ୍ତର ମେଜର ସାହେବଙ୍କର,

ନୂତନ ଆବିଷ୍କାର!!

ଦରିଦ୍ରା ଜଗତରେ—ଯୁଗାନ୍ତର!!

ଅସାଧ୍ୟ ରୋଗରେ—ସାଧ୍ୟ ଔଷଧ!!

ହାଇଡ୍ରୋସିଲ-ଇଲିକ୍ ସାର

ବା

କୋଷ ବୃଦ୍ଧିର ଅମୋଘ ଔଷଧ।

ଶତ ବର୍ଷ ୪ ଦିନାଠାରୁ ଅଧିକ ରୋଗୀ ଆରୋଗ୍ୟ ଲାଭ କରିଅଛନ୍ତି। ଆମ୍ଭେମାନେ ବୃଦ୍ଧି ସହିତ କହୁଅଛୁଁ, ଏହି ପ୍ରସ୍ତୁତ ନୂତନ ଆବିଷ୍କୃତ ଔଷଧ ବ୍ୟବହାର କଲେ ଏକଶତ ମଧ୍ୟରୁ ଯେତେ ରୋଗ ହେଉ, ସେଥିର ମୂଳୋଚ୍ଛେଦ ହେଲ ନିଶ୍ଚୟ ଆରୋଗ୍ୟ ହେବ। ଯେଉଁମାନେ ବହୁ ବୃଦ୍ଧିତ ରୋଗ ଓ ଯନ୍ତ୍ରଣା ସହ୍ୟ କରି ଅନେକ ଚିକିତ୍ସା କରି ନିରାଶ ହୋଇଅଛନ୍ତି ଓ ଅବଶେଷରେ ଅସ୍ତ୍ର ଚିକିତ୍ସାରେ ଆରୋଗ୍ୟ ଲାଭର ଆଶା କରନ୍ତି, ସେମାନେ ଅତି ଶୀଘ୍ର ଏହି ଔଷଧ ବ୍ୟବହାର କରି ଦେଖନ୍ତୁ। ପ୍ରଥମ ଦିନ ବ୍ୟବହାର କଲେ ହୋଇ ଅଶ୍ରୁ ଝରିବା ଓ ଜ୍ୱାଳା ଯାଏ ଅର୍ଥାତ୍ କେବଳ ଏହି ଖାଇଲେ ଔଷଧ ଯେପରି ଦ୍ରୁତ ଗତିରେ କାର୍ଯ୍ୟ କରେ କୋଷ ମଧ୍ୟସ୍ଥ ଜଳ, ମାଂସ ଇତ୍ୟାଦି ସମସ୍ତ ଶୁଷ୍କ ହୋଇ କ୍ରମେ କୋଷ ସ୍ୱାଭାବିକ ଆକାର ଓ ରୂପ ପାଏ। ଯେଉଁମାନେ ଅପେକ୍ଷା ହେବା କଷ୍ଟକରେ ହୋଇଅଛନ୍ତି, ସେମାନେ ଏହି ମହୌଷଧ ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତୁ। ବ୍ୟବହାରରେ ଜ୍ୱାଳା ଯନ୍ତ୍ରଣା ବା ଅନ୍ୟ କୌଣସି କ୍ଷତି ନାହିଁ, ଅଥଚ ବହୁଳ ଉପକାର ଦର୍ଶେ।

ମୂଲ୍ୟ ପ୍ରତି ଶିଶି ୧ ଟଙ୍କା ଶିଶି ଏକତ୍ରରେ ୫ ଟଙ୍କା ୨ ଟିକେଟ ଡାକମାସୁଲ ସ୍ୱତନ୍ତ୍ର।

ଡାକ୍ତର ଡବଲିଉ ମେଜର ଏଣ୍ଡ କୋମ୍ପାନି

କଲିକତା



ଉପଦବନ୍ଧୁ ଔଷଧାଳୟ।

କଟକ ଚଉଧୁରୀ ବଜାର ଛକ ନିକଟରେ ସ୍ଥାପିତ। ଏଠାରେ ଆୟୁର୍ବେଦୀୟ ଅବଲମ୍ବିତ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅକୃତ୍ରିମ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରୀ ହୁଏ। ଉତ୍କଳଦୀପିକାର ସମ୍ପାଦକ ମାନ୍ୟବର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ। ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ। ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେଁ ଏପରି ଔଷଧ ଏଠାରେ ରଖାଯାଏ ନାହିଁ। ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ। ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ। ପରନ୍ତୁ ସ୍ଥଳ ଭିନ୍ନ ଭେଲୁପେବଲ ପାର୍ସେଲରେ କାହାରି ନିକଟକୁ ଔଷଧ ପଠାଯାଏ ନାହିଁ। ଉତ୍ତର ପାଇବା ନିମନ୍ତେ ଦୁଇପଇସିଆ ଷ୍ଟାମ୍ପ ନ ଦେଲେ ଉତ୍ତର ଦିଆଯାଏ ନାହିଁ। ବେରଙ୍ଗ ବା କମ୍ ମାସୁଲ ଦିଆ ହୋଇଥିବା ପତ୍ର ଗୃହୀତ ହୁଏ ନାହିଁ। ଔଷଧ ଛଡ଼ା ପୁସ୍ତକାଦି ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ।

ଚିଠିପତ୍ର ଓ ଟଙ୍କା ଉପରିଉକ୍ତ ମେନେଜରଙ୍କ ନାମରେ ପଠାଇବେ।

ଉପଦବନ୍ଧୁ ଔଷଧାଳୟ, ଚଉଧୁରୀବଜାର, କଟକ, ୩।୧୧।୧୯୦୪ } ଶ୍ରୀ ବାଳକୃଷ୍ଣଦାସ, କବିରାଜ; ଶ୍ରୀ ରାମକୃଷ୍ଣ ମିଶ୍ର



IT'S SO EASY TO NEGLECT THAT COLD!

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon, Major Jayakar says: that it is a safe and reliable remedy.

Batliwalla & Co's Cholerol, specific for cholera and Batliwalla's Ague Mixture or Pills, may be had of DR. H. L. BATLIWALLA'S, Worli—Dadar Bombay and everywhere.

At Re. 1 per bottle Discount to the Trade.


Digitized by srujanika@gmail.com

Split by PDF Splitter




# ବିଜ୍ଞାପନ ।

ଆଉ ଡାକ୍ତରଙ୍କୁ ଅସ୍ଥାୟୀ ଗୁଣବିଶିଷ୍ଟ ବାଜେ ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର । **ଡ୍ୟାନଜୀନ ।** ହତାଶ ପ୍ରାଣର ଏକମାତ୍ର ଆଶା !!

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗଦ୍ବିଖ୍ୟାତ ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—!

## Dr. Martin's DANZIN

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜେଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ଦୋଷ, ଏପରିକି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ବଳ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରିପକାଏ, ଏହି ସକଳ ରୋଗ କବଳରୁ ଭାରତବାସୀମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜିନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ଯାବତୀୟ ପ୍ରଦେଶଜାତ ଭେଷଜ ଲତା ଓ ଗୁଳ୍ମ ନିର୍ଯ୍ୟାସ ସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆର ଅନୁମୋଦିତ ଆୟୁରଣ, ପଟାସ ଓ ଆମୋନିଆ ପ୍ରଭୃତି ଭେକୋଟି ପ୍ରସିଦ୍ଧ ରକ୍ତପରିଷ୍କାରକ ଓ ଶୁକ୍ରବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ବୈଜ୍ଞାନିକ ପ୍ରକ୍ରିୟାର ଫରମୁଲେଶନ ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜିନ" ଆବିଷ୍କାର ହୋଇ ଭାରତବାସୀମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି ।

ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରୁଥାନ୍ତି ଯେବେ ତୁମ୍ଭେ ବହୁଧ ପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କୁ କହୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ । ଥରେ ଏହି ମହାଶକ୍ତି "ଡ୍ୟାନଜିନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ନିର୍ଜୀବ ଦେହରେ ପୁନର୍ବାର ନୂତନ ଜୀବନ ପାଇବା ଅକର୍ମଣ୍ୟ ଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଗନ୍ଧକର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ହେଲା ସାଧାରଣଙ୍କର ଦୃଢ଼ ବିଶ୍ୱାସ "ଡ୍ୟାନଜିନ" ଏମାନଙ୍କୁ ଦୂରୀଭୂତ କରିଦେଉଅଛି । ଡ୍ୟାନଜିନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରିଦେବାର ସ୍ପଷ୍ଟ ଦେଖାଯାଏ । ଡ୍ୟାନଜିନ ରୋଗ ଦୂରି କରେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ଡ୍ୟାନଜିନର ଗୁଣ ପ୍ରାପ୍ତି ।

ଡ୍ୟାନଜିନରେ—ମଦ, ଅଫିମ, ଷ୍ଟ୍ରିକନାଇନ, ମାର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସମ୍ପର୍କ ନାହିଁ । ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର ତତ୍କ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜିନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜିନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ବିଘ୍ନରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ଧନୀ ଦେହର ଜୀବନ ।

### ଡ୍ୟାନଜିନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଜ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୂତ୍ରକୃଚ୍ଛ୍ର ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଦୁଗ୍ଧପରି ପଦାର୍ଥ ବାହାରି ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମସ୍ତିଷ୍କ, ମସ୍ତିଷ୍କଶୂଳ, ଘୁଷଘୁଷ ଜ୍ୱର, ଚକ୍ଷୁଜ୍ୱାଳା, ଚକ୍ଷୁରୁ ଜଳ ପଡ଼ିବା, ହାତଗୋଡ଼ ଝିମିବା, ସ୍ନାୟୁଶକ୍ତିର ହ୍ରାସ, ଧାତୁଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅଜୀର୍ଣ୍ଣ ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତପ୍ରଦର, ଅନିୟମିତ ରକ୍ତସ୍ରାବ, ବନ୍ଧ୍ୟତା, ଋତୁକାଳୀନ ପେଟରେ ବେଦନା ଓ ତତ୍ସମ୍ପର୍କୀୟ ଇତ୍ୟାଦି ।—ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା—ଗରମୀ ଓ ତଜ୍ଜନିତ ପାରା ବ୍ୟବହାର ହେତୁରୁ ସର୍ବାଙ୍ଗେ ଘା ଓ ଚକାଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଛଡ଼ା, ମୁଣ୍ଡରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ଫଣ୍ଟ ଘା, ନାଲିଘା, ଦାଉଦ, କଉଁରିଆ, ଖାଜୁ, କୁଣ୍ଡିଆ ଓ ଏପରିକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା, ସମସ୍ତ ଶରୀର କଟ୍‌କଟ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜିନ—ସୁସ୍ଥ ଶରୀରରେ ପ୍ରତିଦିନ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଫୂର୍ତ୍ତି ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୮, ୩ବୋତଲ ଟ ୪୯ଙ୍କା, ୬ବୋତଲ ଟ ୭୨ଙ୍କା ଓ ୧୨ବୋତଲ ଟ ୧୩୮ଙ୍କା ପ୍ୟାକିଂ ୧ ଠାରୁ ୩ ବୋତଲ ଟ ୦।୦ ଅଣା, ୪ ଠାରୁ ୧୨ ବୋତଲ ଟ ୦।୫ ଅଣା ।

I, B. G. & Co. Bara Bazar Calcutta
Registered Telegraphic
Address "DANZIN" CALCUTTA.

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ,
ଆଇ, ବି, ଜି, ଏଣ୍ଡ କୋଂ ବଡ଼ବଜାର କଲିକତା




Digitized by srujanika@gmail.com

REGISTERED No. C 81

289

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା।

# THE UTKAL DIPIKA.

ଭାଗ ୪୦ ଶ | CUTTACK, SATURDAY THE 24th June 1905. | ଅଗ୍ରୀମ ଟ ୩୯
ସଂଖ୍ୟା ୨୫ ଶ | ତା ୧୧ ଖ ଆଷାଢ଼ ସନ ୧୩୧୨ ସାଲ ଶନିବାର | ପଶ୍ଚାଦ୍ଦେୟ ଟ ୬୯

ସହର କଟକ ଚଉଧୁରୀବଜାର ପ୍ରିଣ୍ଟିଂ କମ୍ପାନି ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା,—

ପ୍ରଥମବାର ପ୍ରକାଶେ ଧାଡ଼ିପ୍ରତି ।୦ ଓ ଅର୍ଦ୍ଧସ୍ତମ୍ଭକୁ ଟ ୨୯ ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ୩୯ ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ଉହିଁର ସର୍ବା ।୦ ଠାରୁ ଊଣା ହେବ ନାହିଁ। ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଉକ୍ତ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ। ଅଧିକ ଥର ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ। ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ।

## NOTICE.

To remove the widely felt want of a respectable Dispensary for the supply of fresh medicines and the dispensing of prescription by duly qualified men as also to place competent medical advice gratis within the reach of people who cannot afford to command the services of an assistant surgeon at their private residence, the undersigned will open a Chemists and Druggists' shop near the Cantonment market. The Dispensary has already been opened and it is called "Edward Medical Hall" Dr. A. C. Syam an assistant surgeon of considerable experience will attend the Dispensary every morning from 8 to 9 A. M. and can be consulted during that hour free of charge. The public are respectfully requested to give the Dispensary a trial.

JAGADANAND MOHAPATRA
*Hospital Assistant.*

## NOTICE.

It is hereby notified for general information that the Municipal Commissioners' of Cuttack at their meeting held on the 5th June 1905 have by Resolution No. IV extended the provisions of the Section 236 of Act III (B. C.) of 1884 (Bengal Municipal Act) to be applied to the houses on both sides of the main Road from the Municipal Despensary to the Cantonment limit so that the external roofs and walls of huts or other buildings which may hereafter be erected or the roofs or walls of which may hereafter be removed or repaired within the portion of the main Road as afforsaid, shall not be made of grass, leaves, mats or other inflammable materials.

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଗତ ୧୯୦୫ ସାଲ ଜୁନ ମାସ ୫ ତାରିଖରେ କଟକ ମ୍ୟୁନିସିପାଲ କମିଶନରମାନଙ୍କର ଅଧିବେଶନରେ ଅବଧାରିତ ହୋଇଥିବା ଚତୁର୍ଥ ନିର୍ଦ୍ଧାରଣ କ୍ରମେ ବଙ୍ଗୀୟ ସନ ୧୮୮୪ ସାଲର ୩ ଆଇନର ୨୩୬ ଧାରା ମର୍ମମାନ କଟକ ମ୍ୟୁନିସିପାଲ ଡାକ୍ତରଖାନାଠାରୁ କେଣ୍ଟନମେଣ୍ଟ ସୀମା ପର୍ଯ୍ୟନ୍ତ ସଦର ରାସ୍ତାର ଉଭୟ ପାର୍ଶ୍ୱସ୍ଥ ଘର ବାଡ଼ିମାନଙ୍କରେ ପ୍ରୟୋଗ ହୋଇଅଛି। ଏତଦ୍ଦ୍ୱାରା ଉପରୋକ୍ତ ସୀମା ମଧ୍ୟସ୍ଥ ଘର ବାଡ଼ିରେ ଓ ଅନ୍ୟାନ୍ୟ ଘରମାନଙ୍କର ବହିର୍ଦ୍ଦେଶର ଛାତ ଓ ପାଚେରିମାନ ଯାହା ଏ ଉତ୍ତାରେ ତିଆରି ହେବ ଅଥବା ସେହି ସବୁ ନୂତନ ନିର୍ମିତ ଅବା ମରାମତି ହେବ ତାହା ଘାସ, ପତ୍ର, ତାଳପତ୍ର, ଏବଂ କୌଣସି ଅଗ୍ନି ଉଦ୍ଦୀପକ ଦ୍ରବ୍ୟ ଦ୍ୱାରା ଗଠିତ ହେବ ନାହିଁ।

Cuttack Municipal office } Ramsankar Roy
14-6-1905 } Chairman

## NOTICE.

Wanted at once a Treasurer for the 1st class Treasury at Cuttack.

The pay of the appointment is Rs. 80 p. m. and cash security of Rs. 15000 is required. There is a prospect of the pay being raised to Rs. 100-p. m. if additional security of Rs. 5000 is furnished.

Applications will be received up to the 7th July next by the Collector.

Cuttack Collectorate } T. R. Godfrey
The 6th June 1905 } *Treasury Officer.*
W. R. C. Mosrut
Dy. Collector in charge
for Collector.

## NOTICE.

Wanted from the 1st of August 1905, a manager for the Darpan Estate on a monthly consolidated pay of Rs. 200. One with Zamindary experience will be preferred. He shall have to furnish a sequrity of Rs. 10000.

Apply to Babu Behary Lal Pandit & others, Executors, Darpan Estate, Chandnichauk Cuttack.

CUTTACK, } BEHARI LAL PANDIT
13-6-1905 } *Executor, Darpan Estate.*

## ବିଜ୍ଞାପନ।

ପ୍ରଜାବନ୍ଧୁ।

ଉତ୍କଳର ଗଞ୍ଜାମରେ ସମ୍ପାଦିତ, ସର୍ବତ୍ର ପ୍ରଶଂସିତ ଦ୍ୱିଭାଷୀ ସାପ୍ତାହିକ ସମ୍ବାଦପତ୍ର 'ପ୍ରଜାବନ୍ଧୁ' ଦ୍ୱିତୀୟ ବର୍ଷ ଅତିକ୍ରମ କରି ଏବେ ଚତୁର୍ଥବର୍ଷରେ ପଦାର୍ପଣ କରିଅଛି। ଗ୍ରାହକଙ୍କ ଉତ୍କଳିଙ୍କରେ ଏହାର ସ୍ୱତନ୍ତ୍ର ସମ୍ପାଦକ ଅଛନ୍ତି। ତେଣୁ ଓଡ଼ିଆ ଓ ତେଲୁଗୁ ଲେଖକ ମାନଙ୍କ ପ୍ରବନ୍ଧ ଏହି ପତ୍ରରେ ପ୍ରକାଶିତ ହୁଏ। ପତ୍ର ଲେଖିଲେ ଏକ ସଂଖ୍ୟା ନମୁନା ସ୍ୱରୂପ ପଠାଯିବ। ଅଗ୍ରୀମ ବାର୍ଷିକ ମୂଲ୍ୟ ଏକ ଟଙ୍କା ଆଠଅଣା ମାତ୍ର ଓ ଉତ୍କଳମଧ୍ୟସ୍ଥ ଗ୍ରାହକ ପକ୍ଷରେ ଅଗ୍ରୀମ ବାର୍ଷିକ ମୂଲ୍ୟ ଏକାର ଅଣା, ପ୍ରତିସଂଖ୍ୟାର ମୂଲ୍ୟ ଏକଅଣା ମାତ୍ର।

ମେନେଜର-ପ୍ରଜାବନ୍ଧୁ, ବ୍ରହ୍ମପୁର, ଗଞ୍ଜାମ।
୧୮।୬।୦୫ ଶ୍ରୀ ନୀଳମଣି ପଟ୍ଟନାୟକ

Digitized by srujanika@gmail.com

# ନବଗନ୍ଧ ।



ଏହା କବିରାଜଙ୍କ ଓ ବନୌଷଧି ପରୀକ୍ଷିତ, ଯୁରୋପ ଏହାର ଉପକାରିତା ବିଷୟରେ ବିଜ୍ଞାପନର ଅନୁସାର ଅନୁମୋଦନ ।

୧ । ଅକୃତ୍ରିମ ବଟିକା—ପ୍ରସୂତରେ ଅମୃତ । ଏହାଦ୍ୱାରା ଗାତ୍ର, ଏକ୍ଷିର, ହସ୍ତ, ଦେହ ଓ ଗର୍ଭଜନ୍ମ, ଦୁର୍ବଳ ଏବଂ ବାଳକ ସମ୍ବନ୍ଧୀୟ ରୋଗ, ସ୍ତ୍ରୀଲୋକ ଓ ପୁରୁଷଙ୍କ ସମସ୍ତ ରୋଗରେ ଅବ୍ୟର୍ଥ ସର୍ବପ୍ରକାର ଦୂର ଅବସ୍ଥାନ ମଧ୍ୟରେ ଅବ୍ୟର୍ଥ ... ସ୍ଥିର ଡବା ( ୧୪ ବଟିକା ) ଟ ୦୧୦ ଛ ୬ ସ୍ଥିର ଡବା ( ୫୦ ବଟିକା ) ଟ ୧୦ । ଛ ୫ ସ୍ଥିର ଡବା ( ୫୦ ବଟିକା ) ଟ ୧୩୦ ।

୨ । ବଡ଼ୁ ଡାକରେକ୍ସ—ଏହା ଡାଗଣ, ପେଟଶୂଳ, ଜ୍ୱର ବା ଉଦରାମୟ ଓ ଅଜୀର୍ଣ୍ଣ ପ୍ରଭୃତି ସର୍ବପ୍ରକାର ଆମ୍ବଳ ପରୀକ୍ଷିତ ଓ ଅମୋଘ, ତାହା ସବୁଣ ଦୂର, ଅଗ୍ନିଦୀପକ ଶୁଦ୍ଧ ଓ ସୁଲଭ ଔଷଧ । ଏଥିରେ ରୋଗ ଘରେ ସମସ୍ତଙ୍କ ଭଲ ହେଲେ ଦେବାର ଯୋଗ୍ୟ । ମୂଲ୍ୟ—୧ ଡବା ଟ ୦।, ଡଜନ ଟ ୨୫

୩ । ଚିତ୍ତ ବାଲାଳକ—ଏଥିରେ ବାତୁ ବୃଦ୍ଧି ପ୍ରଭୃତି ନାନାପ୍ରକାର ଉନ୍ମାଦ ରୋଗରେ ଅବ୍ୟର୍ଥ ହୁଏ ଓ ମାତ୍ରରେ ଥିବା କୀଟାଣୁଗଣ ବଳରେ ନଷ୍ଟ ହୁଅନ୍ତି । ମୂଲ୍ୟ ପ୍ରତିଡବା ଟ ୦।, ପ୍ରତି ଡଜନ ଟ ୨୫ ।

୪ । ଶୀତଳ କାନ୍ତି—ଏଥିରେ ସର୍ବପ୍ରକାର ଘା ଖଣ୍ଡ, ଖର୍ଜ୍ଜୁ, ଖୋସ ପ୍ରଭୃତି ଦୂର ହୁଏ ଓ ... ଲକ୍ଷଣରେ ଅବ୍ୟର୍ଥ ହୁଏ । ... ମୂଲ୍ୟ—୧ ଡବା ଟ ୦। ଓ ଡଜନ ଟ ୨

୫ । ସୁଳଭ ବାଲ୍ୟପ୍ରଦ—ଏଥିରେ ବାଯୁହୀନ, ଉଦ୍ଧ ବା ଅଗ୍ନି ପ୍ରଭୃତି ସର୍ବପ୍ରକାର ରୋଗ ଓ ବେଦନା ଅବିଳମ୍ବେ ଦୂର । ମୂଲ୍ୟ—ପ୍ରତିଡବା ଟ ୫, ଏକ ଡଜନ ଟ ୧୨ ଶା

୬ । ସୁଦେହସୁଧା—ଯୌବନରେ ଦେହର କ୍ଷୀଣତା ପ୍ରଭେଦ ... ଏହା ଖାଇଲେ ଅଜୀର୍ଣ୍ଣ ଦୂର ହୁଏ ... ଏଥିରେ ଦେହର ... ସମସ୍ତ ... ଔଷଧ ଅତ୍ୟନ୍ତ ଉପକାରୀ ... ମୂଲ୍ୟ—ପ୍ରତିଡବା ଟ ୧, ପ୍ରତି ଡଜନ ଟ ୧୦ ଶା

୭ । ଲକ୍ଷ୍ମୀମୂଳ ତୈଳ—ଏହା ନୂତନ ଓ ପୁରାତନ ସର୍ବପ୍ରକାର ବାତରୋଗ ଚେଲରେ ପରୀକ୍ଷିତ ଅବ୍ୟର୍ଥ ଔଷଧ ମୂଲ୍ୟ ଛୋଟ ଟେଣି—ଟ ୦।୦; ବାଉଁଶି ଟ ୧୦ ଶା

୮ । ଅମୃତଭିଷ—ରୋଗର ନାମ ମେହରୋଗ ଦୂର ହୁଏ ଓ ବିର୍ଯ୍ୟ ବୃଦ୍ଧି ସ୍ୱେଦର ଅତ୍ୟନ୍ତ ଅଗ୍ନିବଳବୃଦ୍ଧି ଔଷଧ । ଅଧିକ ଖାଇ ଏଥିରେ ଅନିଦ୍ରା, ଜ୍ୱର ପ୍ରଭୃତି ଗାଡ଼ୀ, ଗ୍ରହଣୀ, ଅତିସାର, ଶୂଳ, ଧାତୁ ପ୍ରଭୃତି ରୋଗ ଅବ୍ୟର୍ଥ ହୁଏ । ମୂଲ୍ୟ—ପ୍ରତିଶିଶି ଟ ୦୩ ଓ ଡଜନ ଟ୧୫ ଶା

୯ । କାମପୂର୍ଣ୍ଣ ତୈଳ—ଏହା ଅପସ୍ମାର, ଅର୍ଦ୍ଧାଙ୍ଗ ଅଙ୍ଗଗତ ଓ ଅସାଧ୍ୟ ଭଙ୍ଗ ବେଦନା ଓ ଅନ୍ୟ ସର୍ବପ୍ରକାର ନୂତନ ଓ ପୁରାତନ ବେଦନାର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ—ଛୋଟ ଶିଶି ଟ ୦୩, ବାଲ ଶିଶି ଟ ୧୦ ଶା

କବିରାଜ ବଂଶର ଚିର ପରୀକ୍ଷିତ ଔଷଧମାନ ଏଠାରେ ବିକ୍ରୟ ହୁଏ ଯଥା—

| | | | | |
|---|---|---|---|---|
| ପିପଳ ଓ ଅର୍କ ମୃତ | ଶିଶି | ଟ ୦୨ | ବାଉଁଶି | ଟ ୧୦ |
| ସାରସ୍ୱତ ଅର୍କ | " | ଟ ୦୩ | " | ଟ ୧୦ |
| ଅଶୋକାଦି ପାଚନ | " | ଟ ୧୨ | " | ଟ ୧୦ |
| ନାରାୟଣ ତୈଳ | " | ଟ ୦୧୦ | " | ଟ ୩ |

ଡାକମାସୁଲ ସ୍ୱତନ୍ତ୍ର ଲାଗିବ

ପ୍ରାପ୍ତିସ୍ଥାନ ।

ଡାକ୍ତର ଶ୍ରୀ ଉପେନ୍ଦ୍ରଚନ୍ଦ୍ର ଦାସ ବାଲେଶ୍ୱର

## ବିଜ୍ଞାପନ ।

## ଯାଦୁରି ଅର୍ଥାତ୍ ମହୌଷଧ

ଏପରି ସଦ୍ୟ ଫଳପ୍ରଦ ମହୌଷଧ ଆଉ ନାହିଁ ।

୩ । କର୍ଣ୍ଣରୋଗାନ୍ତକ—ଏଥିରେ କାନରୁ ପୂଜ ପଡ଼ିବା ପ୍ରଭୃତି ନାନାପ୍ରକାର କର୍ଣ୍ଣରୋଗ ଅତି ସହଜରେ ଆରୋଗ୍ୟ ହୁଏ ଓ କାନରେ ଥିବା କୀଟାଣୁ ସବୁ ବିନଷ୍ଟ ହୁଅନ୍ତି । ମୂଲ୍ୟ ପ୍ରତିଶିଶି ଟ ୦ ।, ଡାକ ଖରଚ ଟ ୵୲ ।

୪ । ଶିରଃଶୂଳାନ୍ତକ—ଏଥିରେ ସର୍ବପ୍ରକାର ମୁଣ୍ଡ ବଥା; ଶୀତ, ଚିନ୍ତାଦିଜ ଓ ପ୍ରଭୃତି ଦୂରହୋଇ ଅତି ସହଜରେ ଓ ଅଳ୍ପ ସମୟରେ ଆରୋଗ୍ୟ ହୁଏ । ଚିନ୍ତାମାନଙ୍କର ଶୀତଳ ଲାଗେ ବା କପାଳ ବା ବାଳ ରଙ୍ଗ ବା ଉପରେ ମର୍ଦ୍ଦନ କରେ । ମୂଲ୍ୟ—ପ୍ରତି ଡବା ଟ ୦ । ଓ ଡାକ ଟ ୵

୫ । ଶୂଳଗଜାଙ୍କୁଶ—ଏଥିରେ ବାୟୁଶୂଳ, ପିତ୍ତ ବା ଅମ୍ଳଶୂଳ ପ୍ରଭୃତି ସର୍ବପ୍ରକାର ଶୂଳ ଓ କୋଷ୍ଠବଦ୍ଧ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତିଶିଶି ଟ ୫।; ଡାକ ଖରଚ ଟ ୵୲ ଣା ।

୬ । ପ୍ରମେହସୁଧା—ଯୌବନର ପ୍ରଥମାବସ୍ଥାରେ ପ୍ରମେହ ରୋଗ ଏଥିରେ ପରମଶତ୍ରୁ । ଏହା ଗର୍ଭରେ ଆକ୍ରମଣ କଲେ ଉପଦଂଶର ସ୍ୱଳ୍ପତା ଆସିବାକୁ ପାଏ ନାହିଁ କରେ ଏପରି ଲକ୍ଷଣ ରୋଗର ବହିଲେ ରକ୍ଷା ପାଇବାପାଇଁ ଏକ ମାତ୍ର ଔଷଧ ପ୍ରମେହସୁଧା । ଏଥିରେ ରୋଗର ବଳ ସମ୍ପୂର୍ଣ୍ଣରୂପେ ଶରୀରରୁ ନଷ୍ଟ ହୁଏ ଓ ୨୪ ଘଣ୍ଟା ମଧ୍ୟରେ ଜ୍ୱାଳା ଯନ୍ତ୍ରଣା ନିବାରଣ ହୁଏ । ଏହା ରୋଗ ଆରୋଗ୍ୟ ଓ ବଳକାରକ ହେଉଥିବାରୁ ଦୌର୍ବଲ୍ୟ ନାଶ ଏବଂ ଅଗ୍ନିମାନ୍ଦ୍ୟ ଓ ଅନ୍ୟ କାହାର ଉପଦ୍ରବ ନାହିଁ; ଅପ୍ରତିହତ ଅମୋଘ ଔଷଧ । ମୂଲ୍ୟ—ପ୍ରତିଶିଶି ଟ ୧୲; ଡାକଖର୍ଚ୍ଚ ଟ ୵୲ଣା

୭ । କର୍ଣ୍ଣାମୃତ ତୈଳ—ଏହା ନୂତନ ଓ ପୁରାତନ ସର୍ବପ୍ରକାର କାନପାକ ରୋଗର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ ପ୍ରତି ଶିଶି—ଟ ୦ ।୶; ଡାକଖର୍ଚ୍ଚ ଟ ୶ ଣା

୮ । ଅମୃତରସ—ଯେପରି ନାମ ସେହିପରି ଗୁଣ ତରଳା ଓ ଓଲଟା ରୋଗର ଅତ୍ୟନ୍ତ ଆଶୁଫଳପ୍ରଦ ଔଷଧ । ଅଳ୍ପ ମାତ୍ରା ଏଥିରେ ଅମଳଶୂଳ, ଜୀର୍ଣ୍ଣଯୁକ୍ତ ପାତଳ ଝାଡ଼ା, ଗ୍ରହଣୀ, ଅତିସାର, କାଶ, ଛର୍ଦ୍ଦି ପ୍ରଭୃତି ରୋଗ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତିଶିଶି ଟ ୦୲ ଓ ଡାକ ଟ ୶ ଣା

୯ । ଶିରଃପୀଡ଼ାତୈଳ—ଏହା ଅର୍ଦ୍ଧଶିର, ଅଣ୍ଡଗର୍ଭି ଅନ୍ନଭାତ ଓ ଅସାଡ ଜନିତ ବେଦନା ଓ ଅନ୍ୟ ସର୍ବପ୍ରକାର ନୂତନ ଓ ପୁରାତନ ବେଦନାର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ—ପ୍ରତି ଶିଶି ଟ ୦୲, ବାର ଶିଶି ଟ ୶ ଣା

ନବରତ୍ନ ବ୍ୟତୀତ ନିମ୍ନ ଲିଖିତ ଔଷଧମାନ ଏଠାରେ ବିକ୍ରୟ ହୁଏ ଯଥା—

| | | | | |
|---|---|---|---|---|
| ଟିପଲ ଏ ଅର୍କ ପ୍ରତି ଶିଶି | ଟ ୦୲ | ଡାକଖର୍ଚ୍ଚ | ଟ ୶ |
| ପାକସ୍ଥଳୀ ଅର୍କ | „ | ଟ ୦୲ | „ | ଟ ୶ |
| ଅମୃତାନ୍ଧ ଗାଲସା | „ | ଟ ୧୲ | „ | ଟ ୧୶ |
| ମାଳତୀକୁସୁମ ତୈଳ | „ | ଟ ୦୲୶ | „ | ଟ ୭ |

ଡାକମାସୁଲ ସ୍ୱତନ୍ତ୍ର ଲାଗିବ

ପ୍ରାପ୍ତିସ୍ଥାନ ।

ଡାକ୍ତର ଶ୍ରୀ ଉଷାକରଚନ୍ଦ୍ର ଦାସ ବାଲେଶ୍ୱର

## ବିଜ୍ଞାପନ ।

# ଯାଦୁର ଅବ୍ୟର୍ଥ ମହୌଷଧ

ଏପରି ସଦ୍ୟ ଫଳପ୍ରଦ ମହୋପକାରୀ ଔଷଧ ଆଉ ନାହିଁ ।

ଯେଉଁମାନେ ନାନାପ୍ରକାର ଯାଦୁରୋଗର ଅସହ୍ୟ ଯନ୍ତ୍ରଣା ଭୋଗୁଅଛନ୍ତି, ଯେଉଁମାନେ ଅନେକ ପ୍ରକାର ଉପାୟ କରି ମୁଦ୍ରା ବ୍ୟୟ ବା ନିଷ୍ଫଳମନୋରଥ ହୋଇଅଛନ୍ତି, ନାନା ଜ୍ୱାଳା ଯନ୍ତ୍ରଣାରେ ନର୍କୋପମରୂପେ, ଖାଦ୍ୟରୂପେ ଏ ରୋଗ ଦାରିଦ୍ର୍ୟ ମାଡ଼ ଯାତନାର ଅନୁଭବ କରନ୍ତି ସେମାନେ ଏହି ସର୍ବକାଳର ସୁପରୀକ୍ଷିତ ସହ ୨ ଲୋକଙ୍କର ପ୍ରଶଂସିତ ମହୌଷଧକୁ ଥରେ ମାତ୍ର ପରୀକ୍ଷା କରି ଦେଖନ୍ତୁ । ନତୁବା ଦେହର ଯାଦୁ କଦାଚ ପଶୁ ଦେହରେ ମାଡ଼ିଯିବା ଯାଏ ପର୍ଯ୍ୟନ୍ତ ଭଲ ହୋଇ ଯାଉଅଛି । ଏହା ବ୍ୟବହାର ଫଳରେ ବହୁସଂଖ୍ୟକ ଅନ୍ତର୍ଯ୍ୟାତନାର । ଏ ଔଷଧରେ ଏପର୍ଯ୍ୟନ୍ତ ବହୁ ସହସ୍ର ଲୋକ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ଲାଭ କରିଅଛନ୍ତି ।

ମୂଲ୍ୟ ୧ ଡବା ଟ ୦।୶, ୩ ଟ ୧, ୬ ଟ ୧୲, ୧୨ ଟ ୩

# କାଟୁର ମହୌଷଧ ।

ସର୍ବପ୍ରକାର କାଟୁ ବା ଘାଉ, କୁଣ୍ଡିଆଣ; ନାନାପ୍ରକାର ଚର୍ମରୋଗ ରୋଗ, ଘା ଉପରେ ଏ ଔଷଧର ଅସୀମ କ୍ଷମତା ଅଛି । ଏ ସବୁ ରୋଗରେ ଏହି ଔଷଧ ଲଗାଇଦେଲେ କୌଣସିପ୍ରକାର ଯନ୍ତ୍ରଣା ନ ହୋଇ ଅତଅଳ୍ପ ମଧ୍ୟରେ ରୋଗ ନିର୍ମୂଳରୂପେ ଦୂର ହୋଇଥାଏ । ଅନେକେ ଏହାର ଏମନ୍ତ ଚମତ୍କାର ଶକ୍ତି ଦେଖି ବହୁତ ହୋଇ ଧନ୍ୟ ଧନ୍ୟ କରୁଅଛନ୍ତି । ଅଳ୍ପକାଳ ମଧ୍ୟରେ ଏହା ସମାଜ ପ୍ରଶଂସା କରିବାପାଇଁ ନାନାଧିକାରୀଙ୍କଠାରେ ସମାନ ଆଦର ପାଉଅଛି ପରୀକ୍ଷା କରିଲେ କାହାକୁ ଏହିମାନ କହୁପାରନ୍ତି ।

ମୂଲ୍ୟ ୧ ଡବା ଟ ୦୲, ୩ ଟ ୧୶, ୬ ଟ ୨୶, ୧୨ ଟ ୩ ।

ପ୍ରାର୍ଥିମାନଙ୍କୁ ନିଜନିଜର ନାମ, ଗ୍ରାମ, ଡାକଘର, ଜିଲ୍ଲା ଏବଂ କାହାର କେଉଁ ଔଷଧକୁ ଦେବେଇବା ଆବଶ୍ୟକ ସ୍ପଷ୍ଟରୂପେ ଏ ସବୁ କଥା ଲେଖିବେ ।

ଏକମାତ୍ର ପ୍ରାପ୍ତିସ୍ଥାନ ।

ଶ୍ରୀ ରାମଲାଲ ସେନ

ରେଣ୍ଟ ଉତ୍କଳପ୍ରେସ, ବା ମା ବ୍ରଜ ୭ ଟ; ବାଲେଶ୍ୱର ।

## ବିଜ୍ଞାପନ ।

ଜଗଦ୍‌ବିଖ୍ୟାତ ଭାରତୀୟ ସୁବର୍ଣ୍ଣର ଅଳଙ୍କାର ନକଲ ହୋଇ ବଜାରେ ଅସାଧ ।—ପ୍ରିୟ ପ୍ରଚପାଳକ ଓ ବନ୍ଧୁବର୍ଗ

ଅସ୍ମାନଙ୍କର ବର୍ଣ୍ଣିତ ଭାରତ ଦେଶୀୟ ସୁବର୍ଣ୍ଣାଲଙ୍କାର ଅଳ୍ପ ମୂଲ୍ୟରେ ମିଳୁଥିବା ସବୁ ଜାଣି ଆପଣମାନେ ବହି ମୂଲ୍ୟ ସୁବର୍ଣ୍ଣାଲଙ୍କାର କ୍ରୟ କରିବାକୁ ଆପଣାର ଟଙ୍କା ଭିଜ କରି ଭଜିବ ।

ଅସ୍ମାନଙ୍କର ନକଲମାନ, ଅଳ୍ପ, ଉଠ ୧୫ ବର୍ଷ ଭଲ ଅଟେ । ଭ ଶତ ଭଲିଷ୍ଟ ପ୍ରକୃତ ନକଲରେ ଅପେକ୍ଷା କୌଣସି ପ୍ରକାରେ ନିକୃଷ୍ଟ ନୁହେ । ଅସ୍ମାନଙ୍କର ନକଲ ଅଳଙ୍କାର ମାନ ପ୍ରକୃତ ସ୍ୱର୍ଣ୍ଣାଲଙ୍କାର ସଦୃଶ ତୁଲ୍ୟ ହୋଇପାରେ ସୁବର୍ଣ୍ଣ ଜହ୍ରିମାନେ ମଧ୍ୟ ଭର୍ତ୍ତିରେ କୌଣସି ଦୋଷ ଦେଖାଇବାକୁ ଅକ୍ଷମ, ।

ସମ୍ଭ୍ରାନ୍ତ ବ୍ୟକ୍ତି ଓ ମହିଳାମାନଙ୍କର ଉପହାର ମୂଲ୍ୟ




| | |
|---|---|
| ୧ ର ମର୍ଦ୍ଦନାଙ୍କିତ ମୁଦ୍ରା | ଟ ୧। |
| ୧ ମୋହର ଯୁକ୍ତ ମୁଦ୍ରା | ଟ ୧( |
| ୨ ଦଳାହ୍ ଅଙ୍ଗୁଷ୍ଠ | ଟ ୧( |
| ୩ ମୋହର ଯୁକ୍ତ ମୁଦ୍ରା; ସ ର୍ଦ୍ଧ ପଙ୍କାସ ଡବି ୪ ହାର ଅଳଙ୍କୃତ ଓ ଛଡ଼ି ଛଡ଼ି ଯୁକ୍ତ | ଟ ୧। |
| ୫ ଏକଖଣ୍ଡ ହୀରକ ଯୁକ୍ତ ନକ୍ଷତ୍ରାକାର ମୁଦ୍ରା | ଟ ୧୲ |
| ୬ ସର୍ପଫଣାରେ ଏକଖଣ୍ଡହୀରକ ଯୁକ୍ତ ମୁଦ୍ରା | ଟ ୧୲ |
| ୭ ଫଣାରେ ହୀରକ ଓ ଲାଲବାନ୍ତ ମଣିବସା ଯୁଗଳ ସର୍ପଯୁକ୍ତ ମୁଦ୍ରା | ଟ ୨ |
| ୮ ଗ ୨ ଖଣ୍ଡ ହୀରକ ଓ ଏକଖଣ୍ଡ ଚୁନିବସା ନକ୍ଷତ୍ର ଶସ୍ୟ ଯୁକ୍ତ ମୁଦ୍ରା | ଟ ୨ |
| ୯ ଏକଖଣ୍ଡ ଲାଲବାନ୍ତ ମ ଓ ଗ ୨ ଖ ଚୂଡ଼ା ବସା ମୁଦ୍ରା | ଟ ୨ |
| ୧୦ ହୃତ୍ ଯୁଗଳ ମଧ୍ୟସ୍ଥିତ ପାନସୁନ୍ଦ ମୁଦ୍ରା | ଟ ୧। |
| ୧୧ ମୋହର ଯୁକ୍ତ ତଥଙ୍କାକୃତି ମୁଦ୍ରା | ଟ ୧( |
| ୧୨ ଗୁଳ ମୁକୁଟାକାର ମୋହର ଯୁକ୍ତ ମୁଦ୍ରା | ଟ ୧( |

ବଣ୍ଡମନେ୍ୟ ଉପହାର

ଏକ ଡାଉଜନ୍ ଏକ ଡଜନ ମୁଦ୍ରାର ନେବା ଏକଯୋଗ ଗ୍ରାହକମାନେ ଏହି ମୂଲ୍ୟ ଘଡ଼ିର ଯୁକ୍ତ ନେବେ ଜଣିତ ଘଡ଼ି ନେବେ, ସହୁତ ଉପହାର ପାଇବେ । କମ୍ପାନୀ ୨ ୫ ସହାସ ଉଚିତ କରାଇ ଦେବେ, ପରୀକ୍ଷା ପ୍ରଭୃତି ଅନେକ ପ୍ରାର୍ଥନା କରୁଅଛୁ । ଅଡେଏ ହେଲେ ସମସ୍ତ ପତ୍ର ଏବଂ ରେ ଅଧ ପଠାଇ ଦେଇପାରେ । ପାର୍ସେଲ, ଡାକଘର ଓ ଭି, ପି, କମିଶନ ଇତ୍ୟାଦି ମୂଲ୍ୟ ସଙ୍ଗେ ଯୋଗ ହେବ ଇଂରାଜୀରେ ନାମ ଓ ଠିକଣା ଲେଖି ପଠାଇବା ଆବଶ୍ୟକ ନିମ୍ନଲିଖିତ ଠିକଣାକୁ ଅର୍ଡର ପଠାଇବା ହେବେ ।

Apply to The Manager—
The Inland Agency & Co.
21 Kupalitollah L,
Bowbazar Calcutta

Digitized by srujanika@gmail.com

Split by PDF Splitter



# NOTICE.

Wanted five (5) Sub Inspectors on Rs. 30 each for the Mourbhanj State Police.

Persons dismissed from Government service or under 5'-4" in height, 31 inches round the chest and over 30 years of age need not apply.

Preference will be given to those who have a good knowledge in English and experience in Police work.

Applications will be received till the 15th of July 1905.

Baripada The 27th June 1905 } J. E. Huggins Inspector in charge Police office, Mourbhanj.

## A Public Lecture.

Babu Madhusudan Rao will deliver a lecture in English, in connection with the 36th Anniversary of the Utkal Brahma Samaj, on "The fore-most question of human life" in the Cuttack Town Victoria School at 7 P. M. on Saturday the 1st July 1905. Gentlemen are respectfully invited to attend.

30-6-1905 } VISVANATH KAR, Secretary, Utkal Brahma Samaj.

## NOTICE

Is hereby given that the following scholarships (2 senior and 3 junior) tenable under the Cuttack District Board for two years at the Revenshaw College are vacant. Candidates are invited to apply to the Chairman of the Cuttack District Board before the 20th July in the following form. The senior scholarships are available to the boys who have passed the F. A. Examination and who wish to go up for the B. A. degree, and the junior to those who after passing the Entrance Examination want to prosecute their studies in the above College for the First Arts.

SENIOR SCHOLARSHIPS

2 Mayo scholarships at Rs. 10 each.

JUNIOR SCHOLARSHIPS

1 Dhenkanal Do. @ Rs. 7
1 Talcher Do. @ Rs. 7
1 Mourbhanj Do. @ Rs. 7

FORM OF APPLICATION

1. Name of candidate.
2. Name of his guardian and his occupation.
3. Residence temporary or permanent.
4. What examination the candidate has passed and in what division, whether in first chance or otherwise.
5. Name of the school and the class in which he is reading.
6. Certificate from respectable persons about the character and circumstance of the candidate.
7. Remarks giving other particulars which the candidate may wish to give.

Cuttack Dt. Bd's office The 20th June 1905 } J. C. Chander Vice-Chairman

# ଉତ୍କଳଦୀପିକା ।

କଟକ ଆଦର୍ଶ କୃଷିକ୍ଷେତ୍ର ନିମନ୍ତେ । ପ୍ର ବାଣସବାଦ ମୌଜେ ଉଦମୁଲ, ବିଦ୍ୟାଧରପୁର ଓ ନଣ୍ଡିଟ୍ଲେରେ ଅନୁଭ ୯ ଏକର ୩୯ ଡେସିମଲ ଜମି ସରକାର ବ୍ୟୟରେ ଖରିଦ ହେବାର ବିଜ୍ଞାପନ ଗତ କଲିକତା ଗେଜେଟରେ ବାହାରିଅଛି ।

ଗତ ବୁଧବାରଠାରୁ ମେଘ ବାହାର ମୌସୁମ ବର୍ଷା ଉପସ୍ଥିତ ହୋଇଅଛି । ଗତବର୍ଷ ତା୧୫ରଖ ଜୁନରେ ବର୍ଷାକାଳ ଆରମ୍ଭ ହୋଇଥିଲା । ଏଥର ଏକପକ୍ଷ ବିଳମ୍ବ ହେଲା । ମାତ୍ର ତହିଁରେ ବିଶେଷ କିଛି କ୍ଷତି ହେବାର ଜଣା ଯାଉ ନାହିଁ । ଏ ବୃଷ୍ଟି ଆରମ୍ଭ ହୋଇ କୃଷିମାନଙ୍କର ବର୍ତ୍ତମାନ ଚିନ୍ତା ଦୂର କରି ଦେଇଅଛି ।

କେନ୍ଦ୍ରାପଡ଼ାର ପୁଲିସ ସବଇନସ୍ପେକ୍ଟର ବାବୁ ଖଗେନ୍ଦ୍ରଚନ୍ଦ୍ର ଗୁପ୍ତ ଗତକାଲରେ ଘୋଷଣରେ ପଲଟରେ ଅନ୍ୟାୟ ପ୍ରବେଶ ଅପରାଧରେ ଏକବର୍ଷ କଏଦଦଣ୍ଡ ପାଇ ଜଜ ସାହେବଙ୍କଠାରେ ଅପିଲ କରି ବିଫଳ ହୋଇ ଶେଷରେ ହାଇକୋର୍ଟରେ ଅପିଲ କରିଥିଲେ । ହାଇକୋର୍ଟ ଅପିଲ ନାମଞ୍ଜୁର କରି ଦଣ୍ଡ ବାହାଲ ରଖିଅଛନ୍ତି ।

ଗତମାସ ତା ୭ ରଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୪,୮୮୩ ମୃତ୍ୟୁ ହୋଇଥିଲା, ଯଥା—ବମ୍ବେରେ ୩୬୦, ବଙ୍ଗରେ ୨୮୯, ଯୁକ୍ତପ୍ରଦେଶରେ ୩୯୭, ପଞ୍ଜାବରେ ୩,୩୮୬ ଏବଂ ରାଜପୁତାନାରେ ୨୮୬ ଅବଶିଷ୍ଟ କେତେଟା ମୃତ୍ୟୁ ମାନ୍ଦ୍ରାଜ, ବ୍ରହ୍ମ ଏବଂ ମହୀଶୂରରେ ଘଟିଥିଲା । ଏଥିପୂର୍ବ ସପ୍ତାହର ମୃତ୍ୟୁ ୭,୪୮୭ ଥିଲା ।

ସମ୍ମିଳନୀର କାର୍ଯ୍ୟନିର୍ବାହକ ସମିତିର ଗତ ଅଧିବେଶନରେ ଶ୍ରୀ ଭଗବାନ ମହାପାତ୍ରଙ୍କ ତନ୍ତୁଶିକ୍ଷାର ବୃତ୍ତି ବନ୍ଦ କରିବା ନିମନ୍ତ ସ୍ଥିରୀକୃତ ହୋଇଥିଲା କିନ୍ତୁ ସେ କଲିକତାରେ ବି, ଏମ, ସି, ଛଡ଼ା ପଢ଼ିବାକୁ ଅସ୍ୱୀକୃତ ହେବାରୁ ତାଙ୍କ ପରବର୍ତ୍ତୀ ପ୍ରାର୍ଥୀ ଶ୍ରୀ ଗୋପାଳଚନ୍ଦ୍ର ପାଇକ ଉକ୍ତ ବୃତ୍ତି ପାଇବା ବିଷୟ ବିବେଚିତ ହେବା ନିମନ୍ତ ସମିତିର ସଭ୍ୟଗଣଙ୍କୁ ଅନୁରୋଧ କରାଯାଇଅଛି ।

ବାଲେଶ୍ୱର ମିଉନିସିପାଲିଟୀର ଅଷ୍ଟମଭାଗ ବଢ଼ାଇବା ସମ୍ବନ୍ଧରେ ଏଥିପୂର୍ବେ ଗବର୍ଣ୍ଣମେଣ୍ଟରୁ ଯେଉଁ ବିଜ୍ଞାପନ ବାହାରିଥିଲା ତହିଁ କରୁଣ୍ଟରେ କେହି ଆପତ୍ତି ନ କରିବାରୁ ମାନ୍ୟବର ଗବର୍ଣ୍ଣର ତାହା ମଞ୍ଜୁର କରି ଗତ କଲିକତା ଗେଜେଟରେ ତହିଁର ବିଜ୍ଞାପନ ଦେଇଅଛନ୍ତି । ବର୍ତ୍ତମାନ ବାଲେଶ୍ୱର ମିଉନିସିପାଲିଟୀର ଯେଉଁ ସୀମା ଧାର୍ଯ୍ୟ ହେଲା ତହିଁର ବିବରଣ ଉକ୍ତ ବିଜ୍ଞାପନରେ ପ୍ରକାଶିତ ହୋଇଅଛି ।

ରଙ୍ଗପୁର ଜିଲ୍ଲା ଦୀମଲର ରାଜା ଜାନକୀବଲ୍ଲଭ ସେନ ରଙ୍ଗପୁରରେ ଆଦର୍ଶ କୃଷିକ୍ଷେତ୍ର ସ୍ଥାପନ ନିମନ୍ତେ ଟ ୮୦୦୦୦୲ ଟଙ୍କା ଦାନ କରିଅଛନ୍ତି । ଛୋଟଲାଟ ବାହାଦୁର ଉକ୍ତ ଦାନ ଗ୍ରହଣ କରି ତାଙ୍କୁ ଧନ୍ୟବାଦ ପ୍ରଦାନ କରିଥିବା ବିଷୟ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । କୃଷିର ଉନ୍ନତି ବିଷୟରେ ରାଜା ଓ ଜମିଦାରମାନଙ୍କର ଏପ୍ରକାର ବଦାନ୍ୟତା ଅତ୍ୟନ୍ତ ହିତକର ଅଟେ ।

ଉତ୍କଳସମ୍ମିଳନୀ ଫଣ୍ଡରେ ନିମ୍ନଲିଖିତ ଚାନ୍ଦା ସଂଗ୍ରହ ହୋଇଅଛି :—

| | |
|---|---|
| ବାବୁ ରାମଚରଣ ମିଶ୍ର ବଡ଼ବି | ଟ ୫୦ |
| ଏ, ପର୍ଣ୍ଣଶ୍ରମ ପାତ୍ର କଲଦମ୍ପୁର | ଟ ୫୦ |
| ଶ୍ରୀଯୁତ ମହାରାଜା । ବ । ମୟୂରଭଞ୍ଜ | ଟ ୧୦୦୦ |

ଗତ ତା ୩ ରଖ ଜୁନରେ ପ୍ରକାଶିତ ଟ ୧୩୭୦୲ ଙ୍କ ସହିତ ମୋଟ ଟ ୨୪୭୦୲ ଙ୍କ ଚାନ୍ଦା ହେଲା । ଅପର ଦେଶହିତୈଷୀମାନେ ଏହି ଦାନରେ ତତ୍ପର ହୋଇ ସ୍ୱଦେଶର ଗୌରବ ରକ୍ଷା କରନ୍ତୁ ।

ରୁଷ ଜାପାନ ଯୁଦ୍ଧର ସନ୍ଧିପ୍ରସ୍ତାବର ବିଚାର ନିମନ୍ତେ ଉଭୟ ପକ୍ଷର ପ୍ରତିନିଧିମାନେ ଆଗାମୀ ଅଗଷ୍ଟମାସ ତା ୧ ରିଖରେ ମାର୍କିନ ସହରରେ ଉପସ୍ଥିତ ହେବାର ଠିକ ହୋଇଥିଲା । ବର୍ତ୍ତମାନ ରୁଷ ଓ ଜାପାନ ପ୍ରେସିଡେଣ୍ଟ ରୁଜଭେଲ୍ଟଙ୍କୁ ଜଣାଇଅଛନ୍ତି ଯେ ସେମାନଙ୍କର ପ୍ରତିନିଧିମାନେ ଆଗାମୀ ଅଗଷ୍ଟ ମାସର ପ୍ରଥମ ପକ୍ଷ ମଧ୍ୟରେ ଆମେରିକାର ଯୁକ୍ତପ୍ରଦେଶରେ ଉପସ୍ଥିତ ହେବେ । ଏଥିରୁ ବୋଧ ହେଉଅଛି ଉଭୟଦେଶ ସନ୍ଧି କରିବା ନିମନ୍ତେ ତତ୍ପର ଅଛନ୍ତି ଓ ଶୀଘ୍ର ଗୋଟାଏ ମୀମାଂସା ହେବ ।

ଭାରତ ପାର୍ଲିଆମେଣ୍ଟ ସଭାରେ ପ୍ରକାଶ ହୋଇଥିବା ଏକ କାଗଜରୁ ପ୍ରକାଶ ଯେ ଗତ ୪ ବର୍ଷ ଭାରତରେ ପ୍ଲେଗରୋଗଦ୍ୱାରା ନିମ୍ନଲିଖିତ ମୃତ୍ୟୁ ଘଟିଥିଲା । ଯଥା ସନ୍ ୧୯୦୧ ସାଲରେ ୨,୭୩,୬୭୯, ସନ ୧୯୦୨ ସାଲରେ ୫,୭୭,୪୨୭, ସନ ୧୯୦୩ ସାଲରେ ୮,୫୧,୦୬୩ ଏବଂ ସନ ୧୯୦୪ ସାଲରେ ୧୦,୨୨,୨୯୯ ଏଥିରୁ ଦେଖାଯାଏ ପ୍ରତିବର୍ଷ ବୃଦ୍ଧି ୨୫ ଲକ୍ଷକୁ.

Digitized by srujanika@gmail.com

ଉଣା ହେବ ଏବଂ ଗତବର୍ଷର ମୋଟ ସ୍କୁଲ ଯେ ଉଣା ହେବ ତହିଁର ମଧ୍ୟ କିଛି ସନ୍ଦେହ ଦେଖାଯାଉ ନାହିଁ ।

ଶିବପୁର ଇଞ୍ଜିନିୟରିଂ କଲେଜର ପ୍ରିନ୍ସିପାଲ ବିଜ୍ଞାପନ ଦେଇଅଛନ୍ତି କି ଯେଉଁମାନେ ସେହି କଲେଜର ଉଚ୍ଚ ବୃତ୍ତିଶ୍ରେଣୀରେ ଭରତି ହେବାକୁ ଇଚ୍ଛାକରନ୍ତି ସେମାନେ ଏହି ଜୁଲାଇ ମାସ ତା ୧୪ ରଖ ମଧ୍ୟରେ ପ୍ରିନ୍ସିପାଲଙ୍କ ନିକଟରେ ଆବେଦନ କରିବେ । ଯେଉଁମାନେ କଲିକତା ବିଶ୍ୱବିଦ୍ୟାଳୟର ଏଫ୍, ଏ, ପରୀକ୍ଷାରେ ଅଥବା ବି, ଏ, ପରୀକ୍ଷାର ବି କୋର୍ସରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏବଂ ବୟସରେ ବ ୨୩ ବର୍ଷରୁ ନ୍ୟୂନ ଅଟନ୍ତି ଏବଂ ଗବର୍ଣ୍ଣମେଣ୍ଟରୁ ନିଯୋଗ ପତ୍ର ପାଇଅଛନ୍ତି ସେହିମାନେ ଆବେଦନ କରି ପାରିବେ ।

ଓଡ଼ିଶାବିଭାଗ ଓ ଓଡ଼ିଶା ଗଡ଼ଜାତ ମାହାଲର ସରକାରୀ ଓ ସରକାରର ସାହାଯ୍ୟପ୍ରାପ୍ତ ସ୍କୁଲମାନଙ୍କରେ ଇଂରାଜୀ ଶିକ୍ଷାର ଶିକ୍ଷକମାନଙ୍କର ଶିକ୍ଷାପ୍ରଣାଳୀର ଷାଣ୍ମାସିକ ପରୀକ୍ଷା ଆଗାମୀ ଅଗଷ୍ଟ ମାସ ତା ୨୮ ରଖରେ କଟକ ମିସନ ହାଇସ୍କୁଲ ଗୃହରେ ଦଶ ଘ ୧୧ ଘା ସମୟରେ ଆରମ୍ଭ ହେବ ଓ ଉପରୋକ୍ତ ସ୍କୁଲସମୂହର ଭର୍ଣ୍ଣାକ୍ୟୁଲର ବିଷୟରେ ଶିକ୍ଷକମାନଙ୍କ ଶିକ୍ଷାପ୍ରଣାଳୀର ପରୀକ୍ଷା ଉକ୍ତ ମାସ ତା ୨୯ ରଖ ଦଶ ଘ ୧୧ ଘା ସମୟରେ କଟକ ଟ୍ରେନିଂ ସ୍କୁଲରେ ଆରମ୍ଭ ହେବ । ପରୀକ୍ଷାର୍ଥୀମାନେ ଅଗଷ୍ଟ ମାସ ତା ୨୦ ରଖ ପର୍ଯ୍ୟନ୍ତ ପରୀକ୍ଷାରେ ଉପସ୍ଥିତ ହେବାର ଦରଖାସ୍ତ କରିପାରିବେ ।

ଭାରତ ଗବର୍ଣ୍ଣମେଣ୍ଟ ନିୟମ କରିଅଛନ୍ତି କି ପ୍ରତିବର୍ଷ ନ ୩ ଣ ଭାରତୀୟ ସୈନିକ କର୍ମଚାରୀ (ଅବଶ୍ୟ ଇଉରୋପୀୟ) ଜାପାନୀ ଭାଷା ଶିକ୍ଷାର୍ଥେ ଦୁଇବର୍ଷ ସକାଶେ ଜାପାନକୁ ପ୍ରେରିତ ହେବେ । ସେମାନେ ଜାପାନରେ ଅବସ୍ଥାନ କାଳରେ ନିଜ ନିଜ ପଲଟନରେ ପାଉଥିବା ବେତନ ଓ ଭତ୍ତା ପୂର୍ବ ଏବଂ ସ୍ଥାୟୀ ପଦର ଅର୍ଦ୍ଧ ବେତନ ପାଇବେ । ପ୍ରଥମ ବର୍ଷର ପରୀକ୍ଷାରେ ଯେଉଁମାନେ ୭୫ଅଙ୍କ ପାଇବେ ସେମାନେ ଦେଢ଼ହଜାର ଟଙ୍କା ପାରିତୋଷିକ ପାଇବେ ଓ ୨ୟ ବର୍ଷର ପରୀକ୍ଷାରେ ସେହିପରି ଫଳ ଦେଖାଇଲେ ସେହି ପରିମାଣ ପୁରସ୍କାର ପାଇବେ । ଏହାଦ୍ୱାରା ଜାପାନ ଭାଷା ଇଂରାଜ ସୈନିକ କର୍ମଚାରୀଙ୍କ ମଧ୍ୟରେ ପ୍ରଚଳିତ ହେବ ଏବଂ ଉଭୟ ରାଜ୍ୟ ମଧ୍ୟରେ ଘନିଷ୍ଠତା ବଢ଼ିବ ।

ପୁରୀ ଦାୟରା ଅଧିବେଶନରେ କାଇଅଲ୍ଲା ଦଣ୍ଡପାଟିର ମୋକଦ୍ଦମା ଗତ ମଙ୍ଗଳବାର ନିଷ୍ପତ୍ତି ହେଲା । ଆସାମିମାନେ ସଫାଇ ସାକ୍ଷୀ ଦେଲେ ନାହିଁ । ଆସେସରମାନେ ସମସ୍ତ ଆସାମିଙ୍କୁ ଦଣ୍ଡବିଧି ଧା ୧୪୮ ର ଅନୁସାରେ ହଙ୍ଗାମା ଅପରାଧରେ ଦୋଷୀ ଥିବାର ମତ ଦେଲେ । ଜଜ ସାହେବ ଏକ ଦୀର୍ଘ ରାୟ ପ୍ରଦାନ କରିଅଛନ୍ତି ଏବଂ ଆସାମିମାନଙ୍କୁ ଦଣ୍ଡବିଧି ଧା ୩୦୨ ର ଅପରାଧରୁ ମୁକ୍ତ ଦେଇ ହଙ୍ଗାମା ଅପରାଧରେ ଦୋଷୀ ସାବ୍ୟସ୍ତ ପୂର୍ବକ ମୃତ ବ୍ୟକ୍ତିର ଜ୍ୟେଷ୍ଠପୁତ୍ର ଅପ୍ରାପ୍ତବୟସ୍କ ହେତୁ ମହାପାତ୍ରଙ୍କୁ ବ ୩ ର୍ଷ ଏବଂ ତାହାର ଅନ୍ୟ ତିନି ଭାଇ ସହିତ ଅବଶିଷ୍ଟ ନ ୧୯ ଣ ଆସାମିଙ୍କୁ ମା ୧୮ ସ ଲେଖାଏଁ କଠିନ ପରିଶ୍ରମ ସହିତ କଏଦ ଦଣ୍ଡ ବିଧାନ କରିଅଛନ୍ତି ।

ଯୁକ୍ତପ୍ରଦେଶ ରାଜ୍ୟରେ ସ୍କୁଲର ବାଳକମାନେ ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ପ୍ରତିବର୍ଷ ୭ ଲକ୍ଷ ବୃକ୍ଷ ରୋପଣ କରନ୍ତି । ଯୁକ୍ତପ୍ରଦେଶ କୃଷିପ୍ରଧାନ ରାଜ୍ୟ । ସେଠାରେ ବୃକ୍ଷରୋପଣର ଉପକାରିତା ବୁଝି ରାଜା ଏ ନିୟମ କରିଅଛନ୍ତି । ଭାରତ ମଧ୍ୟ କୃଷି ପ୍ରଧାନ ରାଜ୍ୟ ଏବଂ ଏଠାରେ ବୃକ୍ଷରୋପଣର ଅଶେଷ ଉପକାର ପ୍ରାଚୀନକାଳରୁ ଲୋକଙ୍କୁ ଜଣା ଥିବାରୁ ଶାସ୍ତ୍ରକାରମାନେ ଏହାକୁ ଗୋଟିଏ ପ୍ରଧାନ ପୁଣ୍ୟକାର୍ଯ୍ୟ ମଧ୍ୟରେ ଗଣ୍ୟ କରିଅଛନ୍ତି । ଦୁଃଖର ବିଷୟ ଯେ ଇଦାନୀଂ ଏ ଦେଶର ଅଧିକାଂଶ ଲୋକ ମୂର୍ଖତା, ଦରିଦ୍ରତା ଓ ଧନ ଶୀଳତା ହେତୁ ବୃକ୍ଷରୋପଣ ଅପେକ୍ଷା ବୃକ୍ଷ ଛେଦନରେ ଅଧିକ ପ୍ରବୃତ୍ତ ହୋଇଅଛନ୍ତି । ସ୍କୁଲ ପିଲାମାନଙ୍କୁ ବାଲ୍ୟକାଳରୁ ବୃକ୍ଷରୋପଣରେ ପ୍ରବୃତ୍ତ କରିବା ବିଶେଷ ହିତକର ଅଟେ ସନ୍ଦେହ ନାହିଁ ।

ଅମ୍ଭମାନଙ୍କର ସ୍ୱର୍ଗୀୟା ଭାରତେଶ୍ୱରୀ ଭିକ୍ଟୋରିୟା ଦେବୀଙ୍କ ଜୁବିଲି ସ୍ମରଣ ନିମିତ୍ତ ମାନ୍ଦ୍ରାଜଠାରେ ଭିକ୍ଟୋରିୟା ହଲ ନିର୍ମାଣ କରିବା କାରଣ ଚାନ୍ଦା ସଂଗୃହୀତ ହୋଇଥିଲା ମାତ୍ର ଯଥେଷ୍ଟ ଚାନ୍ଦା ନ ଉଠିବାରୁ କାର୍ଯ୍ୟ ନିର୍ବାହକ କମିଟୀ ଉକ୍ତ ଗୃହ ବନ୍ଧକ ରଖି ବିଜୟନଗରର ଭଗତ ମହାରାଜାଙ୍କଠାରୁ ଅନେକ ଟଙ୍କା ଋଣ ଗ୍ରହଣ କରି କାର୍ଯ୍ୟ ଶେଷ କରିଥିଲେ । ସେ ଟଙ୍କା ଅଦ୍ୟାପି ପରିଶୋଧ ହୋଇ ନ ଥିଲା । ବର୍ତ୍ତମାନରାଜା ନାବାଳକ ଥିବାରୁ ତାଙ୍କର ବାଲିଗ ହେଲେ ଏଥିସମ୍ବନ୍ଧରେ ବ୍ୟବସ୍ଥା କରିବାର ଟ୍ରଷ୍ଟିମାନେ ଇଚ୍ଛା କରିଥିଲେ । ସେ ଟଙ୍କା ସୁଦସହିତ ପ୍ରାୟ ଦୁଇଲକ୍ଷ ହୋଇଥିଲା ଏବଂ ଟ୍ରଷ୍ଟିମାନେ ଅଦାୟ କରିବାର କୌଣସି ଉପାୟ ନ ଦେଖି ବର୍ତ୍ତମାନରାଜା ସାବାଳକ ହେବା ସମ୍ବନ୍ଧରେ ଉକ୍ତ ଟଙ୍କା ଛାଡ଼ିଦେଇଅଛନ୍ତି ।

ଏ ଦାନ ଅବଶ୍ୟ ପ୍ରଶଂସ୍ତ ଅଟେ । ମାତ୍ର ସାଧାରଣ ଲୋକଦ୍ୱାରା ଏହିରୂପ ପରିଶୋଧ ନ କରିବା ମାନ୍ଦ୍ରାଜବାସୀଙ୍କ ପ୍ରତି ଅଗୌରବର ବିଷୟ ।

ମୟୂରଭଞ୍ଜର ଦେୱାନ ବାବୁ ପ୍ରସନ୍ନକୁମାର ଘୋଷାଲଙ୍କର ପରଲୋକ ଗମନର ପ୍ରସଙ୍ଗ ଗତ ସପ୍ତାହର ଏକ ପ୍ରେରିତପତ୍ରରୁ ପାଠକମାନେ ଜାଣିଅଛନ୍ତି । ସେହି ଶୋକାବହ ଘଟଣା ଗତ ତା ୧୭ ରଖରେ ବାରିପଦା ମୁକାମରେ ଘଟିଥିଲା । ସେ ଅତ୍ୟନ୍ତ ଗ୍ରୀଷ୍ମଜନିତ ଶରଦ ଗରମି ରୋଗରେ ପ୍ରାଣ ହରାଇବାର ଓଡ଼ିୟା ଓ ନବସମ୍ବାଦରୁ ଅବଗତ ହେଲୁଁ । ତାହାଙ୍କର ପାଇ୨୪ ବରଷକାଳରେ ମାତ୍ର ଦୀର୍ଘକାଳ ଓଡ଼ିଶାରେ କାର୍ଯ୍ୟ କରିଥିଲେ । ସେ ପ୍ରଥମେ ମଣ୍ଡଳମାନଙ୍କର ନାଏବ ଥିଲେ । ତହିଁ ଉତ୍ତାରୁ ବର୍ତ୍ତମାନ ମୟୂରଭଞ୍ଜର ମହାରାଜାଙ୍କର ନାବାଳଗି ସମୟରୁ ଏପର୍ଯ୍ୟନ୍ତ ଦେୱାନ ପଦରେ ଅତ୍ୟନ୍ତ ସୁଖ୍ୟାତି ସହିତ କାର୍ଯ୍ୟ କରି ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ । ସେ ଯେମନ୍ତ କାର୍ଯ୍ୟଦକ୍ଷ ସେମନ୍ତ ସୁଶୀଳ, ସଦାଳାପୀ, ଗୁଣଗ୍ରାହୀ ଏବଂ ସରଳ ଥିଲେ । ତାହାଙ୍କର ଏକମାତ୍ର ପୁତ୍ର ବାବୁ ସତୀଶଚନ୍ଦ୍ର ଘୋଷାଲ ସୁଶିକ୍ଷା ଲାଭ କରି ବର୍ତ୍ତମାନ ମୟୂରଭଞ୍ଜ ମହାରାଜାଙ୍କର ଏଡଙ୍କ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି । ସେ ପିତାଙ୍କର ଅଦ୍ୟଶ୍ରାଦ୍ଧ ଜନ୍ମଗ୍ରାମରେ ଗତ ମଙ୍ଗଳବାର ସମ୍ପନ୍ନ କରିଅଛନ୍ତି । ପରମେଶ୍ୱର ପ୍ରସନ୍ନକୁମାରଙ୍କର ଆତ୍ମାର ସ୍ୱର୍ଗବାସ ଏବଂ ଶୋକାକୁଳ ପରିବାରବର୍ଗଙ୍କ ଶାନ୍ତ୍ୱନା ବିଧାନ କରନ୍ତୁ ।

ଏ ବର୍ଷ ଯେପରି ଗ୍ରୀଷ୍ମ ଭୋଗ ହୋଇଅଛି ଅନେକ ବର୍ଷ ହେଲା ସେପରି କଷ୍ଟ ବହୁକାଳ ଦେଖା ନ ଥିବାର ପ୍ରାୟ ସମସ୍ତେ କହୁଅଛନ୍ତି ଏବଂ ବାସ୍ତବରେ ତାହା ଅମୂଳକ ନୁହେ । କଲିକତା ନିକଟ ଅଲିପୁର ହରକାର ମାନମନ୍ଦିରରେ ଲେଖାଥିବା ରେଜଷ୍ଟରୀରୁ ପ୍ରକାଶ ଯେ ଗତ ଜୁନ ମାସ ତା ୬ ରଖରେ ଦିନବେଳେ ସେଠାରେ ୧୦୪·୧ ଡିଗ୍ରି ଉତ୍ତାପ ଉଠିଥିଲା । ଗତ ବ ୨୦ ର୍ଷରେ କେବଳ ସନ ୧୮୮୮ ସାଲ ଜୁନ ତା ୧୪ ରଖରେ ୧୦୨·୭ ଏବଂ ସନ ୧୯୦୧ ତା ୧୧ ରଖ ଜୁନରେ ୧୦୮·୪ ଡିଗ୍ରି ଗରମ ଉଠିଥିଲା । କିନ୍ତୁ ଏ ବର୍ଷ ରାତ୍ରିରେ ଯେପରି ଗରମ ହୋଇଥିଲା ଗତ ବ ୩୦ ର୍ଷ ମଧ୍ୟରେ ସେପରି ହେବେ ଘଟି ନ ଥିଲା । ଗତ ତା ୧୮ ରଖ ଜୁନରେ ରାତ୍ରିରେ ଗରମ ୮୭·୪ ଡିଗ୍ରି ଥିଲା । ଗତ ସନ ୧୮୭୦ ସାଲଠାରୁ କେବଳ ସନ ୧୮୮୮ ସାଲରେ

Digitized by srujanika@gmail.com

Split by PDF Splitter



୮୯° ଏବଂ ସନ ୧୯୦୧ ସାଲରେ ୮୫° ଡିଗ୍ରି ପର୍ଯ୍ୟନ୍ତ ରାତ୍ରିରେ ଗରମ ଉଠିଥିଲା । ଅତଏବ ଦିନ ଓ ରାତ୍ରିର ଗରମ ମିଶାଇ ତହିଁ ସଙ୍ଗେ ଏଥର ଅନେକ ଦିନ ଗରମ ପଡ଼ିବାର ସଂଖ୍ୟା ବିଚାର କରି ଦେଖିଲେ ସ୍ପଷ୍ଟ ଜଣାଯାଏ ଯେ ଗତ ବ ୬୦ ବର୍ଷରୁ ଅଧିକ ହେଲା ଏପରି ଗ୍ରୀଷ୍ମ ହୋଇ ନାହିଁ । ଆଷାଢ଼ ମାସର ଅର୍ଦ୍ଧେ ପର୍ଯ୍ୟନ୍ତ ସ୍ଥିର ଭାବରେ ଗ୍ରୀଷ୍ମ ରହିଥିଲା ।

ଗତ ତା ୧୩ ରିଖର 'ଉତ୍କଳବାସୀ'ରେ ବାବୁ ଶ୍ରୀବତ୍ସପଣ୍ଡା ଗୋଟିଏ ଉତ୍କଳ ବ୍ରାହ୍ମଣ ବିଧବା ବିବାହର ସମ୍ବାଦ ପ୍ରକାଶ କରିଅଛନ୍ତି । ଉତ୍କଳ ବ୍ରାହ୍ମଣ ଜାତି ମଧ୍ୟରେ ଏହା ପ୍ରଥମ ବିଧବା ବିବାହ ଅଟେ । ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ସୁରଙ୍ଗି ଗ୍ରାମ ନିବାସିନୀ ପାଣିଗ୍ରାହୀ ବ୍ରାହ୍ମଣ ଶ୍ରେଣୀର ବୈଦେହୀ (ଡାକନାମ ବଇଡି) ନାମକ ଏକ ବିଧବା ଯୁବତୀ ଅଟେ । ବର୍ତ୍ତମାନ ସେ ଯାଜପୁରଠାରେ ଆପଣା ମାମୁଘରେ ବାସ କରେ । ବୟସ ବ ୧୬ ବର୍ଷ । ବରର ନାମ ଅର୍ତ୍ତତ୍ରାଣ ମହାପାତ୍ର, ବୟସ ବ ୨୩ ବର୍ଷ, ନିବାସ ପୂର୍ବଖଣ୍ଡ ପାଣ୍ଡିଆ । ଗତମାସ ତା ୨୩ ରିଖରେ ବନ୍ଧୁ ସମାବେଶରେ ଏହି ଶୁଭପରିଣୟ କାର୍ଯ୍ୟ ସମାଧା ହେଲା । ଅନେକ ଆତ୍ମୀୟ ବ୍ରାହ୍ମଣ ଓ ଅନ୍ୟାନ୍ୟ ଭଦ୍ରଲୋକ ଏ କାର୍ଯ୍ୟରେ ଯୋଗ ଦେଇଥିଲେ ଏବଂ ଶ୍ରୀଯୁକ୍ତ କୃଷ୍ଣଚରଣ ପାଠୀ ଓ ମହିସାର ଶ୍ରୀଯୁକ୍ତ ଗଜଗୋପାଳଗୁପ୍ତ ବିଶେଷ ସାହାଯ୍ୟ କରିଥିଲେ । ବାବୁ ଶ୍ରୀବତ୍ସପଣ୍ଡା ବି, ଏ, ସବ-ରେଜିଷ୍ଟ୍ରାର ଏହି ବିବାହର ପ୍ରଧାନ ଉଦ୍ୟୋଗୀ ଏବଂ ତାହାଙ୍କ ଘରେ ଏ କାର୍ଯ୍ୟ ହୋଇଥିଲା । ନବଦମ୍ପତିଙ୍କର ଜୀବନ ନିର୍ବାହ ସକାଶେ ଟ ୫୦୦୧ ଙ୍କାର ସମ୍ପତ୍ତି ଯୋଗାଇବାର ବନ୍ଦୋବସ୍ତ ଲାଗିଅଛି । କନ୍ୟାଟି ଛୋଟ ବୟସରେ ବିଧବା ହୋଇଥିଲା ଏବଂ ସେ ଏ କନ୍ୟା, କର୍ତ୍ତା ହୋଇ ସମ୍ପ୍ରଦାନ କଲେ ଜାଣି ପାରନ୍ତି ନାହିଁ । ଯଦ୍ୟପି ସମ୍ପତ୍ତି ଯୋଗାଇବାର ଚେଷ୍ଟାରୁ ବର ଗରିବ ଥିବାର ଏବଂ ପ୍ରଲୋଭନଦ୍ୱାରା ବିଧବା ବିବାହରେ ପ୍ରବୃତ୍ତ କରାଇବାର କେହି କହିଲେ ତାହା ଅସଙ୍ଗତ ହେବ ନାହିଁ । ଏଥିରେ ଯେ ଏହି ସମାଜ ସଂସ୍କାରର ନୈତିକ ଫଳ ଲାଘବ ହେଉଅଛି । ବିଧବା ବିବାହ ଅବସ୍ଥା ବିଶେଷରେ ବାଞ୍ଛନୀୟ ଏବଂ ତାହା ସ୍ୱ ଯୁକ୍ତିର ସମ୍ମତିରେ ହେବା ଉଚିତ । ଯାହାର ଜୀବନ ନିର୍ବାହର ସଙ୍ଗତି ନାହିଁ ତାହାର ବିବାହ କରିବା ଉଚିତ ନୁହେଁ ଏବଂ ବିଧବା ବିବାହ ସକାଶେ ପୁରସ୍କାର ବା ଧନ ଦେବାଦ୍ୱାରା ଲୋକଙ୍କର ଆଶା ବଢ଼ାଇବା ମଧ୍ୟ ନୀତିସଙ୍ଗତ ବୋଧ ହେଉ ନାହିଁ ।

ରୋଗର କାରଣ ଏବଂ ସ୍ୱଭାବ ଘଟିତ ମୌଳିକ ଅନୁସନ୍ଧାନ ବିଷୟରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟର ଗୋଟିଏ ନିର୍ଦ୍ଧାରଣ ସମ୍ପ୍ରତି ବାହାରିଅଛି । ତହିଁରେ ଲେଖା ଅଛି କି କେତେକାଳରୁ ଏ ବିଷୟ ଗବର୍ଣ୍ଣମେଣ୍ଟଙ୍କର ବିବେଚନାଧୀନରେ ଥିଲା । ମାତ୍ର ଦୁଇଟି ପ୍ରତିବନ୍ଧକ ହେତୁ କିଛି କାର୍ଯ୍ୟ ହୋଇ ପାରି ନ ଥିଲା । ଗୋଟିଏ ପ୍ରତିବନ୍ଧକ ଅର୍ଥାଭାବ ଏବଂ ଅନ୍ୟଟି ଏ ଦେଶରେ ସେହି କାର୍ଯ୍ୟର ଯୋଗ୍ୟ ବ୍ୟକ୍ତିର ଅଭାବ । ସୌଭାଗ୍ୟ କ୍ରମେ ଭାରତର ଆର୍ଥିକ ଅବସ୍ଥା ବର୍ତ୍ତମାନ ସନ୍ତୋଷଜନକ ହେବାରୁ ଅର୍ଥାଭାବ ଘୁଞ୍ଚି ଯାଇଅଛି ଏବଂ କସୌଲିଠାରେ ସ୍ଥାପିତ ପାଞ୍ଚୁର ଇନଷ୍ଟିଚ୍ୟୁଟ ନାମକ ଚିକିତ୍ସାଳୟର କାର୍ଯ୍ୟ ସଫଳରୂପେ ନିର୍ବାହ ହେବାର ଦେଖି ଗବର୍ଣ୍ଣମେଣ୍ଟଙ୍କର ମନ ମାନିଅଛି ଯେ ଏ ଦେଶର ରୋଗର ମୂଳ କାରଣ ଓ ସ୍ୱଭାବର ଅନୁସନ୍ଧାନ ନିମନ୍ତେ ଏ ଦେଶରେ ଯୋଗ୍ୟଲୋକର ଅଭାବ ନାହିଁ । ଏଠାର ଚିକିତ୍ସକମାନଙ୍କର ସେ ପ୍ରକାର ଅନୁସନ୍ଧାନ ନିମନ୍ତେ ଇଉରୋପକୁ ଯିବାର ପ୍ରୟୋଜନ ନାହିଁ ବରଂ ଇଉରୋପୀୟ ଚିକିତ୍ସକମାନେ ଏହି ଗ୍ରୀଷ୍ମପ୍ରଧାନ ଦେଶର ରୋଗର ଅନୁସନ୍ଧାନ ନିମନ୍ତେ ଏ ଦେଶକୁ ଆସି ଅଧିକ ସଫଳ ହୋଇ ପାରିବେ । ଅତଏବ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ସ୍ଥିର କରିଅଛନ୍ତି କି ସମସ୍ତ ଭାରତ ସକାଶେ କସୌଲିଠାରେ ଗୋଟିଏ ବୃହତ୍ ବା କେନ୍ଦ୍ର ଅନୁସନ୍ଧାନାଗାର ସ୍ଥାପିତ ହେବ ଏବଂ ଆବଶ୍ୟକୀୟ ଯନ୍ତ୍ରାଦି ସମସ୍ତ ଉପକରଣ ସେଠାରେ ରହିବ । ବିଜ୍ଞାନ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ରକ୍ଷା ସମ୍ବନ୍ଧୀୟ ସମସ୍ତ ମୌଳିକ ଅନୁସନ୍ଧାନ ସେଠାରେ ହେବ ଏବଂ ପ୍ରାଦେଶିକ ଅନୁସନ୍ଧାନାଗାରମାନ ତହିଁର ଅଧୀନ ବା ଶାଖା ସ୍ୱରୂପ ହେବ । ପ୍ରାଦେଶିକ ଅନୁସନ୍ଧାନାଗାରର ସୁପରିଣ୍ଟେଣ୍ଡେଣ୍ଟମାନେ ସୁଯୋଗ ଅନୁସାରେ ମୌଳିକ ଅନୁସନ୍ଧାନ ମଧ୍ୟ କରିପାରିବେ । ପ୍ରାଦେଶିକ ଅନୁସନ୍ଧାନାଗାରମାନଙ୍କରେ ମଧ୍ୟ ପ୍ରୟୋଜନୀୟ ଯନ୍ତ୍ର ଓ ଉପକରଣାଦି ପ୍ରସ୍ତୁତ ରହିବ । ଚିକିତ୍ସା ବିଭାଗରେ ଏ ଗୋଟିଏ ନୂତନ ମହକମା ସ୍ଥାପିତ ହେଲା ଏବଂ ଦେଶୀ ଡାକ୍ତରଙ୍କର ଉଚ୍ଚ ବେତନ ପାଇବାର ସୁବିଧା ହେଲା । ଆଶା କରୁଁ ଏହାଦ୍ୱାରା ବହୁତ ଉପକାର ହେବ । ଲେଫ୍ଟନାଣ୍ଟ କର୍ଣ୍ଣେଲ ସେମ୍ପଲ ଏମ, ଡି, ଆର, ଏ, ଏମ, ସି ଡାଇରେକ୍ଟର ନିଯୁକ୍ତ ହୋଇଅଛନ୍ତି ।

ବଡ଼ଘରେ ବିଧବାବିବାହ ।

'ଇଣ୍ଡିଆନମିରର' ସମ୍ପାଦକଙ୍କଠାରୁ ଅବଗତ ହେଲୁଁ ଯେ ଗତ ତା ୧୯ ରିଖରେ କୁଚବିହାରର ମହାରାଜାଙ୍କର କଲିକତା ଅଲିପୁରସ୍ଥ 'ଉଡ଼ଲାଣ୍ଡସ୍' ନାମକ ପ୍ରାସାଦରେ ଗୋଟିଏ ଏପରି ହିନ୍ଦୁ ବିଧବା ବିବାହ ହୋଇଥିଲା ଯାହା କି ବହୁକାଳରୁ ବଙ୍ଗଳାରେ ଘଟି ନ ଥିଲା । କନ୍ୟାର ନାମ ରାଣୀ ମୃଣାଳିନୀ । ସେ ବାବୁ ଲଳିତମୋହନ ଘୋଷଙ୍କର ଦୁହିତା ଏବଂ କଲିକତାର ବିଖ୍ୟାତ ପାଇକପଡ଼ାର ସ୍ୱର୍ଗୀୟ କୁମାର ଇନ୍ଦ୍ରଚନ୍ଦ୍ର ସିଂହଙ୍କର ୨ୟ ଭାର୍ଯ୍ୟା । ମୃଣାଳିନୀ ବିଦ୍ୟାବତୀ ଓ ସାହିତ୍ୟ ସମାଜରେ ସୁପରିଚିତା । ସେ ଅନେକଗୁଡ଼ିଏ ବଙ୍ଗଳା ପଦ୍ୟଗ୍ରନ୍ଥ ପ୍ରକାଶ କରିଅଛନ୍ତି ଏବଂ ଇଂରାଜୀ ମଧ୍ୟ ଉତ୍ତମରୂପେ ଶିକ୍ଷା କରିଅଛନ୍ତି ତାହାଙ୍କର ସ୍ୱଭାବ ବ୍ୟବହାର ମନୋହର ଓ ସକଳ ଜନାନୁମୋଦିତ । ସେ ବ ୧୪ ବର୍ଷ ବୟସରେ ବିଧବା ହୋଇ ସ୍ୱାମୀଙ୍କର ଅନୁମତିମତେ ତାଙ୍କ ନିଜ ଭାଇ କୁମାର ଅରୁଣଚନ୍ଦ୍ର ସିଂହଙ୍କୁ ପୋଷ୍ୟପୁତ୍ର କରି ହିନ୍ଦୁ ପରିବାରର ନିୟମାନୁସାରେ କର୍ତ୍ତ୍ରୀ ସ୍ୱରୂପ ସକଳ କାର୍ଯ୍ୟ କରୁଥିଲେ । ବର୍ତ୍ତମାନ ସେ ବୟଃପ୍ରାପ୍ତା ହୋଇ ନିଜର ହିତାହିତ ବୁଝିବାକୁ ସକ୍ଷମ ହୋଇଅଛନ୍ତି ଏବଂ ହିନ୍ଦୁ ବିଧବାର କ୍ଳେଶ ସହିବାଠାରୁ ବିବାହ କରିବା ଉଚିତ ବିବେଚନା କରି ତଦ୍ରୂପ କାର୍ଯ୍ୟ କରିଅଛନ୍ତି । ବରର ନାମ ବାବୁ ନିର୍ମଳଚନ୍ଦ୍ର ସେନ ବିଖ୍ୟାତ ସ୍ୱର୍ଗୀୟ ବ୍ରହ୍ମାନନ୍ଦ ମହାତ୍ମା କେଶବଚନ୍ଦ୍ର ସେନଙ୍କର ଦ୍ୱିତୀୟ ପୁତ୍ର ଅଟନ୍ତି । ନିର୍ମଳଚନ୍ଦ୍ର ପ୍ରଶଂସା ଲାଭ କରି ସରକାରୀ ଚାକିରିରେ ଭର୍ତ୍ତି ହୋଇ ସରକାରୀ ଆୟ ମହକୁମାରେ କାର୍ଯ୍ୟ କରୁଥିଲେ ବିଶେଷ ଯୋଗ୍ୟବ୍ୟକ୍ତି ଭିନ୍ନ ସାଧାରଣ ଦେଶୀୟ ଲୋକଙ୍କୁ ସରକାର ଏ ମହକୁମାରେ କାର୍ଯ୍ୟ ଦିଅନ୍ତି ନାହିଁ । ବର୍ତ୍ତମାନ ସେ କୁଚବିହାର ମହାରାଜାଙ୍କର ମିଲିଟେରି ସେକ୍ରେଟେରି (ସୈନିକ ବିଭାଗର ସମ୍ପାଦକ) ପଦରେ ନିଯୁକ୍ତ ଅଛନ୍ତି । ମହାରାଜାଙ୍କ ସହିତ ତାହାଙ୍କର ଘନିଷ୍ଠ ସମ୍ବନ୍ଧ ଥିବାର ସମସ୍ତଙ୍କୁ ଜଣାଅଛି । ବୋଲିବା ବାହୁଲ୍ୟ ଯେ ଏ ବିବାହ ସନ ୧୮୭୨ ସାଲର ୩ ଆଇନ ଅନୁସାରେ ବ୍ରାହ୍ମ ମତରେ ସମ୍ପନ୍ନ ହୋଇ ଅଛି । ରାଣୀ ମୃଣାଳିନୀ ଏଣିକି ଶ୍ରୀମତୀ ସେନ ନାମ ଧାରଣ କଲେ । ଅତଃପର ପାଇକପଡ଼ା ଘର ସଙ୍ଗେ ତାହାଙ୍କର କି ପ୍ରକାର ସମ୍ବନ୍ଧ ରହିଲା ଜାଣି ପାରୁ ନାହୁଁ । ମାତ୍ର କୁମାର ଅରୁଣଚନ୍ଦ୍ର, ସିଂହଙ୍କୁ ସେ ପୋଷ୍ୟପୁତ୍ରରୂପେ ଗ୍ରହଣ କରି ତାହାଙ୍କୁ ବିଶ୍ୱବିଦ୍ୟାଳୟର ପରୀକ୍ଷା ପର୍ଯ୍ୟନ୍ତ ଲେଖା ପଢ଼ା ଶିଖାଇ ଯୋଗ୍ୟ କରିଦେବାଦ୍ୱାରା ଆପଣାର କର୍ତ୍ତବ୍ୟ ଉତ୍ତମରୂପେ ଶେଷ କରିଅଛନ୍ତି ।

Digitized by srujanika@gmail.com

## ଦୁର୍ଭିକ୍ଷ ସାହାଯ୍ୟ ।

ବାଙ୍ଗଲାର ଦୁର୍ଭିକ୍ଷ ପୀଡ଼ିତ ଲୋକମାନଙ୍କର ସାହାଯ୍ୟାର୍ଥ ଗତ ରବିବାର ଅପରାହ୍ନରେ ଏ ନଗରରେ ପୁଣି ସାଧାରଣ ସଭା ହୋଇଥିଲା । ଏଥର ଶ୍ରୀନବଗୌର ଗଡ଼ବାଟୀ ସମ୍ମୁଖସ୍ଥ ପ୍ରାଙ୍ଗଣରେ ସଭାର ସ୍ଥାନ ନିରୂପଣ ହୋଇଥିଲା ଏବଂ ହାଣ୍ଡବିଲ, ଢେଣ୍ଡରା ଇତ୍ୟାଦିଦ୍ୱାରା ପ୍ରଚୁର ରୂପେ ଘୋଷଣା ଦିଆଯାଇଥିବାରୁ ସହସ୍ରାଧିକ ଲୋକ ଏକତ୍ରିତ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରେ ମଧ୍ୟମ ଶ୍ରେଣୀର ଲୋକ ଅଧିକାଂଶ ଥିଲେ । ଜଜ୍ଜ ମାଜିଷ୍ଟ୍ରେଟ ସାହେବ ସଭାପତିର ଆସନ ଗ୍ରହଣ କରିବାକୁ ସମ୍ମତ ଥିଲେ । ମାତ୍ର ଶରୀର ଅସୁସ୍ଥ ହେବାରୁ ସେ ସଭାକୁ ଆସି ନ ପାରିବାର ପତ୍ରଦ୍ୱାରା ଜଣାଇବାରୁ ଉପସ୍ଥିତ ଲୋକମାନେ ଏକବାକ୍ୟରେ ବାବୁ ଜହାଭଲାଲ ପଣ୍ଡିତଙ୍କୁ ସଭାପତିର ଆସନ ପ୍ରଦାନ କରିଥିଲେ । ବାବୁ ସୁଦାମଚନ୍ଦ୍ର ନାୟକ, ମୁନସି ନୁରୁଲ ହକ, ଶ୍ରୀଯୁକ୍ତ ମଧୁସୂଦନ ଦାସ ସି, ଆଇ, ଇ, ବାବୁ ଜମାଇଚରଣ ମିଶ୍ର ମହାଶୟମାନେ ବକ୍ତୃତାଦ୍ୱାରା ଦୁର୍ଭିକ୍ଷ ପୀଡ଼ିତମାନଙ୍କର ଦୁରବସ୍ଥା ଏବଂ ସାହାଯ୍ୟର ପ୍ରୟୋଜନୀୟତା ଉତ୍ତମରୂପେ ବୁଝାଇଦେଇଥିଲେ । ଶ୍ରୀଯୁକ୍ତ ମଧୁସୂଦନ ଦାସ ମହାଶୟ ବକ୍ତୃତା ସମୟରେ ଗୋଟିଏ ଟଙ୍କା ଥଳି ହାତରେ ଧରି ସମସ୍ତଙ୍କୁ ଦେଖାଇ କହିଥିଲେ ତାହାଙ୍କର ସହୃଦୟ ସାହାଯ୍ୟ ଏଥିରେ ଅଛି । ମାତ୍ର କେତେ ଟଙ୍କା ଦେଇ ବୁଝି ପାରୁନାହାନ୍ତି କାରଣ ସ୍ୱ ଇଚ୍ଛାରେ ଯେ ଯାହା ଦେବେ ତାହା ଏ ଥଳିରେ ପଡ଼ିବ । କିଏ କେତେ ଦେଲା ଅନ୍ୟ କେହି ଜାଣି ପାରିବ ନାହିଁ । ମାତ୍ର ଅନ୍ତରେ ମୋଟ କେତେ ଟଙ୍କା ହେଲା ତାହା କଟକ ବାସିମାନେ ଦାନ କରିଅଛନ୍ତି ବୋଲି ବୁଝାଯିବ ଏବଂ ଏହିଁରେ କେତେ ପ୍ରପୀଡ଼ିତ ବ୍ୟକ୍ତିଙ୍କର ପ୍ରାଣ ରକ୍ଷା ହେବ । ଅଧିକ ଟଙ୍କା ହେଲେ ନାମ ହେବ । କଥା ଠିକ କହେ ମାତ୍ର ବିଦୁର ମୁଠାଏ ଖୁଦ ଦେଇ ଭଗବାନଙ୍କୁ ସନ୍ତୁଷ୍ଟ କରିଥିଲେ । ଶ୍ରଦ୍ଧା ସହିତ କିଛି ଦାନ କଲେ ତାହା ବହୁ ମୂଲ୍ୟ ହେବ । ବକ୍ତୃତା ଅନ୍ତେ ଜଣେ ପ୍ରସ୍ତାବ କଲେ କି ଯେଉଁମାନେ ସାହାଯ୍ୟ ଦେବାକୁ ଇଚ୍ଛା କରନ୍ତି ସେମାନେ ତାହା ମାରଫତରେ ଦେବେ । ତହୁଁ ଉକ୍ତ ଥଳିରେ ବୁଝାଇ ଦିଆଗଲା ଯେ ଦେବା ସମ୍ବନ୍ଧ କମନ୍ତେ ନଗରର ଠାକା ବଜାରର ଏକ ବ୍ୟକ୍ତି ମନୋନୀତ ହୋଇଅଛନ୍ତି ( ସେମାନଙ୍କର ନାମ ଶୁଣାଇ ଦିଆଗଲା ) ସେମାନଙ୍କ ମଧ୍ୟରୁ ଯାହାର ଯାହାକୁ ଦେବାର ସୁବିଧା ହେବ ତାହାକୁ ଦେବେ । ଅତଃପର ଅନେକ ଲୋକ ଏକ ପରେ ଏକ ଉଠି ଆସି ସଭାପତିଙ୍କ ସମ୍ମୁଖରେ ରହିଥିବା ମଧୁବାବୁଙ୍କର ଥଳିରେ ଟଙ୍କା ଠାରୁ ପଇସା ପର୍ଯ୍ୟନ୍ତ ଯାହାର ଯାହା ଶକ୍ତି ହେଲା ପକାଇ ଦେଇ ତୁଷ୍ଟ ଚିତ୍ତରେ ବିଦାୟ ହୋଇ ଗଲେ ଏବଂ ସେ ସମୟରେ ଲୋକଙ୍କର ପ୍ରକୃତ ଉତ୍ସାହ ଓ ଉଦାରତା ଏକ ରମଣୀୟ ଦୃଶ୍ୟ ହୋଇଥିଲା । ଲୋକଙ୍କର ହୃଦୟ ଅଛି ଏବଂ ବୁଝାଇ ଦେଲେ ପରଦୁଃଖରେ କାତର ହୁଅନ୍ତି । ଏହିର ଉତ୍ତମ ପ୍ରମାଣ ପାଇ ସମସ୍ତେ ଆନନ୍ଦିତ ହୋଇଥିଲେ । ବାସ୍ତବରେ ଏ ଦିନର ସଭା ସର୍ବାଂଶରେ ସଫଳ ହୋଇଥିଲା । ପଶ୍ଚାତ୍ ବୁଝାଗଲା ଯେ ସେ ଥଳିରେ ଟ ୧୦୬।୵ ଜମା ହୋଇଥିଲା ଏବଂ ତହିଁ ଉପରୁ ଏକ ବଜାର ଲୋକମାନେ କେବଳ ଟ ୦ ୵ ପଠାଇ ଥିଲେ ।

ପରନ୍ତୁ ଏଠା କଲେକ୍ଟର ସାହେବ ଏ ନଗରର ଇଉରୋପୀୟ ଏବଂ ଦେଶୀୟ ଭଦ୍ରଲୋକଙ୍କଠାରୁ ଦେବା ପାଇବା ଆଶାରେ ଯେଉଁ ଚାନ୍ଦାପତ୍ର ଫେରାଇଥିଲେ ତଦନୁସାରେ ଗତ ତା ୨୭ ରଖ ପର୍ଯ୍ୟନ୍ତ ନିମ୍ନଲିଖିତ ଦେବା ଆଦାୟ ହୋଇଥିଲା । ଯଥା

| | |
|---|---|
| ଶ୍ରୀଯୁକ୍ତ କମିଶନର ସାହେବ | ଟ ୧୦୦୲ |
| „ କଲେକ୍ଟର „ | ଟ ୧୦୦୲ |
| „ ଯୋଗେଶ୍ୱର „ | ଟ ୧୦୲ |
| „ ଇନ୍ସପେକ୍ଟର „ | ଟ ୫୲ |
| „ ମାଦଲକୃଷ୍ଣ | ଟ ୫୲ |
| ରାୟ ରାଧେଶ୍ୱରଚନ୍ଦ୍ର ବାହାଦୁର | ଟ ୨୫୲ |
| ଶ୍ରୀଯୁକ୍ତ ସବ ଜଜ | ଟ ୮୲ |
| „ ମୁନସଫ ୧ମ ଓ ୨ୟ କୋର୍ଟରେ | ଟ ୮୲ |
| ବାବୁ ରାମଶଙ୍କର ରାୟ | ଟ ୧୦୲ |
| „ ବ୍ରଜରାଜ ଚୌଧୁରୀ | ଟ ୫୲ |
| „ ନରେନ୍ଦ୍ରନାଥ ସରକାର | ଟ ୫୲ |
| „ ଉଦୟ ସାହୁ | ଟ ୫୲ |
| „ ଲକ୍ଷ୍ମୀନାରାୟଣ ଚୌଧୁରୀ | ଟ ୧୦୲ |
| „ କୃଷ୍ଣ ପାଲିତ | ଟ ୫୲ |
| „ ଗୌରୀଶଙ୍କର ରାୟ | ଟ ୧୦୲ |
| „ ଜହାଭଲାଲ ପଣ୍ଡିତ | ଟ ୧୦୲ |
| ବାବୁ ମାଦିନୀମୋହନ ଦାସ ଓ କମିଶନର ଅମଲାମାନେ | ଟ ୨୮୲ |
| ଡ଼ପଣ ଷ୍ଟେଟର ଏକାଉଣ୍ଟେଣ୍ଟ | ଟ ୧୦୲ |
| ବାବୁ ନଗେନ୍ଦ୍ରନାଥ ମିଶ୍ର | ଟ ୫୲ |
| „ ହରିଚରଣ ବାନାର୍ଜି | ଟ ୫୲ |
| „ ଶ୍ରୀମମାଲ୍ଲିକ | ଟ ୫୲ |
| „ ପ୍ରିୟନାଥ ଚାଟାର୍ଜି | ଟ ୫୲ |
| „ ଜମାଇଚରଣ ମିଶ୍ର | ଟ ୫୲ |
| ଜଜା । ଡା । ମଧୁପୁର | ଟ ୧୦୦୲ |
| ଟ ୫୲ ଙ୍କାରୁ ନ୍ୟୁନ ଦେବା | |
| ସାଧାରଣ ଲୋକଙ୍କଠାରୁ ମୋଟ | ଟ ୧୯୲ |

# ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

କଟକର ଡେ: ମାଜିଷ୍ଟ୍ରେଟ ବାବୁ ପଶୀଭୂଷଣ ଏଣ୍ଡସନ ଓ କେନ୍ଦ୍ରାପଡ଼ାର ସବ ଡେ: ମାଜିଷ୍ଟ୍ରେଟ ମୌଲବୀ ସୟଦ ମହମ୍ମଦ ଅକବର ୮ଂଘଣ୍ଟା ଜଣାରେ ପୌଜଦାରୀ ମୋକଦ୍ଦମାରେ ସାକ୍ଷ୍ୟ ଗ୍ରହଣ କରିବାର କ୍ଷମତା ପାଇଲେ ।

ଓଡ଼ିଶା ବିଭାଗର ସବ ଡେ: କଲେକ୍ଟର ବାବୁ କୈଳାଶଭୂଷଣ, ମିତ୍ର ସୁର ତଲର ଗୋର୍ଡା ହବ ଭଉଜନରେ ନିଯୁକ୍ତ ହେଲେ ।

କେନ୍ଦ୍ରାପଡ଼ାର ସବ ଡେ: କଲେକ୍ଟର ମୌଲବୀ ସୟଦ ମହମ୍ମଦ ଅକବର ଓ ସୁଦ୍ଧର ସବ ଡେ: କଲେକ୍ଟର ବାବୁ ମନୋମୋହନ ମୁଖାର୍ଜି ୧୮୫୯ ସାଲ ୧୦ ଅଇନର ଶରଣୀ ଓ ଅନ୍ୟାନ୍ୟ ମୋକଦ୍ଦମା ବିଚାରର କ୍ଷମତା ପାଇଲେ ।

ନିମ୍ନଲିଖିତ ବ୍ୟକ୍ତିମାନେ ମେମ୍ବର ସ୍ୱରୂପ ନିଯୁକ୍ତ ହୋଇଅଛନ୍ତି ।

| | |
|---|---|
| ସବଡିଭିଜନାଲ ଅଫିସର | ପ୍ରେସିଡେଣ୍ଟ |
| ବାବୁ ଜାନକୀପ୍ରସାଦ ମହାପାତ୍ର ରାୟସ | „ |
| ସବ ଡେପୁଟି କଲେକ୍ଟର | ଭାଇସପ୍ରେସିଡେଣ୍ଟ |
| ସିଭିଲ ସର୍ଜନ | ମେମ୍ବର |
| ସବ ରେଜିଷ୍ଟ୍ରାର | „ |
| ସିଭିଲ କୋର୍ଟ ମୁନସଫ | „ |
| ଗାଗଗାହାର ଉପଯିଉଯାଇ | „ |
| ବାବୁ ଲଳିତ ଦାସ | „ |
| ମୁନସୀ ଲତଫର ରହମାନ ଅହମ୍ମଦ | „ |

---

ଅସ୍ମାକଙ୍କର ନାଗରୀୟ କମିଶନର ଶ୍ରୀଯୁକ୍ତ ଜ, ଏସ୍, ଲ ୟାଲବ ଗତ ବୁଧବାର ସନ୍ଧ୍ୟା ସମୟରେ ଏ ନଗରରେ ପହଞ୍ଚିଅଛନ୍ତି ।

ଗତ ସୁକ୍ରବାରଠାରୁ ଏଠା ବର୍ଷା ହେବାରୁ ଗରମ କମି ଯାଇଅଛି ।

ବର୍ଷା ଅଭାବରୁ ଦୂର ହେଲ କିନ୍ତୁ ବନ୍ୟାର ଭୟ ଯାଇନାହିଁ ନାହିଁ ।

କଟକ କେନେଲଯା ଖୁଲ ଓ କଲେଜ ଗତ ମଙ୍ଗଳବାର ଖୋଲିଅଛି ।

ଅଦ୍ୟଠାରୁ ଏଠା ସରକାରୀ ଅଫିସ ସବୁ ଏଥିର କଲେଜର ଓ ସମାଜର ସକାଳରେ ଦିନ ୧୧ ଘଣ୍ଟାରୁ ହେବାର ଆଦେଶ ହୋଇଅଛି ।

### ଗଞ୍ଜାମପୁର-ସମ୍ବାଦ ।

ମୁକ୍ତାର ମୌଲବୀ ମହମ୍ମଦ ଅଲି ୨୩।୭।୦୬ ଦିନ ଏଠାର 'ମଦ୍ରସା' ପରିଦର୍ଶନ କରି ଯାଇଅଛନ୍ତି । ବାଳକ ଓ ବାଳିକା ଜ ୬୦ ଣ ମଧ୍ୟରୁ ଜ ୩୦ ଣ ଉପସ୍ଥିତ ଥିଲେ । ସେମାନଙ୍କ ପଢ଼ାପଢ଼ି ଦେଖି ମୌଲବୀ ସାହେବ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଥିଲେ । ମୁସଲମାନ ଶିକ୍ଷାର ଅଭାବ ଏହି ସ୍ଥାନରେ ହୋଇଥିବାରୁ ଏହି 'ମଦ୍ରସା'କୁ ଓଡ଼ିଶାର 'ଆଦର୍ଶ ମଦ୍ରସା' ବୋଲି କହିପାରେ ।

ତକ୍ତବଜୀ ଗୋପକପୁର ଗ୍ରାମରେ ସୋମବାର ପ୍ରବଳ କାଳ ଆରମ୍ଭ କରିଅଛି । ଯଦିବା ବହୁତ ମରିଲେଣି ତହିଁରେ ଦେଶର ଲୋକମାନେ ବଡ଼ ଶଙ୍କିତ ହେଉଛନ୍ତି ।

ବର୍ଷାର ଅଭାବ ଦେଖି ପ୍ରଜାମାନଙ୍କ ଚିନ୍ତା ହେଉଅଛି । କେତେ ସ୍ଥାନରେ ସବୁ ଶୁଖିଯାଇ ହୋଇଗଲାଣି । ଶୀଘ୍ର ବୃଷ୍ଟି ହେବାର ପ୍ରୟୋଜନ ।

ପଞ୍ଜାବର ଏକ ଉଚ୍ଚ ପଦରେ ଲୋକ ଅଛନ୍ତି ଓ ଅସୁସ୍ଥ ର ବର୍ଷର ହେତୁରୁ ସାହେବ ମୁସଲମାନ ଧର୍ମରେ ଦୀକ୍ଷିତ

Split by PDF Splitter
Digitized by srujanika@gmail.com

Split by PDF Splitter



ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେ-ମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ସମ୍ବଲପୁର ସହରରେ ଦାଶରଥି ପୂଜାରୀଙ୍କର ପାଞ୍ଚ ପୁତ୍ର । ପ୍ରଥମ ପୁତ୍ର ବୈକୁଣ୍ଠନାଥ ପୂଜାରୀ ଏମ୍, ଏ, ପାଶ କରି ସଇକାଶ୍ମି ଏକଷ୍ଟ୍ରା ଏସିଷ୍ଟାଣ୍ଟ କମିଶନର ପଦରେ ଥିଲେ ସେ କାଳକବଳରେ ଯାଇଥିଲେ । ତାଙ୍କ ଦୁଃଖାର୍ଣ୍ଣବରେ ଉକ୍ତ ଦାଶରଥି ପୂଜାରୀ ପଡ଼ିଥିଲେ ଓ ଦ୍ୱିତୀୟ ପୁତ୍ର ନୀଳକଣ୍ଠ ପୂଜାରୀ କେବଳ ପାସ କରି ସ୍ଥିତ୍ୱରଇ କାର୍ଯ୍ୟ କରୁଥିଲେ ତାଙ୍କର ଶାନ୍ତି ହେଲେହେଁ ଓ ସମସ୍ତ ଜନମାନଙ୍କୁ ଜାଣିଥିଲେ, ତତେ ସୁଦ୍ଧା ସେ ସ୍ୱପ୍ନରେ ଟିଣା ନ ଥିଲା ଓ କି ଦୁଃଖୀ କି ସୁଖୀ ସମସ୍ତଙ୍କର ପ୍ରିୟପାତ୍ର ଓ ସମାଜ ଦୃଷ୍ଟି ଓ ଦୟାବନ୍ ପ୍ରକୃତ ଦୃଷ୍ଟି ଦେଇ ଧନ୍ୟବାଦ ପାଉଥିଲେ ଓ ଦେଶର ମଙ୍ଗଳରେ ସତତ ତାଙ୍କର ବାଞ୍ଛା ଥିଲା ଉକ୍ତ ବହୁଗୁଣଙ୍କ ନୀଳକଣ୍ଠ ପୂଜାରୀ' କାଳ-କବଳରେ ତା ୨୫।୬।୦୫ ରବିବାରରେ ଏ ସଂସାର ତ୍ୟାଗ କଲେ ଓ ତାଙ୍କର ମୃତ୍ୟୁରେ ବସ୍ତ୍ର କି ଧନୀ କି ନିର୍ଦ୍ଧନୀ କା ହାକିମ ଆଦି ସମସ୍ତେ ଶୋକାକୁଳରେ କ୍ଳାନ୍ତ ଅଛନ୍ତି ତାଙ୍କର ପିତାଙ୍କ ପୁତ୍ରଶୋକ ଗୁରୁତର ପୀଡ଼ାକ୍ରାନ୍ତ ହୋଇଅଛି ଏପରି ସଦ୍‌ଗୁଣବାନ୍ ପୁତ୍ରଙ୍କୁ ପରମେଶ୍ୱର ପରଲୋକ କଲେ, ବୈକୁଣ୍ଠରେ ଆସନ ହେବାକୁ ପ୍ରାର୍ଥନା, ଏହା ବଡ଼ ଦୁଃଖର ସମ୍ବାଦ ।

ବାବା ଶ୍ରୀ ଜହ୍ନାସି ଦାସ ମହନ୍ତ ମହାରାଜ
ସମ୍ବଲପୁର ଗୋପାଳଜୀ ମଠ ।

---

ମହାଶୟ !

ଆପଣଙ୍କର ଗତ ତା ୧୭ ଜୁନ ପତ୍ରିକାରେ ପ୍ରକାଶିତ " ଯଥାର୍ଥବାଦୀ "ଙ୍କ ପତ୍ର ସମ୍ବନ୍ଧରେ କେତେକ କଥା ନିମ୍ନରେ ପ୍ରକାଶ କରୁଅଛି ।

"ଯଥାର୍ଥବାଦୀ"ଙ୍କ ମତରେ "ପ୍ରଜାବନ୍ଧୁ" ରେ ଅନେକ ସମୟରେ ନାନା ଭ୍ରାନ୍ତ ମତ ଲେଖାଯାଏ, ତେବେ କାହିଁକି ପ୍ରମାଣ ୨୮ ସପ୍ତାହ ବା ୨୪ ମାସ ଭିତରେ ମଧ୍ୟରୁ ନ ଦେଇ ପ୍ରଜାବନ୍ଧୁର ଏକବର୍ଷରେ ପାଠକ ଓଲଟାଇଲେ କାହିଁକି ? ପ୍ରଦର୍ଶିତ ଭ୍ରମ (?) ଦ୍ୱୟ ପୁଣି କେବଳ ପାଣ୍ଡାଙ୍କ ସମ୍ବନ୍ଧରେ ! ! ପ୍ରଜାବନ୍ଧୁର ଭ୍ରମ ପ୍ରଦର୍ଶନ କରିବାରେ ପାଣ୍ଡାଙ୍କ ଦୁର୍ନାମ ରଟନା ଯଥାର୍ଥବାଦୀଙ୍କ ଅଭିପ୍ରେତ ବୋଲି ତାଙ୍କର କାର୍ଯ୍ୟରୁ ବୋଧ ହେଉଅଛି । ପାଣ୍ଡା ମହାଶୟ ଜଜ୍ଜ ବୋର୍ଡରେ ମିଶନ ପ୍ରସ୍ତାବ କରୁଥିଲେ ବୋଲି ଥିବା ସପକ୍ଷରେ ଯଥାର୍ଥବାଦୀ କଣ ପ୍ରମାଣ ପ୍ରଦର୍ଶନ କରି ପାରିବେ କି ? ପାଣ୍ଡେ ଯେବେ ମିଶନ କରୁଥିବେ ମତ ଦେଇ-ଅଛନ୍ତି, ତେବେ ସେ ମିଶନ କମେଶ୍ୱମାନଙ୍କର ଅନୁମୋଦନ କେଲେ କାହିଁକି ? 'ଯଥାର୍ଥବାଦୀ' ପାଠକଙ୍କ ପ୍ରକୃତ ମତ—ଯାହା ଜାଣିଅଛନ୍ତି -ତାହା ପ୍ରମାଣ ସହିତ ପ୍ରକାଶ ନ କଲେ ତାଙ୍କ କଥାରେ କାହାର ବିଶ୍ୱାସ ସ୍ଥାପନ କରାଯାଇ ନ ପାରେ ।

'ଯଥାର୍ଥବାଦୀ' କହନ୍ତି, ପାଣ୍ଡେ ଦେଶମିଶନ ସପକ୍ଷରେ କହିବା ଯେପରି; ବି,ଏ କ୍ଲାସର କଣେ ଛାତ୍ରଙ୍କୁ ସାହାଯ୍ୟ କରିବା ସେହିପରି । ତାଙ୍କର ଏ କଥାରୁ ଏହିକି ଜଣା ଯାଉଅଛି ଯେ ପାଣ୍ଡେ କେଶମିଶନ ସପକ୍ଷରେ କହି ନାହାନ୍ତି ଏବଂ ଗଣେଶ ମହାପାତ୍ର ନାମକ ଛାତ୍ରକୁ ସାହାଯ୍ୟ କରୁ ନାହାନ୍ତି । ମାତ୍ର ପାଣ୍ଡେ ସାହାଯ୍ୟ କରୁ-ଥିବା ବିବରଣ ତାହିରଣ ପ୍ରଜାବନ୍ଧୁରେ ମୁଦ୍ରିତ ହୋଇଅଛି । ପରେ ସ୍ୱୟଂ ଗଣେଶ ମହାପାତ୍ର ସାହାଯ୍ୟ ପାଉଥିବା କଥା ପ୍ରକୃତ କରି ଉତଙ୍କ-ତା ସ୍ୱୀକାର କରୁଅଛନ୍ତି । ଏପରି ଅବସ୍ଥାରେ ଲେଖକଙ୍କୁ 'ଯଥାର୍ଥବାଦୀ' ନ କହି କହିଁର ବିପରୀତ ବାଦୀ କହିଲେ ଅନ୍ୟାୟ ହେବ କି ?

ପାଣ୍ଡ ମହାଶୟ ସାଧାରଣ ହିତକର କାର୍ଯ୍ୟରେ ମଧ୍ୟେ ମଧ୍ୟେ ଦାନ କରୁଥିବାର ସମସ୍ତେ ଶୁଣି ଆସୁଅଛନ୍ତି । କଣ୍ଡାମର ରାଜା, ଜମିଦାରମାନଙ୍କ ବ୍ୟତୀତ ଆଉ କେହି ସେପରି ବ୍ୟୟ କରୁ ନ ଥିବା ଠାରେ ଅକାରଣରେ ତାଙ୍କର ନିନ୍ଦା ରଟନା କରିବା ଭଦ୍ରତାର ପରିଚୟକ ନୁହେ । ଆଶା କରୁଁ ସେ ଏଥିରେ କ୍ଷାନ୍ତ ହେବେ ।

ଆପଣଙ୍କର

୨୮।୬।୦୫ ଜଣେ ଶୁଭାକାଂକ୍ଷୀ

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଶ୍ରୀ ସତନ ସାହୁ | କଟକ | ଟ ୩ |
| „ ତେଜଶ୍ୱାନନ୍ଦ ସିଂହ ଦିଃ ଡା ଆଃ ସାରପଡ଼ା | | ଟ ୧୮ |
| „ ଅକ୍ଷ୍ୟକୋଟରଣ ଦାସ | ବେଲ୍ଡପଡ଼ା | ଟ ୩ |
| ବାବୁ ନୀଳମଣି ପ୍ରସୂନ ଦେବ | ପାଟଣାଗଡ଼ | ଟ ୩ |
| ବାବୁ ଶ୍ରୀ ତୋଷିକ ଜେନ | ହେଃ ମାଃ ଉଲିକାଣୀ | ଟ ୧ |
| „ ବଶ୍ୱନାଥ ରଥ | ବୁର୍ଦ୍ଧୋକି | ଟ ୩ |
| „ ଲୋକନାଥ ପ୍ରଧାନ ସରକାରଙ୍କ ଅନୁଗୁଳ | | ଟ ୩ |
| „ ଜାସ୍ୱାଣ ବୋତ୍ରାଲ ଷ୍ଟେକଷ୍ଟେଷ୍ଟ ଦରେ-କେନ୍ଦ୍ରାବତ ବିଶାଖପତ୍ତନ | | ଟ ୩ |
| „ ଶ୍ରୀକଣ୍ଠ ମହର ହେଃ ପଃ ବଲଦାଗ | | ଟ ୧୫ |
| ସଭା । ତ । ଜୟନ୍ତି | | ଟ ୩ |
| ବାବୁ ଶ୍ରୀ ପ୍ରଭାତ ଦେବତା ମିର୍ଜାପୁର ଦେଉଲାମ | | ଟ ୩ |
| ବୃନ୍ଦାବାସୀ ମହନ୍ତ ନିତ୍ୟାନନ୍ଦ ଦାସ | ନୟନପୁର | ଟ ୩ |
| ବାବୁ ଶ୍ରୀ ରଘୁନାଥ ପାଣିଗ୍ରାହୀ | ହରିହରପୁର | ଟ ୩ |
| „ କ୍ଷେତ୍ରମୋହନ ମହାପାତ୍ର | ପୁରୀ | ଟ ୧୩ |
| „ ଅର୍ଜୁନ ଦାସ | କଲିକତା | ଟ ୩ |
| ଏନ, ଡ, ଗୋସ୍ୱାମୀ ବି, ଏ, | ହେଃ ମାଃ ଅମରପୁର ସତରପୁର | ଟ ୩ |
| ବାବୁ ଶ୍ରୀ ଗୋପାଳଚରଣ ଜେନ | କଣ୍ଟାବଜାର | ଟ ୨ |

---

# ବିଜ୍ଞାପନ ।

ଅସ୍କର ମସ୍ତବାସ ବଜାରରେ ଥିବା ନିଜ ବସତ ଏକମହଲା ଓ ଦୋମହଲା ପକ୍କା ଓ କଞ୍ଚା ଘର ବିକ୍ରୀ କରିବାର ସ୍ଥିର କରିଅଛୁଁ ଅତଏବ ସର୍ବ ସାଧାରଣଙ୍କୁ ଏତଦ୍ୱାରା ଜଣାଉଅଛୁଁ କି ଯେଉଁ ସଉଦାଗରମାନେ ଉପରୋକ୍ତ ତା ୧୯୦୫ ରୁ ତାହା ଇଚ୍ଛା କରନ୍ତି ସେମାନେ ଆସି ନିକଟକୁ ନଜର ଅଥବା ତା ପତ୍ର ଲେଖିଲେ ତାହାର ମୂଲ୍ୟ ଓ ଅନ୍ୟାନ୍ୟ ବିଶେଷ ବିବରଣମାନ ଜାଣି ପାରିବେ ।

ମସ୍ତବାସବଜାର କଟକ } ଶ୍ରୀ ଅନ୍ନପୂର୍ଣ୍ଣା ଦାସୀ
୨୭।୬।୦୫

---

ପ୍ରଜାବନ୍ଧୁ ।

ଉତ୍କଳର ଭାଷାରେ ସମ୍ପାଦିତ, ସର୍ବଜନ ପ୍ରଶଂସିତ ୧ଲକ୍ଷ ସାପ୍ତାହିକ ସମ୍ବାଦପତ୍ର 'ପ୍ରଜାବନ୍ଧୁ' ଚଉଦ ବର୍ଷ ଅତିକ୍ରମ କରି ଏବେ ପଞ୍ଚଦଶବର୍ଷରେ ପଦାର୍ପଣ କରିଅଛି । ଗ୍ରାହକଙ୍କ ଉତ୍କଳ-ରେ ଏହାର ପ୍ରଚାର ସର୍ବାପେକ୍ଷା ଅଧିକ । ଦେଶର ଖ୍ୟାତ-ନାମା ଲେଖକମାନଙ୍କ ପ୍ରବନ୍ଧ ଏହି ପତ୍ରିକାରେ ପ୍ରକାଶିତ ହୁଏ । ପତ୍ର ଲେଖିଲେ ଏକ ସଂଖ୍ୟା ନମୁନା ସ୍ୱରୂପ ପଠାଯିବ ଅଗ୍ରୀମ ବାର୍ଷିକ ମୂଲ୍ୟ ଏକ ଟଙ୍କା ଆଠ ଅଣା ମାତ୍ର । ଉତ୍କଳ ମଧ୍ୟସ୍ଥ ଛାତ୍ରଙ୍କ ପକ୍ଷରେ ବାର୍ଷିକ ମୂଲ୍ୟ ଏଗାରଅଣା, ପ୍ରତିସଂଖ୍ୟାର ମୂଲ୍ୟ ଏକଅଣା ମାତ୍ର ।

ମେନେଜର-ପ୍ରଜାବନ୍ଧୁ, ରମ୍ଭା ପୋଃ, ଗଞ୍ଜାମ ।

---

# ଉପନିଷଦ୍‌ସଂଗ୍ରହ ।

ଈଶ, ପ୍ରଶ୍ନ, କଠ, ଶ୍ୱେତାଶ୍ୱତର, ଐତ-ରେୟ, ମୁଣ୍ଡକ, ଭଗବତୀର ବାଳନିକ୍, ତୈତ୍ତିରୀୟ, ମାଣ୍ଡୁକ୍ୟ, ମୁଣ୍ଡକ ଓ କେନଲୀ, ଏହି ବିଷୟ ଗୁଡ଼ିକ ବଙ୍ଗୀୟ ମୂଳଗ୍ରନ୍ଥରୁ ଶ୍ରୀ ଫକୀର-ମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦିତ ମୂଲ୍ୟ ଟ ୦।୧ ଡାକମାସୁଲ ୮୦ / କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକ ଦୋକାନରେ ମିଳେ ।

---

# ହରିବଂଶ
# ମହାଭାରତାନ୍ତର୍ଗତ
# ଖିଲ ହରିବଂଶ ପର୍ବ ।

ଅଧି ଉତ୍କୃଷ୍ଟ ପୁସ୍ତକ ।

ଏହା ମୂଳ ହସ୍ତରୁ ଶ୍ରୀଯୁକ୍ତ ଫକୀରମୋହନ ସେନାପ-ତିଙ୍କଦ୍ୱାରା ଚଉପଦୀ ଛାନ୍ଦରେ ଅନୁଦିତ । ମୂଲ୍ୟ ପ୍ରତିଖଣ୍ଡ ଟ ୧ ଟା ଡାକମାସୁଲ ସ୍ୱତନ୍ତ୍ର କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ।

ପୁରୀ ଷ୍ଟାକର ଏଡିସନେଲ ମୁନସଫଙ୍କର ଅଦାଲତ।

ସନ ୧୯୦୬ ମସିହାର ୫୩୪ ନମ୍ବର ସ୍ପେଶିଆଲ ମୋକଦ୍ଦମା।

ଦେଓ୍ୟାନୀ କାର୍ଯ୍ୟବିଧି ଆଇନର ୪୩୦ ଧା ୩୦ ସ।

୧ ଭିକାରୀ ସାହୁ। ପୁ। ଗଉରାଙ୍ଗ ସାହୁ। ମୃ। ୨ ରଘୁ ସାହୁ। ପୁ। ମାଗୁଣି ସାହୁ। ମୃ। ୩ ଭାଗବତ ସାହୁ। ପୁ। ମାଗୁଣି ସାହୁ। ମୃ। ୪ ସାଭ ଉଦ୍ଧବ ସାହୁ। ପୁ। ନାଥ ସାହୁ। ମୃ। ୫ ଆର୍ତ୍ତ ଦାସ। ପୁ। ଜୀଉଣ ଦାସ। ମୃ। ୬ ଲକ୍ଷ୍ମୀ ଦାସ ନାବାଳିକ ପୁତ୍ର ଗଉରି ଦାସ। ମୃ। ଉକ୍ତ ନାବାଳକ ତରଫରୁ ମାତା ମାତାପିଲ ସୀତା ଦେଓ୍ୟାଣୀ। ୭ ବଳି ସାହୁ ପୁତ୍ର ବେଳୁ ସାହୁ। ମୃ। ୮ ସାଇ ଗୋବିନ୍ଦ ସାହୁ ପୁତ୍ର ସ୍ୱାମି ସାହୁ। ମୃ। ୯ ଅନନ୍ତ ସାହୁ ପୁତ୍ର ରଘୁନାଥ ସାହୁ। ମୃ। ୧୦ ମଧୁ ସାହୁ ପୁତ୍ର ଆର୍ତ୍ତ ସାହୁ। ମୃ। ୧୧ ରାମ ସାହୁ ପୁ। ଗଙ୍ଗାଧର ସାହୁ। ମୃ। ୧୨ ଗୋବିନ୍ଦ ସାହୁ। ପୁ। ଉକ୍ତ ସାହୁ। ମୃ। ୧୩ ଈଶ୍ୱର ଦାସ ପୁତ୍ର କୃଷ୍ଣ ଦାସ। ମୃ। ୧୪ ଖଡ଼ା ଦାସ। ପୁ। କୃପା ଦାସ। ମୃ। ୧୫ ଉଦ୍ଧବ ଦାସ। ପୁ। ପଦ୍ମନ ଦାସ। ମୃ। ୧୬ ରଘୁନାଥ ସାହୁ ପୁ। ମାର୍କଣ୍ଡ ସାହୁ। ମୃ। ୧୭ ଦାମୋଦର [illegible]। ପୁ। ହାଡ଼ି ବେହେରା। ମୃ। ୧୮ [illegible] ବେହେରା ପୁତ୍ର [illegible] ବେହେରା। ମୃ। ୧୯ ଅପର୍ତ୍ତି ବେହେରା ନାବାଳକ। ପୁ। ଧନୀ ବେହେରା। ମୃ। ଉକ୍ତ ନାବାଳକର ମାତା ମାତ୍ୟାପିଲ ପାନ ଦେଓ୍ୟାଣୀ। ୨୦ ଫକୀର ସାହୁ ପୁତ୍ର ମଧୁ ସାହୁ। ମୃ। ୨୧ ଅନନ୍ତ ସାହୁ। ପୁ। ବନମାଳୀ ସାହୁ। ମୃ। ୨୨ ଅର୍ଜୁନ ସାହୁ। ପୁ। ରଘୁନାଥ ସାହୁ। ମୃ। ସା। ଢାଇମାଟିଆ ପାଟଣା। କି। ଚାପଙ୍ଗ। ଡି। କୋର୍ଦ୍ଧା ବାଦୀମାନେ।

ବନାମ

୧। ଶ୍ରୀମତୀ ସାମନ୍ତର। ପୁ। ବନମାଳୀ ସାମନ୍ତର। ମୃ। ୨ ଶ୍ରୀବତ୍ସ ମହାପାତ୍ର। ପୁ। ଗୋବିନ୍ଦ ମହାପାତ୍ର। ମୃ। ସା। ଅଣ୍ଡା। ୩ ଭଗୀରଥ ପଟ୍ଟନାୟକ। ପୁ। ହୃଷୀକେଶ ପଟ୍ଟନାୟକ। ମୃ। ସା। ଅଣ୍ଡା। କି। ଚାପଙ୍ଗ। ଡି। କୋର୍ଦ୍ଧା ୪ ମଧୁ ଭଞ୍ଜ। ପୁ। ଭଜ ଭଞ୍ଜ। ମୃ। ୫ ଦେବୀ ବେଓ୍ୟା ସ୍ତ୍ରୀ ଗୋବିନ୍ଦ ଭଞ୍ଜ। ମୃ। ସା। ଧଉଳମୁହିଁ। କି। ଚାପଙ୍ଗ। ଡି। କୋର୍ଦ୍ଧା ୬ ମାଗୁଣି ପଣ୍ଡା। ପୁ। ମହାଦେବ ପଣ୍ଡା। ମୃ। ସା। ଗୁରୁଜଙ୍ଗ। କି। କୋର୍ଦ୍ଧା। ଡି। କୋର୍ଦ୍ଧା। ୭ ଚକ୍ରଧର ନାୟକ। ପୁ। ବଳଭଦ୍ର ନାୟକ। ମୃ। ସା। ଗୋପପୁର। କି। ଚାପଙ୍ଗ। ଡି। କୋର୍ଦ୍ଧା ପ୍ରତିବାଦୀମାନେ।

ଯେହେତୁ ଏହି ଅଦାଲତ ଇଲାକାଧୀନ। କି। କୋର୍ଦ୍ଧା। କି। ଚାପଙ୍ଗ। ମୌଜେ ଧଉଳମୁହିଁରେ ଅତି ପ୍ରାଚୀନ କାଳାବଧି ପ୍ରତିଷ୍ଠିତ ଶ୍ରୀ ମୋଲକର୍ଣ୍ଣେଶ୍ୱର ଦେବ ଓ ତାହାଙ୍କ ନିକଟ ପ୍ରତିମା ଶ୍ରୀ ଚନ୍ଦ୍ରଶେଖର ଦେବ ଠାକୁର ଠାକୁରାଣୀମାନେ ବିଜେ କରିଥିବା ଓ ସେହି ଦେବ ଦେବୀମାନେ ବାଦୀମାନଙ୍କ ଗ୍ରାମ ଢାଇମାଟିଆ ପାଟଣା ଓ। ମୌ। ଧଉଳମୁହିଁ। ମୌ। ନୂଆଗାଁ ଓ ଲଣ୍ଡାବଣିଆଁ ମଉଜାର ସମସ୍ତ ଗ୍ରାମବାସୀଙ୍କ ଇଷ୍ଟଦେବତା ଥିବା ଓ ଜାତଯାତ୍ରା ପର୍ବ୍ବ ପର୍ବ୍ବମାନଙ୍କରେ ଉକ୍ତ ଚନ୍ଦ୍ରଶେଖର ଦେବ ଠାକୁର ଓ ଠାକୁରାଣୀମାନେ ଉପରୋକ୍ତ ଗ୍ରାମମାନଙ୍କରେ ବିଜେ ହେବା ସମୟରେ ସମସ୍ତ ଗ୍ରାମବାସିମାନେ ପୁରୁଷାନୁକ୍ରମେ ଅପୂର୍ବ ବାଦ୍ୟରେ ଓ ମଙ୍ଗଳରେ ଭୋଗମାନ ଦେଇ ଚନ୍ଦନ ଶୁକ୍ଳ ଚତୁର୍ଦ୍ଦଶୀ ବେଢ଼ା ପ୍ରଭୃତି ପାଳନ୍ତି ଅନୁସାରେ ପୂର୍ବ୍ବ ପ୍ରଥା ମତେ ଜାରି ଆସୁଥିବା ନ ୩୨୪ ନମ୍ବର ପ୍ରତିବାଦୀମାନେ ଦେବ ପ୍ରତିମାମାନଙ୍କର ମାରଫତଦାର ଓ ନ ୫ ନମ୍ବର ପ୍ରତିବାଦୀମାନଙ୍କର ନ ୬ ନମ୍ବର ପ୍ରତିବାଦୀ ଓ ନ ୭ ନମ୍ବର ପ୍ରତିବାଦୀଙ୍କର ନ ୨ ନମ୍ବର ପ୍ରତିବାଦୀ [illegible] ଥିବା ଓ ଉକ୍ତ ଗୃହକମାନେ ନ ୧।୩।୪ ନମ୍ବର ପ୍ରତିବାଦୀମାନଙ୍କ ପ୍ରତିନିଧି ସ୍ୱରୂପ ଓ [illegible] ନମ୍ବର ପ୍ରତିବାଦୀମାନେ ସ୍ୱୟଂ ସେ [illegible] ସେବାର କାର୍ଯ୍ୟମାନ ପାଳନ କରି ଅନୁସାରେ କରୁଥିବା ଓ ପ୍ରଶଂସିତ ଠାକୁର ଠାକୁରାଣୀମାନେ ପ୍ରତି ସନ ଜ୍ୟେଷ୍ଠ ଶୁକ୍ଳପକ୍ଷ ଦ୍ୱାଦଶୀ ଦଶମ ତିଥିରେ। ମୌ। ଧଉଳମୁହିଁ ଓ ଚଳନ୍ତି। ମୌ। ଢାଇମାଟିଆ ଓ ଚଳନ୍ତିରେ। ମୌ। ଲଣ୍ଡାବଣିଆ ଚଳନ୍ତିରେ। ମୌ। ନୂଆଗାଁ ଓ ଚଳନ୍ତି ବିଜେ। ମୌ। [illegible] ଓ ଚତୁର୍ଦ୍ଦଶୀ ଦିନ ଚଳନ୍ତିରେ ମୌଜା ଚାପଙ୍ଗ ଓ ଚତୁର୍ଦ୍ଦଶୀ ଦିନ ପ୍ରଥମେ। ମୌ। ଢାଇମାଟିଆ ଓ ଚଳନ୍ତିରେ। ମୌ। ଧଉଳମୁହିଁ ଓ ଚଳନ୍ତିରେ। ମୌ। ଲଣ୍ଡାବଣିଆ ଓ ଚଳନ୍ତିରେ। ମୌ। ନୂଆଗାଁ ଓ ଚଳନ୍ତିରେ ଦୋଳ ଉଠା ପ୍ରଥମେ। ମୌ। ଢାଇମାଟିଆ ଚଳନ୍ତିରେ। ମୌ। ଧଉଳମୁହିଁ ଓ ଚଳନ୍ତିରେ। ମୌ। ଲଣ୍ଡାବଣିଆ ଓ ଚଳନ୍ତିରେ। ମୌ। ନୂଆଗାଁକୁ ଯିବା ଓ ପ୍ରତି ଗ୍ରାମରେ ଗୃହସ୍ଥ ଭୋଗ ଲାଗିବା ଓ ପ୍ରତି ସନ ମକର ମାସ ଚତୁର୍ଦ୍ଦଶୀ ବେଢ଼ା ନ ୨ ନମ୍ବର ବାଦୀ ଓ ଜ୍ୟେଷ୍ଠ ମାସ ବେଢ଼ା ନ ୧ ନମ୍ବର ବାଦୀ ଓ ବୈଶାଖ ମାସ ବେଢ଼ା ନ ୧୬ ନମ୍ବର ବାଦୀ ଓ ଆଶ୍ୱିନ ମାସ ବେଢ଼ା ନ ୧୭ ନମ୍ବର ବାଦୀମାନେ ପୂର୍ବ ଦସ୍ତୁରମତେ କରୁଥିବା ଓ ଶଙ୍କରମାନଙ୍କୁ ଟାଙ୍ଗି ଓ ଅଣ୍ଡା ଗ୍ରାମ ପର୍ଯ୍ୟନ୍ତ ଦୋଳକୁ ଦେବପ୍ରତିଷ୍ଠିତ ନିକଟ ହେବା ସମୟେ ଧଉଳମୁହିଁ, ଢାଇମାଟିଆ, ନୂଆଗାଁ ଓ ଲଣ୍ଡାବଣିଆଁ ଗ୍ରାମବାସୀମାନେ ସଙ୍ଗରେ ଯିବା ଏବଂ ଉକ୍ତ ମୌଜାମାନଙ୍କ ଗଉଡ଼ଜାତିମାନେ ଗ୍ରାମବାସିମାନଙ୍କ ଦ୍ୱାରକୁ ନିକଟ ପ୍ରତିମାଙ୍କ ବିମାନ କାନ୍ଧେଇ ନେବା ଓ ଗୃହସ୍ଥଜାତିମାନେ ଛତା ତରାସ ଧରିବା ଇତ୍ୟାଦି ରୀତି ନୀତିମାନ ଅତି ପ୍ରାଚୀନ କାଳରୁ ପୁରୁଷାନୁକ୍ରମେ ଚଳିଆସୁଥିବା ଓ ଉକ୍ତ ପ୍ରଥାନୁସାରେ ଉପରୋକ୍ତ ଢାଇମାଟିଆ ଓ ଧଉଳମୁହିଁ ଓ ନୂଆଗାଁ ଓ ଲଣ୍ଡାବଣିଆଁ ମୌଜାମାନଙ୍କର ପ୍ରତ୍ୟେକ ଗ୍ରାମବାସିମାନଙ୍କଦ୍ୱାରେ ଭୋଗ ଖୁଆଇବା ଓ ଚତୁର୍ଦ୍ଦଶୀ ବେଢ଼ା ପାଳବନ୍ଧ ଅନୁସାରେ କରିବା ଓ ଅଣ୍ଡା ଗ୍ରାମ ଦୋଳ ଶଙ୍କରମାନଙ୍କୁ ଟାଙ୍ଗି ଦୋଳ ସଙ୍ଗେ ଯିବା କାର୍ଯ୍ୟମାନ ନ ୧।୨।୩।୪ ନମ୍ବର ପ୍ରତିବାଦୀମାନେ ଓ ଦେବମାନଙ୍କର ପୂର୍ବାଧିକାରୀ ମଉରସମାନେ ପୁରୁଷାନୁକ୍ରମେ କରିଆସୁଥିବା ଓ ଧଉଳମୁହିଁ ଗ୍ରାମବାସୀ ମଦନ ମହାନ୍ତି, ବଳଭଦ୍ର ମିଶ୍ର, ସୋମନାଥ ମିଶ୍ର, କୃତ୍ତିବାସ ସାମନ୍ତର ଓ ଜଗବନ୍ଧୁ ମହାନ୍ତି ଓ ସେମାନଙ୍କ ସହିତ ବାଦୀମାନଙ୍କର ମନାନ୍ତର ଥିବାରୁ ଉକ୍ତ ମଦନ ମହାନ୍ତି ପ୍ରଭୃତି ପ୍ରତିବାଦୀମାନଙ୍କ ସହିତ ଏକଯୋଗ ହୋଇ ଗତ ଦୋଳ ଯାତ୍ରା ଦ୍ୱାଦଶୀ ଦିବସ ଅର୍ଥାତ୍ ସନ ୧୩୧୨ ସାଲ ଜ୍ୟେଷ୍ଠ ମାସ ଦ ୨୦ ଦ।ମୁ। ତା ୧୮।୩।୦୬ ରଖେ ଏବଂ ଅଧିକାଂଶ ସମସ୍ତ ସେବା କରୁଥିବା ନ ୪ ନମ୍ବର ପ୍ରତିବାଦୀ ଓ ୨।୫ ନମ୍ବର ପ୍ରତିବାଦୀଙ୍କ ତରଫରୁ ନ ୬ ନମ୍ବର ପ୍ରତିବାଦୀ ଓ ନ ୫ ନମ୍ବର ପ୍ରତିବାଦୀ ତରଫରୁ ନ ୭ ନମ୍ବର ପ୍ରତିବାଦୀମାନେ ସେମାନଙ୍କ ଅନୁସାରେ ଓ ଲୁପ୍ତ ପରାମର୍ଶରେ ରହି ସେମାନେ ଉକ୍ତ ଦେବ ଦେବୀମାନଙ୍କ ଗ୍ରାମକୁ ନିକଟ ପ୍ରତିମାଙ୍କୁ ନ ନେବା ଉଦ୍ଦେଶ୍ୟରେ ସେ ଦିନ ବାଦୀମାନଙ୍କ [illegible] ଗ୍ରାମବାସୀଙ୍କ ଭୋଗ ନ ଖୁଆଇବା ଓ ନ ୨।୩।୪ ନମ୍ବର ପ୍ରତିବାଦୀମାନେ ଉପରୋକ୍ତ ମତେ ବାଦୀମାନଙ୍କ ଭୋଗ ବନ୍ଦ କରିଥିବାରୁ ବାଦୀମାନେ ସେମାନଙ୍କ ଚତୁର୍ଦ୍ଦଶୀ ଦିନ ଅର୍ଥାତ୍ ସନ ୧୩୧୨ ସାଲ ଜ୍ୟେଷ୍ଠ ମାସ ଦ ୮ ଦ।ମୁ। ତା ୨୨।୫।୦୬ ରଖେ ନିକଟ ପ୍ରତିମାମାନଙ୍କୁ ବାଦୀମାନଙ୍କ ଗ୍ରାମକୁ ନେଇ ବିଜେ କରାଇବା କଥାରେ ନ ୧।୨।୩।୪ ନମ୍ବର ପ୍ରତିବାଦୀମାନେ ଚେଷ୍ଟାରେ ସଫଳ ହେବାରୁ ବାଦୀମାନେ ଉକ୍ତ ଚତୁର୍ଦ୍ଦଶୀ ଦିନ ଏମନ୍ତିକା ସାଧନ୍ତି ସ୍ପଷ୍ଟରେ କରୁଥିବା ଓ ଉକ୍ତ ପ୍ରତିବାଦୀମାନେ ସେ ଦିନ

ଉକ୍ତ ଠାକୁରମାନଙ୍କୁ ବଳେ ଦଖଲ ନ ଥିବା ଏବଂ ଭୋଗାର୍ପଣ ହୋଇ ନ ଥିବା ଉଦ୍ଦେଶ୍ୟେ ସ୍ଥାପିତ ଶ୍ରୀ ଠାକୁର ଠାକୁରାଣୀମାନଙ୍କ ସାହାଯ୍ୟାର୍ଥ ପଞ୍ଚସଖାଙ୍କ ପୂର୍ବ ପୁରୁଷମାନେ ବାଦୀମାନଙ୍କ ଗ୍ରାମକୁ ବଳେ ଦଖଲି ସ୍ଥାପତ୍ୟ ବାଦୀମାନଙ୍କ ଦ୍ୱାରଠାରେ ଭୋଗାର୍ପଣ ହୋଇବା ଓ ଶଙ୍କରମାଲୁଙ୍କୁ ଓ ଅଣ୍ଡା ମଣ୍ଡିକା ଯଥାସମ୍ଭବ ସାହାଯ୍ୟ ଦେବ ପ୍ରତିଷ୍ଠିତ ହେବ ସମସ୍ତ ବାଦୀମାନେ ଯେ ଯାହା ସେବା ସହାଯେ ସଙ୍ଗରେ ଯିବାର ସତ୍ତ୍ୱ ସାବ୍ୟସ୍ତ ହେବା ଓ ମୋକଦ୍ଦମାର ଖର୍ଚ୍ଚା ସୁଦ ସହିତ ବାଦୀମାନେ ଡିକ୍ରୀ ପାଇବା ଅବ ପ୍ରାର୍ଥନାରେ ସମସ୍ତ ଗ୍ରାମବାସୀମାନଙ୍କ ତରଫରୁ ଉକ୍ତ ବାଦୀମାନେ ଉକ୍ତ ପ୍ରତିବାଦୀମାନଙ୍କ ବିରୁଦ୍ଧେ ଅଙ୍କ ନାଲିଶ ଦାୟର କରିବା ପ୍ରାର୍ଥନା କରିଥିବା ଓ ଉକ୍ତ ଗ୍ରାମବାସୀମାନଙ୍କ ସଂଖ୍ୟାରେ ଅନେକ ଥିବାରୁ ଓ ଅଙ୍କ ମୋକଦ୍ଦମାରେ ଉକ୍ତ ଗ୍ରାମବାସୀମାନଙ୍କର ଏକ ପ୍ରକାର ସ୍ୱାର୍ଥ ଓ ସତ୍ତ୍ୱ ଥିବାର ଉଦ୍ଦେଶ୍ୟ କରି ଉକ୍ତ ଗ୍ରାମବାସୀମାନଙ୍କ ତରଫରୁ ଅଙ୍କ ନାଲିଶ ଦାଏର କରିବାର ପ୍ରାର୍ଥନା କରିଥିବାରୁ ଏତଦ୍ୱାରା ଦେଓ୍ୟାନୀ କାର୍ଯ୍ୟବିଧି ଆଇନର ୩୦ ଧାରା ଅନୁଯାୟୀ ଉକ୍ତ ନାଲମାଟିଆ ଗ୍ରାମ ନିବାସୀ ସମସ୍ତ ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଏଥିରେ ସେମାନଙ୍କର କାହାର ଆପତ୍ତି ଥିଲେ ତାହା ସନ ୧୯୦୫ ମସିହା ଜୁଲାଇ ମସ ତା ୧୮ ଦିନରେ ଶୁଣାଣିରେ ଦର୍ଶାଇବ ।

ତା ୭ ଋଣ ଜୁନ ସନ ୧୯୦୫ ମସିହା ।

MATI LAL RAY,
*Additional Munsif.*

# ବିଜ୍ଞାପନ ।

# ସଞ୍ଜୀବନୀ ବଟିକା ।

ମାସ୍ତୁଲ ଟ ୦ ।୵

ଉତ୍ତମୋତ୍ତମ ମହୌଷଧ ସେବନରେ ପ୍ରେତ ଗ୍ରହଣ ପ୍ରଭୃତି କଠିନ ରୋଗ ଓ ଶୂଳ ଉଦାବର ପ୍ରବାହ ରୋଗ ଅତି ଶୀଘ୍ର ଅବ୍ୟର୍ଥ ହୁଏ ।

ରତ୍ନୋପଧ୍ୟାୟ ବ୍ୟବସ୍ଥା ନେବ । **ସୁଧାରବୃଷ୍ଟି** ଅନେକ ଔଷଧ

ସେବନରେ ପୁଷ ରକ୍ତ ପ୍ରମେହରେ ଜ୍ୱାଳା ଯନ୍ତ୍ରଣା ଅତ ଦୂରହେବ ଶାନ୍ତ ହୁଏ, ଶୀ ପୁରୁଷ ପ୍ରମୋହଗ୍ରସ୍ତିବ ସ୍ତ୍ରୀ ମେହ ସଦାବଧାନେ ଅବ୍ୟର୍ଥସତ୍ତ୍ୱ ହୁଏ, ଏ ସବୁ ନ ମଧ୍ୟରେ ଚମତ୍କାର ସୁଫଳ ଦେଖାଯାଏ ।

ମୂଲ୍ୟ ଏକପାତେଠାରୁ ୨୧୩ ଖା ଲ, ପି ୨ ୧୵୦ ।

# ସର୍ବସଙ୍ଗ୍ରହାତ୍ମକଶାସ୍ତ୍ର

(ଆଇଦାଦ ବୁଦ୍ଧିବନ୍ତିକ ପୁସ୍ତକ)

ମୂଲ୍ୟ ଏକ ଥାନରୁ ୨ ୧ ଖା ଲ, ପି ୧ ୦ ।୵

କଠିନ ଉଦର୍ଗଣ ଧାତୁବିକାର ଓ ସ୍ୱପ୍ନଦୋଷ ଔଷଧ ଖା ଶୀଘ୍ର ଅବ୍ୟର୍ଥ ହୁଏ ।

# କାମକଳ୍ପତରୁ ରସାୟନ ।

ଏହା ସେବନରେ ନଷ୍ଟ ଇନ୍ଦ୍ରିୟ ସତେଜ, ସୁନ୍ଦର ଦେହ କାନ୍ତି, ଶୁକ୍ରର ଗାଢ଼ତା ଓ ଧାରଣା ଶକ୍ତି ବୃଦ୍ଧି ହୁଏ କ୍ଷୀଣ ଦୁର୍ବଳ ଶରୀର ପୁଷ୍ଟ (ମୋଟା) ଓ ବଳିଷ୍ଠ ହୁଏ । ଶୀତକାଳରେ ସେବନ କଲେ ଅଲୌକିକ ସ୍ଫୂର୍ତ୍ତି ଦେଖାଯିବ । ନାରୀ ଜନ୍ମାନ୍ତ ସୁଖ ଅନୁଭବ କରନ୍ତି । ମୂଲ୍ୟ ଏକ ଡବାର ଟ ୧୯ ଖା ଡା ପି ମାସୁଲ ଟ ୫ ।

ଶ୍ରୀ ଭବାନୀପ୍ରସାଦ କବିରାଜ
ବିଦ୍ୟମାନ, ରେବତୀ ୮ ଲକ୍ଷ୍ମୀଧର

The American
LEVER "MENTOR" Watch.

ଅମେରିକାର ଲିଭର 'ମେଣ୍ଟର' ଓ୍ୱାଚ୍ ବା ଘଣ୍ଟା ଘଡ଼ି ।



ସୁବର୍ଣ୍ଣ ଦାମ ଶେଲ ଘଣ୍ଟା ଘଡ଼ିରେ । ସନ ୧୯୦୮ ମସିହାରେ ମାଁଚିନ, ବରଇ, ପ୍ରାଣିବସ୍ତୁ ରେ ଟିକଣାର ପ୍ରେରଣ । ସନ ୧୯୦୮ ମସିହାରେ ଏହା ପ୍ରଦର୍ଶନୀରେ ପଦକ ପୁରସ୍କାର ପାଇଅଛି । ସେପରି ଶାନ ଚକ୍ଷୁର ଘଡ଼ି, ଅତ ଅଳ୍ପରେ ଏତେ ଅଳ୍ପ ଦରେ । ଏ ପର୍ଯ୍ୟନ୍ତ ଏପରି ଘଡ଼ି ସାଧାରଣଙ୍କ କେହି ଦେଇ ନାହାନ୍ତି ।

ଏହାର ଭିତର କେବଳ ଏଣ୍ଟ୍ ମୋଟାମୋଟି ପୁର୍ଣ୍ଣ ଣ୍ଟେଲ ପ୍ରସ୍ତୁତରେ ଅଛି, ଶବ ନାହିଁ । ଗୋଟି ଗଡ଼ି ଦଶ ଗାଢ଼ରେ କଲେ ଏହା କଦ କିଛି ହୁଏ ନାହିଁ । ଏହି ସଙ୍ଗେ ଗୋଟିଏ ସୁନ୍ଦର ଚେନ ଓ ଦିଅଯାଉଅଛି ଏବଂ ୨ ବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ । ମୂଲ୍ୟ ଟ ୩୦/ ଶେଷ ଓ ଡାକମାସୁଲ ୫୦/ ।

ମହିଳାମାନଙ୍କର ବ୍ୟବହାରୋପଯୋଗୀ ଘଡ଼ି ।—



ଘଡ଼ି ଓ ଘଣ୍ଟା ସାଉଣ୍ଡ ସିଲ୍ଭର ଅତ୍ୟନ୍ତ ଶୋଭାକର ବହୁମୂଲ୍ୟ କାରିଗରୀ ଖୋଦିତ ବା ଇନାମେଲ କରା । ସମସ୍ତ ପ୍ରକାର ଦେଖିବାକୁ ଅତି ସୁନ୍ଦର, ଘଡ଼ିର ଭିତର ଯନ୍ତ୍ର ଅତି ଉତ୍ତମ, ନୂଆ ପ୍ରକାର, ତ୍ରିରୂପୀ ଯୁକ୍ତ ସହିତ ବାଳିକା ପାଇଁ ଚମତ୍କାର ପଣି ସହିତ ।

ଉପଯୁକ୍ତ ଘଡ଼ି ଟ ୭, ସୁନ୍ଦର ଚେନ ଟ ୨, ପାଉଡ଼ର କେସ ଟ ୦ ।୵ ପୃଥକ ଲାଗିବ ।

ଘଡ଼ି, ନାମ ଓ ଠିକଣା ଇଂରାଜୀରେ ସ୍ପଷ୍ଟଭାବରେ ଲେଖିବ । ଭାଲ୍ୟୁପେବଲ ଡାକଯୋଗେ ପଠାଯାଏ । ଅମ୍ଭମାନଙ୍କର ଏହାପୂର୍ବ ମଧ୍ୟରୁ ଅଧିକାଂଶ ଗ୍ରାହକ ସନ ୧୮୫୦ ଠାରୁ ୧୯୦୦ ମସିହା ପର୍ଯ୍ୟନ୍ତ ଏତେ ସନ୍ତୋଷ ଜନ୍ମାଇଛନ୍ତି ଯେ ଏହା ସଭ୍ୟ ସମାଜରେ ଘଡ଼ି, ମାଲ, ଜାତିର ସମ୍ମାନ ଦେଇଛନ୍ତି ।

Apply to,

S. Frank & Co.
17. U. D. Kupalee Tallah Bowbazar
Calcutta.

## ଫେଣ୍ଟେଣ୍ଟ ଷ୍ଟେସନାରି ବାକ୍ସ ।



ଏହି ଷ୍ଟେସନାରି ବାକ୍ସ ସୁନ୍ଦର ପାଇନ୍ ଉଡ୍ (ଗ୍ରାସ୍ ଗଛ) କାଠରେ ନିର୍ମିତ । (ମାପ ୧ × ୬ × ୪ ଇଞ୍ଚ ଅଭ୍ୟାବଶ୍ୟକୀୟ, ନିତ୍ୟ ବ୍ୟବହାର୍ଯ୍ୟ ନିମ୍ନଲିଖିତ ପଦାର୍ଥ ସବୁ ଏଥିରେ ଅଛି ।

୧୨ ଖଣ୍ଡ ପାର୍ଚ୍ଚମେଣ୍ଟ ପଠୀ କାଗଜ, ୧୨ଟା ଅତ ଉତ୍ତମ ଲଫାଫା, ୧ ଫଇଲ ରୋଷାନାଇ, ୧ ହୋଲ୍ଡର ନିବ, ୧ ପେନ୍ସିଲ କଲମ କାଟି, ରବରଯୁକ୍ତ ଏକ ବ୍ଲୁ ପେନ୍ସିଲ, ୧ ଭଲ (ଡ) ଜବ୍ ୧ ପେକେଟ ପିନ, ୧ ପେକେଟ ଭଲ କାଳୀର ପାଉଡର । ଅତ୍ୟନ୍ତ ସୁନ୍ଦର ଏହି ବ ବାଣିଜ୍ୟ ଷ୍ଟେସନାରି କେବଳ ନିହା ଭାଙ୍ଗି କାମରେ ଗୋଟିଏ ଉତ୍ତମ ଷ୍ଟାମ୍ପ ଦିଆ ପଡ଼ିଲେ ପଇବ )

ମୂଲ୍ୟ ଟ ୧୮ ଖା ମାତ୍ର ପେକ୍ଟ, ପୋଷ୍ଟେଜ ୫୦ ୬ । ଅଧିକା ଦିଅବ ।

## THE "ACME" LAMP.

### ଅକ୍ମେ ଲ୍ୟାମ୍ପ ।



ପ୍ରତ୍ୟେକ ଗୃହରେ ଅତ୍ୟନ୍ତ ପ୍ରୟୋଜନୀୟ । ଦୃଢ଼ତାରେ ନିର୍ମିତ, ଷାଠିଏ ଦୀପର ଆଲୋକ ଓ ଗଣେଶ ଦୀପର ମତ ଲାଗିଲେ ଏହା ଜଳିଥାଏ । ଏହା ଆଲୁଅରେ ଭଲ ସଉପାତ୍ର ଏକ ବାହୁରେ ସାଜ ଜଳାଇ ପାରେ । [ ଲୁହ ତେଲ ] । ଏଥିରେ ବ୍ୟବହୃତ ତେଲ, ତେଲ ଅଳ୍ପ ଖରଚ ହୁଏ, ଏହ ସମସ୍ତ ପ୍ରକାର ଆଲୋକ ପ୍ରଦାନ କରେ ।

ମୂଲ୍ୟ ଟ ୧ ମାତ୍ର, ପ୍ୟାକିଂ ଓ ଡାକମାସୁଲ ଦେବ ।

# ନବରତ୍ନ ମୁଦ୍ରି ।



ଏହା ଗୋଟିଏ ମନୋହର ନୂତନ ଢଙ୍ଗରେ ଗୋଟିଏ ଫୁଲ ଆକୃତି ରୂପ ଦେଖାଯାଏ ଏବଂ ସୌନ୍ଦର୍ଯ୍ୟରେ ସତ୍ୟ ମୁଦ୍ରିକୁ ଅତିକ୍ରମ କରିବା ଯୋଗ୍ୟ ରୂପ ଧାରଣ କରିଅଛି ।

ଏହାର ସୁନ୍ଦରତା ବୃଦ୍ଧି ନିମନ୍ତେ ଉତ୍ତମ ରୂପ ଦିଆଯାଇଅଛି । ଏହା ଖାଣ୍ଟି ଗିନି ସୁନା ରଙ୍ଗର ପ୍ରକାରରେ ନିର୍ମିତ ଏବଂ ଦୀର୍ଘ କାଳ ପର୍ଯ୍ୟନ୍ତ ବ୍ୟବହାରରେ ଆସେ । ଏହା ପ୍ରକୃତ ସୁନାମାନଙ୍କ ପରି ଉତ୍ତମ ଚୋଖାଦ୍ରବ୍ୟ । ଏହାର ରଙ୍ଗ ପରି ସ୍ୱଚ୍ଛତା ସମ୍ବନ୍ଧରେ ଆମ୍ଭେମାନେ ଲୋକମାନଙ୍କ ଏହାକୁ ପ୍ରକୃତ ସ୍ୱର୍ଣ୍ଣ ନିର୍ମିତ ପଦାର୍ଥ ପରି ବ୍ୟବହାର କରିବାକୁ ଅନୁରୋଧ କରୁଅଛୁ । ଯେତେ ଏହା ମୂଲ୍ୟ ଟ ୨୦୦୦ ଖା ଦାମର ମୁଦ୍ରି ପରି ଦେଖାଯିବ ମନେ କରି ପାରନ୍ତି ।

ଲେଡ଼ିଜ ମଧ୍ୟର ମୂଲ୍ୟ ଟ ୧୩
ଜେଣ୍ଟଲମେନ ଲିଂ ଟ ୧୮

ଉପହାର—ପ୍ରତ୍ୟେକ ଗ୍ରାହକଙ୍କ ପ୍ରାପ୍ତ କରାଇବା ନିମନ୍ତେ ନିମନ୍ତ୍ରଣ ସହିତ ଗୋଟିଏ ସୁନାର ହାତ ଅବସରେ ବାନ୍ଧିବାର ଉପଯୋଗୀ ଘଡ଼ି ଦିଆଯିବ । ଅର୍ଦ୍ଧ ଡଜନ ମୁଦ୍ରି ନେଲେ ଏକ ପୋଷ୍ଟେଜ ନିର୍ମିତ ଉପହାରଯୁକ୍ତ ଚେନ ସହିତ ରେଜିଷ୍ଟ୍ରି ପେଣ୍ଡୁଲମର ଘଡ଼ି ଦିଆ ଯିବ ।

୬ ଡଜନ ମଧ୍ୟର ନେଲେ ୧୫ ମୂଲ୍ୟର ଉପହାର ସମ୍ବନ୍ଧୀ ଏକଯୋଗେ ମୁଦ୍ରି ପଠାଇ ଦିଆଯିବ ।

Apply to,

S. FRANK & Co.
17, Kupalee Tallah Bowbazar
CALCUTTA,

Digitized by srujanika@gmail.com

Split by PDF Splitter




# ବିଜ୍ଞାପନ ।

ଦେଖନ୍ତୁ ! ଦେଖନ୍ତୁ ! ଦେଖନ୍ତୁ !

ପ୍ରତ୍ୟେକ ଗୃହସ୍ଥର ପ୍ରୟୋଜନରେ

ଘଡ଼ିର ଔଷଧ, ଅନାବୃଷ୍ଟିମଣ୍ଡ, ନଟେଲ, ଗୃହବସ୍ତ୍ରନ ୫ ୩ ; ଉଦ୍ଭବ ଔଷଧ ୫ ୩୍ୟ ; ରେଲଉଦ୍ୟେ ରେଗ୍ଲେଟର ଔଷଧ ୫ ୪ । ; ୫ ୫୍ୟ ଓ ୫ ୧ ; କୋରଲ୍ଲଇସର ଜ୍ୟୋଂ ଔଷଧ ନଟେକଲ ୫ ୮ ୍ୟ ଏକନ ରୌପ୍ୟ ଲୁଣ୍ଠିଂ ୫ ୧୩ ଓ ୧୫; ଜର୍ମ ୟାଇମ୍ ପିସ ୫ ୧୨; କ, ଇ, ୫ ୩ ଙ୍କା; ଏନସ୍ତୋନସ୍ୟ ଔଷଧ ୫ ୩୍ୟ ୫ ୫୍ୟ; ଡାକା ଯାଇମ୍ ସ (ଘଣ୍ଟା ଓ ଅଧଘଣ୍ଟା ବାଜିବାର) ୫ ୫ ଓ ୫ ୭ ଙ୍କା । ପ୍ରତ୍ୟେକ ଜିନିଷ ଗେରେଣ୍ଟି ଦିଆଯାଏ ଓ ମାସୁଲାଦି ସ୍ୱତନ୍ତ୍ର ଲାଗେ । ଭି, ପି, ଜାହୁ ।

ଅଳ୍ପ ଔଷଧର ଘରେ ରଖନ୍ତୁ (୧) "ସଲଫିନ୍", ଏ ଲଗାଇବାର, ଅଣ୍ଟା ଓ ପିଠିବାତ ଉପଶମ ହୁଏ ଏବଂ ପ୍ରକାର ଦାଦ ଓ ଖୁଜଲି ବାତରୋଗରୁ ଅତି ସତ୍ୱର ଆରୋଗ୍ୟ କରେ । (୨) "ଜ୍ୱଲିନ୍" ଏ ସର୍ବପ୍ରକାର ଘା, କ୍ଷତ, ଜାଲି ର ଏକମାତ୍ର ଔଷଧ । (୩) "ଅରନ୍" ଏ ସର୍ବପ୍ରକାର ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟର ମହୌଷଧ । ପ୍ରତ୍ୟେକର ମୂଲ୍ୟ ୧ ଙ୍କା ମାତ୍ର । ମାସୁଲାଦି ୫ ୦ ।୵ ଅଣାର ଅଧିକା ପରୀକ୍ଷା ପ୍ରାର୍ଥନୀୟ ।

କମଲ ସାଉ, କୋଂ ନ ୧୯, ବଲରାମଘୋଷର ଷ୍ଟ୍ରିଟ, ଶ୍ୟାମବଜାର କଲିକତା

ଗବର୍ଣ୍ଣମେଣ୍ଟ ମେଡିକଲ ଡିପ୍ଲୋମା ପ୍ରାପ୍ତ

ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ସେନ କବିରାଜ ।

ବହୁ ପରୀକ୍ଷିତ, ପ୍ରଶଂସ ଫଳପ୍ରଦ, କବୀନ୍ଦ୍ରଙ୍କ ଓ ଶାସ୍ତ୍ରୀୟଔଷଧର ସଂକ୍ଷିପ୍ତ ବିବରଣ

## କେଶରଞ୍ଜନ ତୈଳ ।

ଏହି ତୈଳ ବ୍ୟବହାର କଲେ କେଶ ବୃଦ୍ଧି, ପରିଷ୍କାର ଏବଂ ସଘନ ହୁଏ, କେଶ ବହୁଳ ପରିମାଣରେ ବଢ଼େ କେଶ ନରମ ହୁଏ, ମସ୍ତକର ରୁକ୍ଷ ବିନାଶ ହୁଏ, ଓ କେଶ, ପତନ ନିବାରଣ ହୁଏ । ଷ୍ଟ୍ରୀ, ମସ୍ତିଷ୍କ ଦୌର୍ବଲ୍ୟ ସ୍ମୃତିଶକ୍ତି ଦୁର୍ବଳତା ଜନିତ ମୁଣ୍ଡ ଘୂରା, ଉତ୍ତାପ ଶାତ, ଦୃଷ୍ଟି ଦୌର୍ବଲ୍ୟ ଏ ସବୁର କେବଳ ଆରୋଗ୍ୟ ହୁଏ

ମୂଲ୍ୟ ପ୍ରତିବୋତଲ ୫ ୧ ପ୍ୟାକିଂ ଓ ଡାକମାସୁଲ ୫ ୦ ।୵

## ପ୍ରମେହ ବିନ୍ଦୁ ।

ସର୍ବପ୍ରକାର ମେହ ବା ଗନୋରିୟାର ମହୌଷଧ । ଜଳନୋଷ୍ଟି, ମୂତ୍ର ଯନ୍ତ୍ର ସମ୍ବନ୍ଧୀୟ ସବୁ ରୋଗ ମେହ, ପୁରାତନ ମେହ, ସହଣାତ୍ମକ ଫୁଲ ଏବଂ କ୍ଷତ ପ୍ରଭୃତିର ପ୍ରଧାନ ଔଷଧ । ରୋଗୀ ସ୍ୱଂଚ ଲିପି ଚଢ଼ଚୂଷ୍ଟା କଲ ଅରୋଗ୍ୟ ଲାଭ କରିବ । ରୋଗର ସବିଶେଷ ବିବରଣ ଲେଖିଲେ ପରୀକ୍ଷା କରି ଉପଯୁକ୍ତ ଔଷଧ ପଠାଯାଏ ।

ପ୍ରତିଶିଶି ଓ ଏକ କୌଟା ବଟିକାର ମୂଲ୍ୟ ୫ ୧୫ ଡାକମାସୁଲ ୫ ୦ ୩୵

## ଅଶୋକାରିଷ୍ଟ ।

ସର୍ବ ପ୍ରକାର ସ୍ତ୍ରୀ ରୋଗର ମହୌଷଧ । ଋତୁ ଅନିୟମ ପେଟର ବେଦନା, ଗର୍ଭଧାରଣର ଅକ୍ଷମତା, ପ୍ରସବକାଳରେ ଦୂରବା ରୋଗର ଅନେକା ବହୁଦିନ କରେ ।

ପ୍ରତି ଶିଶି ଓ ଏକ କୌଟା ବଟିକାର ମୂଲ୍ୟ ୫ ୧୫ ଡାକ ମାସୁଲାଦି ୫ ୦ ।୵

ଅମୃତ ବଲ୍ଲୀ କଷାୟ ।

ପାରଦଦୋଷ ନାଶକ ଓ ରକ୍ତ ପରିଷ୍କାରକ ଫଳପ୍ରଦ ମହୌଷଧ ପ୍ରତି ଶିଶିର ମୂଲ୍ୟ ୫ ୧୫ ଡାକମାସୁଲାଦି ୫ ୦ ୩୵

## ଶୋଣିତ ଶୋଧକ ।

ଜାତ ରକ୍ତ ଓ କୁଷ୍ଠ ରୋଗର ଅଣ୍ଡ ପ୍ରତିକାରକ ଅବ୍ୟର୍ଥ ମହୌଷଧ । ଭୁଲ ସମ୍ବାଦ ବ୍ୟବହାରୋପଯୋଗୀ ଔଷଧର ମୂଲ୍ୟ ୫ ୪ ଡାକମାସୁଲାଦି ୫ ୧

## ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅନିୟମିତ ଉପାୟରେ ଶୁକ୍ରକ୍ଷୟ, ଯୌବନ ସୁଲଭ ଚାଞ୍ଚଲ୍ୟ ବଶତଃ କୁତ୍ସିତ ଅପରିମିତ ସହବାସ ହେତୁ ସ୍ୱପ୍ନ ସ୍ଖଳନ ପ୍ରଭୃତି ପ୍ରକ୍ରିୟାର ଦେହର ସାର, ୦ ୨ ର ସାର, ଶୁକ୍ରର ଅପବ୍ୟୟ ପୁନଃ ପ୍ରଦାନ କରେ ।

ଏକ ବୋତଲ ତୈଳ ଓ ଭୁଲ କୌଟା ବଟିକା ! ୪ ଡାକମାସୁଲ ପ୍ରଭୃତି ୫ ୦୍ୟ

## ପୁନର୍ନବାସବ ।

ଶୋଥ ଓ ଉଦରୀର ମହୌଷଧ ଏକ ବୋତଲର ମୂଲ୍ୟ ୫ ୧ ଡାକମାସୁଲାଦି ୫ ୦ ୍ୟ୵

ପ୍ରାପ୍ତି ସ୍ଥାନ

କବିରାଜ ଶାରଦା ପ୍ରସାଦ ଦାସ ଗୁପ୍ତ କଟକର ଏକମାତ୍ର ଏଜେଣ୍ଟ ବାଲୁବଜାର, ଚାନ୍ଦନୀଚୌକ, କଟକ ଅବା ନଗେନ୍ଦ୍ରନାଥ ସେନ କବିରାଜ ୧୮।୧ ଓ ୧୯ ଲୋୟରଚିତପୁର ରୋଡ଼ କଲିକତା

## ବିଜ୍ଞାପନ ।



ଶ୍ରୀ ଲାଲମୋହନ ସାହା ଶଙ୍ଖନିଧିର ପୃଥିବୀ ବ୍ୟାପିତ

## ସର୍ବଜ୍ୱର ଗଜସିଂହ ।

୬ ଘଣ୍ଟା ମଧ୍ୟରେ ସର୍ବବିଧ ଜ୍ୱର ୧ ସପ୍ତାହରେ ପ୍ଲୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ଼ ୫ ୧୵ ମଧ୍ୟମ ୫ ୧୯ ଛୋଟ ୫ ୦ ୍ୟ୵ ଡାକମାସୁଲ ୧ଠାରୁ ୭ ଡିବା ୫ ୦ ୵

## କର୍ଣ୍ଣ ଦାବାନଳ ।

ଜାଲୁ ଆଦି ଚର୍ମରୋଗ ବିନା କ୍ଳେଶେ ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ୫ ୦ ।୵ ଡାକମାସୁଲ ୧ଠାରୁ ୭ ଡିବା ୫ ୦ ୵

## ସର୍ବଦଦ୍ରୁ ହତାଶନ ।

୨୪ ଘଣ୍ଟାରେ ଜାଦୁଆଦି ଚର୍ମରୋଗ ବିନା କଷ୍ଟରେ ଆରୋଗ୍ୟ ହୁଏ ।

ମୂଲ୍ୟ ୫ ୦ ।୵ ଡାକମାସୁଲ ୧ଠାରୁ ୧୨ ଡିବା ୫ ୦ ୵

ଏହି ନକଲ ହୋଇଅଛି ଔଷଧର ଲାଲ ମୋହନ ସାହା ଶଙ୍ଖନିଧିର ନାମ ଓ ଶଙ୍ଖମାର୍କା ଦେଖି ଖରିଦ କରିବେ । ଏହା ସକଳ ଜାଗାର ବଡ଼ ବଡ଼ ଦୋକାନରେ ପାଇବେ ନ ପାଇଲେ ପୃଥ୍ୱୀର ଯେ କୌଣସି ସ୍ଥାନରୁ ସେ ରୋଗ ଲେଖି ସ୍ପଷ୍ଟାକ୍ଷରେ ପତ୍ର ଲେଖିଲେ ଭି, ପି, ପାର୍ଶ୍ୱଲରେ ପଠାଉଛୁଁ । ଏହି ସମସ୍ତ ଔଷଧରେ ଅରୋଗ୍ୟ ନ ହେଲେ ମୂଲ୍ୟ ଫେରତ ଦେଉଁ ।

ଠିକଣା ଶ୍ରୀ ଲାଲମୋହନ ସାହା ଶଙ୍ଖନିଧି ଢାକା ବାବୁରବଜାର ।

ଏଜେଣ୍ଟ କଟକ ବାଲୁବଜାର ଶ୍ରୀଯୁକ୍ତ ଶାରଦାପ୍ରସାଦ କବିରାଜ ନିଧନ ଗୁପ୍ତ କବିରାଜ ।

Lal Mohan Saha Sankhanidhi
Baburbazar, Dacca,

## କୃପଦବନ୍ଧୁ ଔଷଧାଳୟ ।

କଟକ ଚଉଧୁରୀ ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବଧୌତିକ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅଲୌକିକ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରୀ ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନନୀୟ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିର୍ଣ୍ଣିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେ ଏପରି ଔଷଧ ଏଠାରେ ରଖା ଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ । ପଉଟର ସ୍ଥଳ ଭିନ୍ନ ଭେଲୁପେବଲ ପାର୍ଶ୍ୱଲରେ କାହାର ନିକଟକୁ ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା କାରଣ ଜୁଆବଲିପିଆ ଡାକଟିକଟ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ବେରଙ୍ଗ ବା କମ୍ମାସୁଲ ଦିଆ ହୋଇଥିବା ପତ୍ର ଗୃହୀତ ହୁଏ ନାହିଁ । ଔଷଧ ଛଡ଼ା ସୁସ୍ତ୍ରଜାତ ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା କଉଡ଼ି ମେନେଜରଙ୍କ ନାମରେ ପଠାଇବେ ।

କୃପଦବନ୍ଧୁ ଔଷଧାଳୟ
ଚଉଧୁରୀବଜାର, କଟକ
୬।୦।୧୯୦୪

ଶ୍ରୀ ବାଳକୃଷ୍ଣଦାସ କବିରାଜ
ଶ୍ରୀ ରାମକୃଷ୍ଣ ସେନ

IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon, Major Jayakar says: That it is asafe and reliable remedy.

Batliwalla & Co's Cholercl, specific tor cholera and Batliwalla's Ague Mixture or Pills, may be had of DR. H. L. BATLIWALLA's, Worli—Dadar Bombay and everywhere.

At Re. 1 per bottle Discount to the Trade.


Digitized by srujanika@gmail.com

# ବିଜ୍ଞାପନ ।

ଆଉ ତାହାଙ୍କୁ ଅସ୍ଥାୟୀ ଗୁଣବିଶିଷ୍ଟ ବାଜେ ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ** । ହତାଶ ପ୍ରାଣର ଏକମାତ୍ର ଆଶା ! !

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ୍ ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ମେହ—।

## Dr. Martin's DANZIN

ବୃଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସିମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରିପକାଏ, ଏହି ସକଳ ରୋଗ କବଳରୁ ଭାରତବାସିମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜିନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ ଭେଜେଟେବୁଲ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବୃଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆର ଅନୁମୋଦିତ ଅସ୍ୱରଣ, ଫଷ୍ଫରସ ଓ ଜାମ୍ବୋଜା ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତପରିଷ୍କାରକ ଓ ଶୁକ୍ରବୃଦ୍ଧିକାରୀ ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ପାରଭୁକ୍ତେଶର ଜ୍ଞାନର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜିନ" ଆବିଷ୍କାର ହୋଇ ଭାରତବାସିମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ଚେଷ୍ଟା କରୁଥାନ୍ତି ଯେବେ ତୁମ୍ଭେ ବହୁବିଧ ପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କୁ ବଞ୍ଚିବାକୁ ଜୀବନରେ ନୈରାଶ୍ୟ ହେବା ନାହିଁ । ଥରେ ଏହି ମହାଶକ୍ତି "ଡ୍ୟାନଜିନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । ନିର୍ଜୀବ ଦେହରେ ପୁନର୍ବାର ନୂତନ ଜୀବନ ପାଇବ। ଅକର୍ମଣ୍ୟଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ ! ! ! ଅନେକଙ୍କର ଧାରଣା ଅଛି ପାରା ଓ ଗରମିର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁକି ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜିନ" ଏକାବେଳେ ଦୂରୀଭୂତ କରିଦେଇଅଛି । ଡ୍ୟାନଜିନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରିଦେବାର କ୍ଷମତା ଦେଖାଯାଏ । ଡ୍ୟାନଜିନ ରୋଗ ଘୃଣି ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ଡ୍ୟାନଜିନର ଗୁଣ ସ୍ଥାୟୀ ।

ଡ୍ୟାନଜିନରେ—ମଦ, ଅଫିମ, ଷ୍ଟ୍ରିକନିଆ, ମର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସମ୍ପର୍କ ନାହିଁ । ତଥାପି ଏହାର ଏତେ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର କେତେକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜିନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜିନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ଭୟରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ନର ଦେହର ଜୀବନ ।

### ଡ୍ୟାନଜିନରେ କ କ ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂୟ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଧାତୁପର ପଦାର୍ଥ ବାହାର ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମୂର୍ଚ୍ଛାରୋଗ, ମସ୍ତିଷ୍କ ଦୁର୍ବଳ, ଘୁଷୁଘୁଷୁ ଜ୍ୱର, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳ ପଡ଼ିବା, ହାତଗୋଡ଼ ଝିମିଝିମି ହେବା, ସ୍ମରଣଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତପ୍ରଦର, ଅନିୟମିତ ରକ୍ତସ୍ରାବ, ବନ୍ଧ୍ୟାତ୍ୱ, ଋତୁକାଳୀନ ପେଟରେ ବେଦନା ଓ ଚଇତାଳି ଇତ୍ୟାଦି ।—ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା—ଗରମୀ ଓ ତଜ୍ଜନିତ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକାଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ପଚ ଘା, ଜାଙ୍ଗି, ନାଉରି, ଭଗନ୍ଦର, କାଛୁ, କୁଣ୍ଡିଆ ଓ ଏମନ୍ତ କି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା, ସମସ୍ତ ଶରୀର କନ୍‌କନ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା, ଇତ୍ୟାଦି—ଡ୍ୟାନଜିନ—ସୁସ୍ଥ ଶରୀରରେ ପ୍ରତିଦିନ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଭଲ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧।, ୩ବୋତଲ ଟ ୩॥ ଣା, ୬ବୋତଲ ଟ ୭ ଣା ଓ ୧୨ବୋତଲ ଟ ୧୩॥ ଣା ଡାକ ବ୍ୟୟ ୧ ଠାରୁ ୩ ବୋତଲ ଟ ୦। ଅଣା, ୪ ଠାରୁ ୧୨ ବୋତଲ ଟ ୦।୵ ଅଣା ।

I, B. G. & Co. Bara Bazar Calcutta
Registered Telegraphic
Address "DANZIN" CALCUTTA.

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ,
ଆଇ, ବି, ଜି, ଏଣ୍ଡ କୋଂ ବଡ଼ବଜାର କଲିକତା


ଏହି ଉତ୍କଳଦୀପିକା ସହର କଟକ ... ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

REGISTERED No. C 81

313

ସାପ୍ତାହିକ ସମ୍ବାଦପତ୍ରିକା

# THE UTKAL DIPIKA.

ଶ୍ରୀ ୪୦ ଭାଗ | CUTTACK,SATURDAY THE 8ht July 1905. | ଅନ୍ତ୍ରିମ ଟ ୩୧
ତା ୨୫ ର ଆଷାଢ଼ ସନ ୧୩୧୨ ସାଲ ଶନିବାର
ସ ୨୭ ସଂଖ୍ୟା | ସହର କଟକ ଉତ୍କଳ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ | ପଶ୍ଚାଦେୟ ଟ ୬୧

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମବାର ପ୍ରକାଶେ ଧାଡ଼ିପ୍ରତି ଟ୦ ।/ ଓ ଅର୍ଦ୍ଧମୂଲ୍ୟ ଟ ୨୧ ପର୍ଯ୍ୟନ୍ତ ଏକ ମୂଲ୍ୟ ଟ୩୧ ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ଦାମ ଟ୦ ॥ ଠାରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଶର୍ତ୍ତ ପ୍ରଥମ ଥରର ତେହା ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଥର ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ ।

## NOTICE.

Wanted from the 1st of August 1905, a manager for the Darpan Estate on a monthly consolidated pay of Rs. 200. One with Zamindary experience will be preferred. He shall have to furnish a sequrity of Rs. 10000.

Apply to Babu Behary Lal Pandit & others, Executors, Darpan Estate, Chandnichauk Cuttack.

CUTTACK, 13-6-1905 } BEHARI LAL PANDIT *Executor, Darpan Estate.*

Wanted an Inspecting Pandit for the Ganja Sub-Circle, in Thana Aul, under the Sub-Inspector of Schools, Patamundai Circle, on a salary of Rs. 10 with the usual allowance. Preference will be given to one who has passed the final examination of the Cuttack Training School or who has experience in the inspection of Primary Schools under the new scheme of Vernacular Education.

Applications with copies of testimonials should reach this office on or before the 15th July 1905.

Cuttack Dist. Board's office, 30—6—1905. } J. C. CHUNDER, *Vice Chairman.*

FORM B.

BENGAL ML. ACT, 1884.

( Section 112 )

Municipality of Cuttack.

Whereas a valuation and rating list of the rate on the annual value of holdings of each of the Wards No. 2,3,5,8,9 has been deposited in the office of the Commissioners as required by section one hundred and twelve of the Bengal Municipal Act, 1884, notice is hereby given that the said list is open to the inspection of all person desiring to inspect the same at the office of the said Commissioners during office hours on any day not being a closed holiday, and that the several owners of the holdings included there-in are hereby required to pay the quarterly instalments set opposite to their names with regularity at the office appointed by the Commissioners for the receipt of the same or to the Tax-collector or other officer authorized to receive payment, the first payment to be made on the first day of July and every subsequent payment on or before the first day of October the first of January and the first day of April and in default thereof, any arrear that may be due will be realized by distress and sale of the moveable property belonging to the defaulter, or which may be found on the holding in respect of which the valuation is made, and by such other proceedings as are allowed by law

ଫାରମ ( ବି )

ଧା ୧୧୨ ର ନୋଟିସ ।

ସନ ୧୮୮୪ ମସିହା ବଙ୍ଗଦେଶୀୟ ଆଇନର ଧା ୧୧୨ ର ଅନୁସାରେ ନଂ ୨, ୩, ୫, ୮, ୯, ୱାର୍ଡ଼ ଜମାନଙ୍କର ବାର୍ଷିକ ଓ ଧାର୍ଯ୍ୟକର ଟିକସର ରେଟିଂ ଲିଷ୍ଟମାନ ତିଆର ହୋଇ କଟକ ମିଉନିସିପାଲ କମିଶନରମାନଙ୍କ ଅଫିସରେ ଦାଖଲ ରହିଅଛି ।

ଏତଦ୍ୱାରା ହୋଲ୍ଡିଂମାନଙ୍କ ଉପରେ ଜଣାଉଅଛି ଯେ ସମସ୍ତ ରେଟଦାତାମାନେ ଉକ୍ତ ଲିଷ୍ଟମାନ ଦେଖିବାକୁ ଇଚ୍ଛା କଲେ ସେମାନେ ଉକ୍ତ କମିଶନରମାନଙ୍କ ଅଫିସ ଖୋଲା ଥିବା ସମୟରେ ଅଫିସ ବନ୍ଦ ନ ଥିବା ଦିନମାନଙ୍କରେ ଉକ୍ତ ଲିଷ୍ଟ ଦେଖିପାରିବେ ଏବଂ ସମସ୍ତ ହୋଲ୍ଡିଂଦାତାମାନଙ୍କୁ ଜଣାଉଛି ଯେ ସେମାନେ ସେମାନଙ୍କ ନାମର ପାର୍ଶ୍ୱସ୍ଥ କିସ୍ତିମାନଙ୍କ ଟିକସ ମିଉନିସିପାଲ କମିଶନରମାନଙ୍କ ନିର୍ଦ୍ଦିଷ୍ଟ ଅଫିସରେ କିମ୍ବା ଟିକସ ଆଦାୟକାରୀ କିମ୍ବା ଅନ୍ୟ ଯେଉଁ ପ୍ରାପ୍ତ କର୍ମଚାରୀଙ୍କ ନିୟମିତରୂପେ ଆଦାୟ କରିବେ ପ୍ରଥମ ଦେୟ ଟଙ୍କା ଜୁଲାଇ ମାସ ତା ୧ ରଖ ଓ ତହିଁର ପଶ୍ଚାତ ଦେୟ ଟଙ୍କା ଅକ୍ଟୋବର ମାସ ତା ୧ ରିଖ କିମ୍ବା ତହିଁ ପୂର୍ବେ ଜାନୁଆରି ମାସ ତା ୧ ରିଖ କିମ୍ବା ତହିଁ ପୂର୍ବେ ଅପ୍ରେଲ ମାସ ତା ୧ ରିଖ କିମ୍ବା ତହିଁ ପୂର୍ବେ ଆଦାୟ କରିବାକୁ ହେବ ତହିଁର ଅନ୍ୟଥା ହେଲେ ଯାହା କଛି ବାକି ପାଉଣା ହେବ ତହିଁ ନିମନ୍ତେ ବାକିଦାରର ଚଳନ୍ତି ସମ୍ପତ୍ତି କିମ୍ବା ଯେଉଁ ଗୃହ ନିମନ୍ତେ ଭେଲୁଏସନ ହୋଇଅଛି ଉକ୍ତ ଗୃହରେ ଥିବା ପଦାର୍ଥମାନ କ୍ରୋକ ଓ ନିଲାମ ଏବଂ ଆଇନାନୁସାରେ ଅନ୍ୟ ଯେ ଯେ ଉପାୟ ଅବଲମ୍ବନରେ ଆଦାୟ ହୋଇପାରେ ତଦ୍ୱାରା ଆଦାୟ ହେବ । ତା ୩୦ ଜୁନ ସନ ୧୯୦୫ ମସିହା ।

Ramsankar Ray
*Chairman,*
of Commissioners
30—6—05.

Split by PDF Splitter

Digitized by srujanika@gmail.com

Split by PDF Splitter



# NOTICE.

Wanted five (5) Sub Inspectors on Rs. 30 each for the Mourbhanj State Police.

Persons dismissed from Government service or under 5'-4" in height, 31 inches round the chest and over 30 years of age need not apply.

Preference will be given to those who have a good knowledge in English and experience in Police work.

Applications will be received till the 15th of July 1905.

Baripada, The 27th June 1905 — J. E. Huggins, Inspector in charge Police office, Mourbhanj.

---

Wanted at once a Treasurer for the 1st class Treasury at Cuttack.

The pay of the appointment is Rs. 80 p. m. and cash security of Rs. 15000 is required. There is a prospect of the pay being raised to Rs. 100 p. m. if additional security of Rs. 5000 is furnished.

Applications will be received up to the 7th July next by the Collector.

Cuttack Collectorate, The 16th June 1905 — T. R. Godfrey, *Treasury Officer*. W. F. C. Montriou, Dy. Collector incharge for Collector.

---

## NOTICE.

Is hereby given that the following scholarships (2 senior and 3 junior) tenable under the Cuttack District Board for two years at the Revenshaw College are vacant. Candidates are invited to apply to the Chairman of the Cuttack District Board before the 20th July in the following form. The senior scholarships are available to the boys who have passed the F. A. Examination and who wish to go up for the B. A. degree, and the junior to those who after passing the Entrance Examination want to prosecute their studies in the above College for the First Arts.

SENIOR SCHOLARSHIPS

2 Mayo scholarships at Rs. 10 each.

JUNIOR SCHOLARSHIPS

1 Dhenkanal Do. @ Rs. 7
1 Talcher Do. @ Rs. 7
1 Mourbhanj Do. @ Rs. 7

FORM OF APPLICATION

1. Name of candidate.
2. Name of his guardian and his occupation.
3. Residence temporary or permanent.
4. What examination the candidate has passed and in what division, whether in first-chance or otherwise.
5. Name of the school and the class in which he is reading.
6. Certificate from respectable persons about the character and circumstance of the candidate.
7. Remarks giving other particulars which the candidate may wish to give.

Cuttack Dt. Bd's office, The 29th June 1905 — J. C. Chunder, Vice-Chairman

---

# ନୋଟିସ ।

ଦେବତ୍ତ୍ୟାଳ କାର୍ଯ୍ୟ ବଧ ଅଧିନର ଧା ୩୦ ଧାରାରେ ମହକୁମା ମଜଫି ପ୍ରଥମ ଅଦାଲତ କହନ୍ତି ।

ନ ୧୯୬ ସନ ସରେଜ ସନ ୧୯୦୫ ସାଲ

କାଳୀଲୁଣ୍ଠ ସରକାର ବାଦୀ

ବନାମ

ଅରଣ ବେହେରା ଦିଗେର ଜ ୧୩୦ ଜଣ ପ୍ରତିବାଦୀମାନେ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଇଷ୍ଟେଟ ଥାନା ସଦର ଓ ସବରେଜିଷ୍ଟ୍ରୀ ମୁଲକ କଟକ ଜଗତ୍ସିଂହପୁର । ପ୍ର । କଟକ ହବେଲୀ । ମୌ । ବଡ଼ାକାସି ନ ୧୧୫୮ ମଧ୍ୟରେ ଥିବା ଜମିଦାରୀ ମହାଲ ଅନାବାଦୀ ଜମି ଉପର ଖଇଡା ନମ୍ବର ଓ ଚଉହଦୀ । ବା । ୨ ୧୬.୪୩ ଏକର ଜମି ହାଲ ବନ୍ଦୋବସ୍ତରେ ପଡ଼ିଛି ବଡ଼ାକାସି ଗ୍ରାମ ଖୁଣ୍ଟି ଧରେ ଦଖଲ ହୋଇଥିବାରୁ ଉକ୍ତ ଜମି ମାହାଲ ଅନାବାଦୀ ଜମି ଏବଂ ସାବେକ ଦଖଲ ହାଲ ବନ୍ଦୋବସ୍ତ କାଗଜାତ ଅନୁସାରେ ଉକ୍ତ ଜମି ଖୋଦକ ସ୍ୱତ୍ୱ ଘୋଷଣା ହେଉ ଓ ମାହାଲ ଅନାବାଦୀ ଉକ୍ତ ଜମି କବଜାରେ ରହିଲା ତାହାର ଉଚ୍ଛେଦ ଯିବା ମାତ୍ରରେ ଉପରୋକ୍ତ ବାଦୀ ଉକ୍ତ ମହଲାର ଗ୍ରାମବାସୀମାନଙ୍କୁ ପକ୍ଷଭୁକ୍ତ କରି ନାଲିଶ ଦାଏର କରିଅଛନ୍ତି । ୨୯।୬।୦୫

A. Mitter,
Munsif.
29—6—05

---

## ପ୍ରଜାବନ୍ଧୁ ।

ଉତ୍କଳର ପ୍ରାଣରେ ସମ୍ପାଦିତ, ସର୍ବଜନ ପ୍ରଶଂସିତ ମୂଲକ ସାପ୍ତାହିକ ସମ୍ବାଦପତ୍ର 'ପ୍ରଜାବନ୍ଧୁ' ଉଣିଶ ବର୍ଷ ଅତିକ୍ରମ କରି ଏବେ ବିଂଶବର୍ଷରେ ପଦାର୍ପଣ କରିଅଛି । ଗ୍ରାହକ ଉତ୍କଳରେ ଏହାର ପ୍ରଚାର ସର୍ବାପେକ୍ଷା ଅଧିକ । ଦେଶର ଖ୍ୟାତିଶୀଳ ଲେଖକମାନଙ୍କ ପ୍ରବନ୍ଧ ଏହି ପତ୍ରିକାରେ ପ୍ରକାଶିତ ହୁଏ । ପତ୍ର ଲେଖିଲେ ଏକଖଣ୍ଡ ନମୁନା ମୁଫତ ପଠାଯିବ- ଅଗ୍ରୀମ ବାର୍ଷିକମୂଲ୍ୟ ଏକଟଙ୍କା ଆଠଅଣା ମାତ୍ର ଓ ଡାକମାଶୁଲ ନିମିତ୍ତ ପନ୍ଦର ଅଣା ଅଗ୍ରିମ ବାର୍ଷିକ ମୂଲ୍ୟ ଏଗାରଅଣା, ପ୍ରତିସଂଖ୍ୟାର ମୂଲ୍ୟ ଏକଅଣା ମାତ୍ର ।

ମେନେଜର-ପ୍ରଜାବନ୍ଧୁ, ରମ୍ଭା ପୋଃ, ଗଞ୍ଜାମ ।

---

# ହରିବଂଶ ମହାଭାରତାନ୍ତର୍ଗତ ଖିଳ ହରିବଂଶ ପର୍ବ ।

ଅତି ଉତ୍କୃଷ୍ଟ ପୁସ୍ତକ ।

ଏହା ମୂଳ ସଂସ୍କୃତରୁ ଶ୍ରୀଯୁକ୍ତ ଫକୀରମୋହନ ସେନାପତି ଦ୍ୱାରା ନଅଅଷ୍ଟ ଭାଗବତ ଛନ୍ଦରେ ଅନୁବାଦିତ । ମୂଲ୍ୟ ପ୍ରତିଖଣ୍ଡ ଟ ୧ ଙ୍କା ଡାକମାଶୁଲ ସମେତ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

# ଉପନିଷଦସଂଗ୍ରହ ।

ଈଶ, ପ୍ରଶ୍ନ, କଠ, ଶ୍ୱେତାଶ୍ୱତର, ଐତରେୟ, ମୁକ୍ତିକ, ତଳବକାର କେନ, ତୈତ୍ତିରୀୟ, ମାଣ୍ଡୁକ୍ୟ, ମୁଣ୍ଡକ ଓ କୈବଲ୍ୟ, ଏହି ବାରଗୋଟି ଉପନିଷଦ ସଂସ୍କୃତ ମୂଳଗ୍ରନ୍ଥରୁ ଶ୍ରୀ ଫକୀରମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦିତ ମୂଲ୍ୟ ଟ ୦ ୫ ଡାକମାଶୁଲ ଟ ୦ / କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳେ

---

# ନିଲାମ ।

କଟକ ଜିଲ୍ଲାର ଶ୍ରୀଯୁକ୍ତ ଶ୍ରୀ ସବାର୍ଡ଼ିନେଟ ଜଜ । ସାହେବଙ୍କ ଅଦାଲତର ସନ ୧୯୦୫ ମସିହା ନ ୨୭୮ ନମ୍ବର ଡିକ୍ରୀଜାରୀ ।

ରାସବେହାରୀ ଧଳ । ସା । ଜ ୩ ନମ୍ବର ରୂପ-ନନ୍ଦ ଗସ୍ପ ଷ୍ଟ୍ରୀଟ କଲିକତା ଡିକ୍ରୀଦାର ।

ବନାମ ।

୰ ଜଗେନ୍ଦ୍ରନାଥ ମଲ୍ଲିକଙ୍କ ଷ୍ଟେଟର ଏଡ଼ମିନିଷ୍ଟ୍ରେଟର ଶ୍ରୀମତୀ ଗୋଲାପ ମଣି । ସା ଆଜଲ । ପ୍ର । ମହାଫରପୁର । ଜି । ହୁଗୁଲି ଦେଣଦାର

ଡିକ୍ରୀଦାରର ପାଉଣା । ବା । ଟ ୨୮୧୯୪/୪ ୧ । ଜି । କଟକ ଓ ସାଃ ଇଃ ଓ ସାଃ ରେଃ । ମୁ । କଟକ ଅନ୍ତର୍ଗତ । କି । ପଟଣା ସାମିଲ । ମୌ । ଗଣ୍ଡପୁର, ସାମିଲ ଜଗଜିତପୁର, ପ୍ରତାପପୁର, ମୁକୁନ୍ଦପୁର, ଓ ଗନ୍ଧେପୁର ଏହି ମହଲାର ଦାଏମ ଖଲ୍ଲସି ବାଜେଇ ଲଖରାଜ ଘ ୨୬୨।୭୯ ଜମିରେ ୰ ଜଗେନ୍ଦ୍ରନାଥ ମଲ୍ଲିକଙ୍କ । ବା । ଟ ୦ ୫ ସ୍ୱତ୍ୱ ଅଛି । ତାହା ତା । ୧୭।୮।୦୫ ରେ ନିଲାମ ହେବ ।

---

ନିମ୍ନଲିଖିତ ରକ୍ଷିତାବନମାନଙ୍କରେ ସୁବା ଗଛର କାଠ ଓ ଦୁଇ ବର୍ଷ ଲାଗି ୧୯୦୫ ମସିହା ଅକ୍ଟୋବର ମାସ ତା ୨୦ ଦିନରେ ଖୋଲା ନିଲାମ କରିଲେ ଅଧିସ୍ତରେ ନିଲାମ କରାଯିବ ତହିଁର ନେକଟମାନ ପୁରୀ ଟାଉନରେ ବିକ୍ରି ହୋଇଥିବ ।—

| | | |
|---|---|---|
| ଦୁଲଙ୍ଗ | ୪୨ | ଏକର |
| ତେଣ୍ଡା | ୨୪୨ | " |
| କାଣ୍ଡେଇ | ୨୪୨ | " |
| ଡଙ୍ଗଣୀ | ୩୦ | " |
| ଗାଈଗଡ | ୪୮ | " |
| ବହିଲ | ୪୪ | " |
| ସୁରଥ | ୧୨୨ | " |
| ଭରତପୁର | ୧୫ | " |
| ରାମପୁର | ୩୨ | " |
| ରସୁର | ୨୨ | " |
| ବେଲ୍ଟୋଲ | ୨୪.୨ | " |
| ମାଳଣ | ୧୩ | " |
| ଜମ୍ବଡ଼ା | ୧୦ | " |
| କାଳାପଥୀ | ୪୨ | " |
| ଚଉକାଠ | ୪୧ | " |

ଯେଉଁମାନେ ନିଲାମଡାକ ଶେଷ କରିବାକୁ ଇଚ୍ଛା କରନ୍ତି ସେମାନେ ଅକ୍ଟୋବର ମାସ ତା ୨୦ ରଖ ପୂର୍ବରୁ ଉପରୋକ୍ତ ସ୍ଥାନମାନଙ୍କରେ ଭ୍ରମଣ କରି ଜଙ୍ଗଲମାନ ଦେଖି ପାରନ୍ତି । ଅନେକ ଚାଲାନ ଅତିଶୟ ସର୍ବୋଚ୍ଚ ଡାକ ଗ୍ରହଣ ନିମନ୍ତେ ବାଧ୍ୟ ନୁହନ୍ତି ।

T. H. MONTEATH,
*Deputy Conservator of Forests*
*Puri Division*

23-3-05

Digitized by srujanika@gmail.com

## NOTICE.

Is hereby given that some Uriya knowing Entrance passed apprentices are to be entertained in the Balasore Collectorate.

The successful candidates should furnish certificates of health and moral character.

Applications are to be received up to the 22nd July 1905.

Balasore Collectorate, The 23rd June, 1905. M. SENAPATI, For Collector.


## ବିଜ୍ଞାପନ ।

ବିନା ମୂଲ୍ୟରେ ଓ ପୋଷ୍ଟେଜରେ ସର୍ବ ରୋଗଘ୍ନ ଦରଗାଲ ରସ୍ଥ ବଟି ଓ ନମୁନା ଦେବୁଁ । ବଙ୍ଗଳା ବା ଇଂରାଜୀରେ ପତ୍ର ଲେଖନ୍ତୁ ।

ରାଜବୈଦ୍ୟ ଶ୍ରୀ ମଉଲାଲ ଦେବ
ପୋଃ ଘାଟାଲ, । ଜି । ମେଦନୀପୁର


# ଉତ୍କଳଦୀପିକା ।

ମାନ୍ୟବର ବଙ୍ଗେଶ୍ୱର ଗତ ତା ୩୦ ଋଖରେ ଦାର୍ଜିଲିଂରୁ କଲିକତାକୁ ଫେରି ଆସିଅଛନ୍ତି । ଆଜି ବଙ୍ଗୀୟ ବ୍ୟବସ୍ଥାପକ ସଭାର ଏକ ଅଧିବେଶନ ହେବ । ତହିଁରେ ଯୋଗ ଦେଇ ସେ ମୋଫସଲ ଗସ୍ତରେ ବହିର୍ଗମନ କରିବେ ।

ଗତ ତା ୨୯ ଋଖରେ ଶେଷ ହେବା ସପ୍ତାହରେ ଭାରତର ପ୍ଲେଗ ରୋଗ ତହିଁ ପୂର୍ବ ସପ୍ତାହଠାରୁ ସାମାନ୍ୟ ଊଣା ପଡ଼ିଥିଲା ଏବଂ ମୃତ୍ୟୁସଂଖ୍ୟା ୪୮୮୩ରୁ ୪୬୭୩କୁ ଓହ୍ଲାଇଥିଲା । ବମ୍ବେ, ବଙ୍ଗ, ଯୁକ୍ତପ୍ରଦେଶାଦି ପ୍ରାୟ ସକଳ ପ୍ରଦେଶରେ ପ୍ଲେଗ ମୃତ୍ୟୁ ଊଣା ଥିଲା । ମାତ୍ର ପଞ୍ଜାବରେ ଊଣା ନ ହୋଇ ୩୩୮୯ ରୁ ୩୬୭୩ କୁ ବଢ଼ିଥିଲା ।

ଦାର୍ଜିଲିଂ ଲୁଇସଜୁବିଲି ସ୍ୱାସ୍ଥ୍ୟାଗାର ସଂଲଗ୍ନ ଯକ୍ଷ୍ମ ରୋଗୀଙ୍କ ହାସପାତାଲ ନିର୍ମାଣାର୍ଥେ ମଇମନସିଂହ ଜିଲ୍ଲା ସନ୍ତୋଷର ସ୍ୱର୍ଗୀୟ ବାବୁ ବୈକୁଣ୍ଠ ନାଥ ଚୌଧୁରୀଙ୍କ ବିଧବା ପତ୍ନୀ ଶ୍ରୀମତୀ ଦିନମଣି ଚୌଧୁରାଣୀ ୧୫୦୦୦ ଟଙ୍କା ଦାନ କରିଅଛନ୍ତି । ମାନ୍ୟବର ବଙ୍ଗେଶ୍ୱର ଏହି ଉତ୍କୃଷ୍ଟ ଦାନ ସକାଶେ ଚୌଧୁରାଣୀ ମହୋଦୟାଙ୍କୁ ଧନ୍ୟବାଦ ଦେଇ ଏ ପ୍ରସଙ୍ଗ କଲିକତା ଗେଜେଟରେ ପ୍ରକାଶ କରାଇଦେଇଅଛନ୍ତି ।

ଆମ୍ଭମାନଙ୍କର ଯୁବରାଜ ଆଗାମୀ ଶରତ୍ କାଳରେ ଭାରତବର୍ଷରେ ବିରାଜମାନ ହେବେ । ଲାହୋରଠାରେ ଗୋଟିଏ ସାଧାରଣ ଦରବାର ଏବଂ କାଶ୍ମୀର ରାଜ୍ୟର ଜମ୍ମୁଠାରେ ଦେଶୀୟ ରାଜାଙ୍କୁ ନେଇ ଗୋଟିଏ ଦରବାର କରିବାର ସ୍ଥିର ହୋଇଅଛି । ଏତଦୁପଲକ୍ଷେ ଦିଲ୍ଲୀଠାରେ ସାମ୍ରାଜ୍ୟ ସମ୍ବନ୍ଧୀୟ ବିରାଟ ଦରବାର ଏବଂ କଲିକତାଠାରେ ମଧ୍ୟ ସେହି ଆଦର୍ଶରେ ଗୋଟିଏ ଦରବାର ହେବାର ସ୍ଥିର ହୋଇଅଛି । ଦରବାରର ଦିନ ଅବଧି ଧାର୍ଯ୍ୟ ହୋଇ ନାହିଁ ।

ଗତ ତା ୨୯ ଋଖରେ ଶେଷ ହେବା ସପ୍ତାହର ସରକାରୀ ବୃଷ୍ଟି ରିପୋର୍ଟରୁ ପ୍ରକାଶ ଯେ ସେ ସମୟ ପର୍ଯ୍ୟନ୍ତ କେବଳ ବ୍ରହ୍ମାର ଉପକୂଳ ଭାଗ ଓ କଲିକତା, ହାଇଦରାବାଦ ଏବଂ ମଦୁରା ସବଡିଭିଜନମାନଙ୍କରେ ଏ ସମୟର ନିୟମିତ ପରିମାଣ ବରଂ କିଛି ଅଧିକ ବୃଷ୍ଟି ହୋଇଥିଲା । ମାତ୍ର ଭାରତର ଅନ୍ୟ ସକଳ ପ୍ରଦେଶରେ ବୃଷ୍ଟିର ପରିମାଣ ହାରାହାରି ଅଙ୍କଠାରୁ ଊଣା ଥିଲା ପୁଣି ପଶ୍ଚିମ, ବଙ୍ଗ, ଓଡ଼ିଶା, ଯୁକ୍ତପ୍ରଦେଶ, ଉତ୍ତରପଶ୍ଚିମ ଏବଂ ମଧ୍ୟଭାରତ ପ୍ରଦେଶମାନଙ୍କରେ ବିଶେଷ ଊଣା ଥିଲା ।

ମାନ୍ୟବର ବଙ୍ଗେଶ୍ୱର ବାହାଦୁର ଆସନ୍ତା ସୋମବାର ରାତ୍ରରେ ଖାସ ରେଲଗାଡ଼ିରେ ଗସ୍ତରେ ବହିର୍ଗମନ କରିବେ । ସେ ମଙ୍ଗଳବାର ବାଙ୍କିପୁରରେ ପହଞ୍ଚି ସାସିରାମ ବକ୍ସାର ପ୍ରଭୃତି ଡାକ ଓ ରେଲରେ ଭ୍ରମଣ କରି ତା ୧୫ ଋଖରେ ବାଙ୍କିପୁରକୁ ଲେଉଟି ଆସି ୧୦ ଦିନ ସେଠାରେ ରହିବେ । ତା ୨୪ ଋଖରେ ବାଙ୍କିପୁରରୁ ଯାତ୍ରା କରି ବିହାର ପ୍ରଦେଶର ଅନ୍ୟାନ୍ୟ ସ୍ଥାନ ଭ୍ରମଣ କରି ଅଗଷ୍ଟ ମାସ ତା ୨ ଋଖରେ ମାଲଦାରେ ପହଞ୍ଚି ଓ ସେଠାରୁ ମୁର୍ଶିଦାବାଦ ବୁଲି ତା ୧୨ ଋଖ ମଧ୍ୟାହ୍ନରେ କଲିକତାକୁ ଫେରି ଆସିବେ ।

ମାନ୍ୟବର ବାବୁ ଶାଳଗ୍ରାମସିଂହ ଅଳ୍ପଦିନ ପୀଡ଼ାରେ ଗତ ତା ୨୯ ଋଖରେ ପରଲୋକ ଗମନ କରିବାର ଶୋକସମ୍ବାଦ ପ୍ରଚାରିତ ହୋଇଅଛି । ସିଂହମହାଶୟ ବିହାର ପ୍ରଦେଶବାସୀ ଓ ଜଣେ ମାନ୍ୟଗଣ୍ୟବ୍ୟକ୍ତି, କଲିକତା ହାଇକୋର୍ଟରେ ଓକିଲାତି କରୁଥିଲେ ଏବଂ ବହୁତ ପ୍ରସାର ଥିଲା । ସେ କଲିକତାର ଜଣେ ଅନରେରି ମାଜିଷ୍ଟ୍ରେଟ ଓ ଜଷ୍ଟିସ ଅବ ପିସ ଥିଲେ ଓ ଏକଥର ବଙ୍ଗୀୟ ବ୍ୟବସ୍ଥାପକ ସଭାର ସଭ୍ୟ ହୋଇଥିଲେ । କଲିକତା ବ୍ରିଟିସ ଇଣ୍ଡିୟାନ ସଭା ଏବଂ ବିହାର ଜମିଦାର ସଭାର ସଭ୍ୟ ଥିଲେ । ଏହାଙ୍କର ମୃତ୍ୟୁ ଅତ୍ୟନ୍ତ ଶୋକର ବିଷୟ ଅଟେ ।

କଲିକତା ମ୍ୟୁନିସିପାଲିଟିର ମୋକଦ୍ଦମାମାନ ଯେଉଁ ମାଜିଷ୍ଟ୍ରେଟ ବିଚାର କରନ୍ତି ସେ ଟାଉନ ହଲରେ ଏହି ମର୍ମରେ ବିଜ୍ଞାପନ ଦେଇଅଛନ୍ତି ଯେ ତାଙ୍କର ଅଧୀନସ୍ଥ ଚପରାସିମାନେ କୌଣସି ଲୋକଙ୍କୁ କୌଣସି ବିଶେଷ ଓକିଲଙ୍କ ନିକଟକୁ ନେଇ ଯିବେ ନାହିଁ । ପକ୍ଷମାନେ ସ୍ୱେଚ୍ଛାମତ ଓକିଲ ନିଯୁକ୍ତ କରିବେ । ଓକିଲମାନଙ୍କ ମଧ୍ୟ ଏ ବିଷୟ ଜଣାଇ ଦିଆଯାଇଅଛି । ଟାଉଣୀ ପ୍ରଥା ସର୍ବତ୍ର ପ୍ରଚଳିତ ମାତ୍ର ଓକିଲମାନେ ଦୃଢ଼ ସଂକଳ୍ପ ନ କଲେ ଏ କୁପ୍ରଥା ଉଠିଯିବ ନାହିଁ । ଆମ୍ଭେମାନେ ଜାଣୁ ଯେ ଅନେକ ଓକିଲ ଏ କୁପ୍ରଥାକୁ ପ୍ରଶ୍ରୟ ଦିଅନ୍ତି ।

ଭାରତ କଂଗ୍ରେସ ଅଥବା ଜାତୀୟ ମହାସଭାର ଆସନ୍ତା ବାର୍ଷିକ ଅଧିବେଶନ ବନାରସଠାରେ ହେବ । ସେହି ଅଧିବେଶନ ଉପଲକ୍ଷରେ ଯେଉଁ ପ୍ରଦର୍ଶନୀ ହେବ ବନାରସର ମହାରାଜା ତହିଁର ପେଟ୍ରନ (ମୁରବି) ହେବାକୁ ସମ୍ମତ ହୋଇଅଛନ୍ତି । ପ୍ରଦର୍ଶନୀ ସଙ୍ଗରେ ଗୋଟିଏ ଶିଳ୍ପସମିତି ବସିବାର କଳ୍ପନା ହୋଇଅଛି । ଭାରତର ନାନାସ୍ଥାନରୁ ବିଶେଷ ଯୋଗ୍ୟ ଲୋକମାନେ ସମିତିରେ ଯୋଗ ଦେଇ ଭାରତୀୟ ନାନା ଶିଳ୍ପ ଓ କୃଷି ସମ୍ବନ୍ଧୀୟ ଯାହାଙ୍କର ଯହିଁରେ ବିଶେଷ ଅଭିଜ୍ଞତା ଅଛି ସେ ତହିଁର ଉନ୍ନତିବିଷୟରେ ଉପଦେଶ ପ୍ରଦାନ କରିବେ ।

ଉଡ଼ାଗାଡ଼ି ସମ୍ବନ୍ଧରେ କଟକ ମ୍ୟୁନିସିପାଲିଟିର ଯେଉଁ ନିୟମାବଳୀ ବଙ୍ଗୀୟ ଲେଫ୍ଟନାଣ୍ଟ ଗଭର୍ଣ୍ଣର ସନ ୧୮୯୫ ସାଲ ତା ୨୯ ଋଖ ଜୁଲାଇ ଲିଖିତ ଘୋଷଣାପତ୍ରଦ୍ୱାରା ପ୍ରଚଳିତ କରିଥିଲେ ଏବଂ ଯାହା ସେହି ଜୁଲାଇ ମାସ ତା ୩୧ ଋଖର କଲିକତା ଗେଜେଟରେ ଛପା ହୋଇଥିଲା ତାହା ରହିତ କରି କଟକ ମ୍ୟୁନିସିପାଲିଟିର କମିଶନରମାନଙ୍କଦ୍ୱାରା ପ୍ରସ୍ତୁତ ହୋଇଥିବା ନୂତନ ନିୟମାବଳୀ ମଞ୍ଜୁର କରି ଗତ ଜୁନମାସ ତା ୨୨ ଋଖ ଲିଖିତ ୨୮୬୩ ଟି, ଏମ, ନମ୍ବର ଘୋଷଣାପତ୍ରଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦେଇଅଛନ୍ତି ଏବଂ ସେହି ଘୋଷଣାପତ୍ର ସେହି ମାସ ତା ୨୮ ଋଖର କଲିକତା ଗେଜେଟ ୧ମ ଭାଗରେ ଛପା ହୋଇଅଛି ।

ଏଠା ବାଣରାବାଦ ବଜାରରେ ସବଡେପୁଟି ଶ୍ରୀଯୁକ୍ତ ବାବୁ ବାଳମୁକୁନ୍ଦ ଦାସ, କଲେକ୍ଟରୀ ପେସ୍କାର ବାବୁ ଦ୍ୱାରିକାନାଥ ଘୋଷ ଓ ବର୍ଶଣୀ ବାବୁ ମଧୁସୂଦନ ମିଶ୍ରଙ୍କ ବସାମାନରେ ଚୁରି

Split by PDF Splitter



ସମ୍ବାଦ ହେଲା ପ୍ରତ୍ୟହ ଦିନ ଓ ରାତ୍ରି ସମୟରେ ଚୋରି ହେଉଅଛି । ଜଣେ ଚୌକିଦାର ଚୋରି ଯକାଉଥିବାର ଧରା ହୋଇଅଛି ମାତ୍ର ତାହାର ସଙ୍ଗିମାନେ ଧରା ନ ପଡିବାରୁ ଚୋରି ପଡିବାର ଶାନ୍ତ ନାହିଁ । ପୋଲିସ ଟାଉନ ସବଇନସ୍ପେକ୍ଟର ତଦାରଖ କରିଥିଲେ ମାତ୍ର ଅନୁସନ୍ଧାନର ଫଳ କିଛି ହେଲା ନାହିଁ । ପ୍ରତ୍ୟହ କେତେକ ଚୌକିଦାର କନେଷ୍ଟବଲରେ ନଗର ଗଳିଉପରେ ଜଗିରହୁଛନ୍ତି ତଥାପି ସେମାନେ ଅନ୍ତର ହେଲାକ୍ଷଣି ପୁଣି ଚୋରି ପଡୁଅଛି । ସହରରେ ଏପରି ଅତ୍ୟାଚାର ହେଉଅଛି ଅଥଚ ପୋଲିସ ଅସାମୀକୁ ଧରିପାରୁ ନାହାନ୍ତି ପୋଲିସ ପ୍ରତି ଏହା ବଡ଼ ଲଜ୍ଜାର କଥା ନୁହେଁ କି ?

---

ସନ ୧୯୦୩/୦୪ ସାଲ ଶେଷରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଅଧୀନ ପ୍ରଦେଶରେ ୪୧୬ ଟା ଜଏଣ୍ଟ ଷ୍ଟକ କମ୍ପାନୀ ବା ଯୌଥ ବ୍ୟବସାୟୀ ଦଳ ଏବଂ ସେମାନଙ୍କର ମୂଳଧନ ଟ ୨୨,୬୭,୬୮,୦୩୪୯ ଙ୍କା ଥିଲା । ସନ ୧୯୦୪/୦୫ ସାଲରେ ଟ ୧,୩୨,୬୫,୦୦୦ଙ୍କା ମୂଳଧନରେ ୬୮ କମ୍ପାନୀ ନୂଆ ରେଜେଷ୍ଟ୍ରି ହୋଇଥିଲା ଏବଂ ଟ ୬୧,୫୪,୦୦୦ ଙ୍କା ମୂଳଧନର ୧୪ ଟା କମ୍ପାନୀ ଭାଙ୍ଗିଯାଇଥିଲା । ସୁତରାଂ ସେବର୍ଷ ୧୪ ଟା କମ୍ପାନୀ ବୃଦ୍ଧି ହୋଇ ବର୍ଷ ଶେଷରେ ୪୩୦ କମ୍ପାନୀ ଓ ସେ ସମସ୍ତର ମୋଟ ମୂଳଧନ ଟ ୨୩,୩୬,୪୦,୪୮୪ ଙ୍କା ଥିଲା । ନୂଆ କମ୍ପାନୀ ମଧ୍ୟରେ ଲମଲ୍‌କ ଋଣଅଫିସ ନାମରେ ଗୋଟିଏ ମହାଜନୀ, ୬ଟା ଦ୍ରବ୍ୟାଦି କ୍ରୟ ବା ଦୋକାନଦାରି, ୪ଟା ହୋଟେଲ, ଅଣ୍ଡା, ତେଲ ଇତ୍ୟାଦିର କଳ, ୩ଟା ଗୃହକ୍ଷେତ୍ର, ଗୋଟିଏ କୃଷିକ୍ଷେତ୍ର, ୪ଟା ପଥରକୋଇଲା ଖଣି ଗୋଟିଏ ଚଳଫଚଳ ଏବଂ ୨ଟା ଜମିଦାରୀ କ୍ରୟ ଇତ୍ୟାଦି କମ୍ପାନୀ ଅଟେ ।

---

ଇଉରୋପର ଉତ୍ତରପ୍ରାନ୍ତରେ ସୁଇଡେନ ଏବଂ ନରୱେ ଏହି ଦୁଇରାଜ୍ୟ ଏକରାଜାର ଅଧୀନ ଓ ବର୍ତ୍ତମାନ ରାଜାଙ୍କର ନାମ ଅସ୍କାର । ସୁଇଡେନ କୃଷିପ୍ରଧାନ ଏବଂ ନରୱେ ଶିଳ୍ପପ୍ରଧାନ ରାଜ୍ୟ ହେବାରୁ ଉଭୟ ମଧ୍ୟରେ ସ୍ୱାର୍ଥର ପ୍ରଭେଦ ଅଛି । ମାତ୍ର ଉଭୟ ରାଜ୍ୟର ସ୍ୱାର୍ଥ ସାଧନ ନିମନ୍ତେ ନାନା ଦେଶରେ ଏକ୨ ଜଣ କନସଲ ବା ଉକିଲ ଅଛନ୍ତି । କେତେକ କାର୍ଯ୍ୟ ଦେଖି ନରୱେବାସିଙ୍କର ଧାରଣା ହୋଇଅଛି ଯେ ସେହି ଉକିଲମାନେ ସୁଇଡେନୀୟଙ୍କ ପ୍ରତି ଯେମନ୍ତ ସେମାନଙ୍କ ପ୍ରତି ତେମନ୍ତ ମନୋଯୋଗୀ ନୁହନ୍ତି, ଏବଂ ଏହି କାରଣରୁ ସେମାନଙ୍କର ବାଣିଜ୍ୟରେ ଆଶାନୁରୂପ ଉନ୍ନତି ହେଉ ନାହିଁ । ଅତଏବ ନରୱେବାସିମାନେ ଏକମେଳ ହୋଇ ସୁଇଡେନର ଅଧୀନତା ଛାଡି ସ୍ୱରାଜ୍ୟରେ ପ୍ରଜାତନ୍ତ୍ର ପ୍ରଣାଳୀ ଘୋଷଣା କରି ଅଛନ୍ତି ଏବଂ ସୁଇଡେନ ରାଜାଙ୍କର ସମ୍ମାନ ରକ୍ଷାର୍ଥେ ତାହାଙ୍କର ବଂଶର ଏକଜଣଙ୍କୁ ସଭା-ପତି ମନୋନୀତ କରିବା କାରଣ ପ୍ରାର୍ଥନା କରି ଅଛନ୍ତି । ମାତ୍ର ଏ ପ୍ରସ୍ତାବରେ ରାଜା ସମ୍ମତ ହୋଇ ନାହାନ୍ତି ।

---

ଗତ ତା, ୧୭ ରିଖର ସମ୍ବଲପୁର ହିତୈଷିଣୀ-ରେ ଲେଖା ଅଛି କି "ଉକ୍ତପୂର୍ବରେ ବାମଣ୍ଡାର ପ୍ରଜାମାନେ ସରକାରୀ ଜଙ୍ଗଲରେ ଜମି ପ୍ରସ୍ତୁତ କରିବାକୁ ଇଚ୍ଛା କରୁଥିଲେ ପ୍ରଥମରେ ଶ୍ରୀ ରାଜସରକାରଙ୍କର ଅନୁମତି ନେବାକୁ ପଡୁଥିଲା ଏବଂ ପଡିଆ ଚଳାଇବା ସମୟରେ ଆଂଶିକ ରୂପେ କର ଦେବାକୁ ପଡୁଥିଲା, ସମ୍ପ୍ରତି ଶ୍ରୀମାନ୍ ମହାରାଜ ମହୋଦୟ ଗରିବ ପ୍ରଜାଙ୍କ ପ୍ରତି ସଦୟ ହୋଇ ଏହି ନିୟମ କରିଅଛନ୍ତି ଯେ ଏଣିକି ପ୍ରଜାମାନେ ବିନା ଅନୁମତିରେ ନୂତନ ଜମି ପ୍ରସ୍ତୁତ କରି ଆଗାମୀ ବନ୍ଦୋବସ୍ତ-ପର୍ଯ୍ୟନ୍ତ ନିଷ୍କର ଭୋଗ କରିବେ । ଏ ସମ୍ବାଦରେ ପ୍ରଜାମାନେ ଆନନ୍ଦସାଗରରେ ମଗ୍ନ ହୋଇ ମହାରାଜାଙ୍କ ଗୁଣ ଗାନ କରୁଅଛନ୍ତି" । ଆଗାମୀ ବନ୍ଦୋବସ୍ତର ମିଆଦ ଅଲ୍ପ କେତେବର୍ଷ ଅଛି ସହଯୋଗୀ ପ୍ରକାଶ କରିଥିଲେ ଭଲ ହୋଇ-ଥାନ୍ତା । ଯାହା ହେଉ କୃଷିବିସ୍ତାର ଓ ପତିତ ଜମି ଆବାଦର ଏହା ପ୍ରଶସ୍ତ ଉପାୟ ଅଟେ ଏବଂ ବାମଣ୍ଡାଧିପ ଏହା ଅବଲମ୍ବନଦ୍ୱାରା ଉତ୍ତମ ରାଜନୀତିର ପରିଚୟ ଦେଇଅଛନ୍ତି । ବୋଲିବା ବାହୁଲ୍ୟ ଯେ ଏହା ରାଜା ଓ ପ୍ରଜା ଉଭୟଙ୍କ ପକ୍ଷରେ ହିତକର ଅଟେ । ଆମ୍ଭେମାନେ ଆଶା କରୁଁ କି ଅନ୍ୟାନ୍ୟ ରାଜା ଓ ଜମିଦାରମାନେ ଏହି ନୀତିର ଅନୁସରଣ କରି ନିଜ୨ ରାଜ୍ୟର ଉନ୍ନତି ସାଧନ କରିବେ ।

---

ଉତ୍କଳ ସମ୍ମିଳନୀର କାର୍ଯ୍ୟ ନିର୍ବାହକ ସମିତିର ଗତ ଅଧିବେଶନର ବିବରଣ ଆମ୍ଭେ-ମାନେ ଦେଖି ନାହୁଁ । ପ୍ରଜାବନ୍ଧୁରୁ ଜାଣିଲୁ ଯେ ସମ୍ମିଳନୀର କାର୍ଯ୍ୟ ଶାଖା ସମିତିମାନଙ୍କୁ ଜଣାଇବା କାରଣ ଗୋଟିଏ ସମ୍ମିଳନୀ ପତ୍ରିକା ବାହାରିବାର ସ୍ଥିର ହୋଇଅଛି ଏବଂ ବାବୁ ସୁଦାମଚନ୍ଦ୍ର ନାୟକ ପ୍ରଭୃତି କେତେଜଣ ଯୋଗ୍ୟ ବ୍ୟକ୍ତି ତାହା ଲେଖାଲେଖିର ଭାର ନେଇ ଅଛନ୍ତି । ଶ୍ରୀଯୁକ୍ତ ମଧୁସୂଦନ ଦାସ ତହିଁର ବ୍ୟୟ ଯୋଗାଇବାକୁ ପ୍ରସ୍ତୁତ ଅଛନ୍ତି । ପ୍ରାକୃତରେ ଉତ୍କଳ ଖଣ୍ଡରେ ବର୍ତ୍ତମାନ ଅଠଖଣ୍ଡ ଉତ୍କଳ ସମ୍ବାଦପତ୍ର ଚାଲୁ ଅଛି । ଏବଂ ସେମାନେ ସମ୍ମିଳନୀର ଅନେକ ସମାଚାର ଏବଂ ବକ୍ତୃତା-ମାନ ବିନା ମୂଲ୍ୟରେ ପ୍ରଚାର କରୁଅଛନ୍ତି, ଏବଂ ବୋଧ କରୁଁ ଆଗ୍ରହ ସହିତ ପ୍ରକାଶ କରିବାକୁ ପ୍ରସ୍ତୁତ ଅଛନ୍ତି । ଅନ୍ତତଃ ସମିତିର ପ୍ରେରିତ କୌଣସି ସାଧାରଣ ଜ୍ଞାତବ୍ୟ ବିଷୟ ପ୍ରକାଶ କରିବାକୁ କେହି ନାସ୍ତ କରିବାର ଶୁଣି ନାହୁଁ । ଏପରି ସ୍ଥଳେ ସମ୍ମିଳନୀର ପ୍ରୟୋଜନ ଏତେ କି ବଢ଼ିଲା ଯେ ତହିଁପାଇଁ ଏତେ ଉତ୍କଳ ସମ୍ବାଦପତ୍ର କାଥଣ୍ଡ ହେଲା 'କିଛି ବୁଝିପାରୁ ନାହୁଁ । ପାଞ୍ଚଶତାଧିକ ଶାଖାସମିତି ମୂଲ୍ୟ ଦେଇ ଏ ପତ୍ରିକା ଗ୍ରହଣ କରିବେ ମନକୁ ଆସୁ ନାହିଁ ଏବଂ ବିନା ଖରଚରେ କାର୍ଯ୍ୟ ନିର୍ବାହ କରି-ବାର ଉପାୟ ଥିବା ସ୍ଥଳେ ବ୍ୟୟ କରିବା ମିତବ୍ୟୟିତାର ବିରୁଦ୍ଧ ଅଟେ । ବାସ୍ତବରେ ପ୍ରସ୍ତାବଟି ଛପା ବାଢ଼ି ପରି ଜଣା ଯାଉଅଛି ।

---

ଯାଜପୁରରୁ ସମ୍ବାଦ ପାଇଅଛୁଁ କି ପବ୍ଲିକ ୱାର୍କ ଇଲାକାର ସବଓଭରସିୟର ଅଫିସରଙ୍କ କୋଠିରେ ଡକାୟତି ହେବା ମାମଲାରେ ଚୁନି ସାମଲ ପ୍ରଭୃତି ଦଣ୍ଡ ପାଇଥିବାର ପାଠକମାନ-ଙ୍କର ସ୍ମରଣ ଅଛି । ଚୁନି ସାମଲ ଆଲିପୁର ଜେଲରେ ଥାଇ ଅଛି ଥାନା ଇଲାକା ଯଇନ୍ତ୍ରୀର ମୌଜାର ଡକାୟତି ଭାଗୀ ପାଞ୍ଚମାନଙ୍କ ସହିତ ନିଜ ବାଲେଶ୍ୱର କଟକ ମେଦନୀପୁର ଆଦି ଜିଲାମାନଙ୍କର ଅନେକ ଲୋକର ଘରେ ସିନ୍ଧି କାଟି ଚୋରି କରିଥିବାର ପ୍ରକାଶ କରିବାରୁ ତହିଁର ତଦନ୍ତ ନିମନ୍ତେ ଏକଜଣ ସବଡେପୁଟି ମାଜି-ଷ୍ଟ୍ରେଟ କଲିକତାରୁ ଚୁନି ସାମଲ କଏଦୀକୁ ସଙ୍ଗରେ ନେଇ ଆସି ଯାଜପୁର ସବଡିଭିଜନର ଅନେକ ସ୍ଥାନରେ ତଦନ୍ତ କରି ବୁଲୁଥିଲେ । ଗତ ତା ୨୭ ରିଖ ମଙ୍ଗଳବାର ରାତ୍ରିରେ ସବ-ଡେପୁଟି ବାବୁ ତାଙ୍କ ସମଭିବ୍ୟାହାରରେ କଲି-କତାରୁ ଆସିଥିବା ଦୁଇଜଣ ଅରଦଲୀ ଚପ-ରାସି ଓ ଉକ୍ତ ଚୁନି ସାମଲ କଏଦି, ଦଶରଥପୁର ଖରକାଶ୍ମି କୋଠିରେ ଥିଲେ ଏକଜଣ ଚପରାସି ଖାଦ୍ୟଦ୍ରବ୍ୟ ଆଣିବା ନିମନ୍ତେ ଦୋକାନକୁ ଗଲା ଅପର ଅରଦଲୀ ଚପରାସି ଚୁନି ସାମଲକୁ ଜଗି ବସିଥିଲା । ଚପରାସିକୁ ଅନ୍ୟମନସ୍କ ଦେଖି ଚୁନି ସାମଲ କଏଦି ପଳାଇ ଯାଇଅଛି । ସବଡେପୁଟି ବାବୁ ସରକାରୀ ପକ୍ଷରୁ ଉକ୍ତ ସମ୍ବାଦ ଏଠା ପୁଲିସଷ୍ଟେସନକୁ ପଠାଇଥିବାରୁ ପୁଲିସ ଇନ୍‌ସ୍ପେକ୍ଟର ଓ ସବ ଇନ୍‌ସ୍ପେକ୍ଟର ବାବୁମାନେ ଘଟଣାସ୍ଥଳକୁ ଯାଇଅଛନ୍ତି ।

Digitized by srujanika@gmail.com

ବାବୁ ଜଗନ୍ମୋହନ ଲାଲଙ୍କଠାରୁ ଅବଗତ ହେଲୁଁ ଯେ ତାଙ୍କ ଗାଡ଼ି ଗତ ସୋମବାର ପ୍ରାତଃକାଳରେ କଟକ ବସାରୁ ଯାଇ ଯୋବ୍ରା ଘାଟରେ ପହଞ୍ଚିବା ସମୟକୁ ନଦୀରେ ପାଣି ଆସିଥିଲା ମାତ୍ର ପଟୋଉନ ନଉକା ନ ଥିବାରୁ ଏ ଗାଡ଼ି ଓ ଅନ୍ୟ ଗୃହସ୍ଥଙ୍କ ଗାଡ଼ି ନଦୀ ପାର ହୋଇ ନ ପାରିଲା । ଇଜାରଦାର ସେ ଗାଡ଼ିବାଲାମାନଙ୍କୁ କହିଲା କି ଉପରେ ଗତ କାଲି ସହରେ ପାଣି ପଡ଼ିଲା ମାତ୍ରେ ପଟୋଉନ ଆଣିବା ସକାଶେ ମନୁଷ୍ୟ ପଠାଇଅଛି ଆଜି ସନ୍ଧ୍ୟାରେ ପହଞ୍ଚିଲେ କାଲି ସକାଳେ ନଦୀ ପାର ହେବ ଏହା କହି ଓ ଏଥିର ସୁହାସ୍ତି କୌଣସିଠାରେ ନ କରିବା କାରଣ କଟକ ବାବୁମାନଙ୍କୁ ଫେରାଇଦେଲା । ମଙ୍ଗଳବାର ସକାଳେ ତାଙ୍କ ଗାଡ଼ି ଘାଟକୁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଘାଟରେ ପଡ଼ିରହିଲା ମାତ୍ର ପଟୋଉନ ନ ପହଞ୍ଚିବାରୁ ଗାଡ଼ି ଫେରିଆସିଲା । ଏହି ପ୍ରକାରେ ମାହାଙ୍ଗାର ଓ ଅନ୍ୟ କେତେକ ଗାଡ଼ି ପାର ହୋଇ ନ ପାରି କଟକରେ ପଡ଼ିରହି ଗତ କାଲି ପାର ହେଲେ । ଅନ୍ୟ ଗୋଟିଏ ଗାଡ଼ି ମାହାଙ୍ଗାରୁ ଆସି ଗତ ସୋମବାର ସେପାରରେ ପହଞ୍ଚି ଅନେକକ୍ଷଣ ପଡ଼ିରହି ଉସାପଡ଼ା ଘାଟକୁ ଯାଇ ନଦୀ ପାରହୋଇ କଟକ ଆସିଲା । ଗତ ବୁଧବାର ପ୍ରାତଃକାଳେ ବାବୁ ଜଗନ୍ମୋହନ ଲାଲ ମ୍ୟୁନିସିପାଲିଟୀର ଚେଆରମେନ ମହୋଦୟଙ୍କଠାକୁ ଏ ବିଷୟର ପତ୍ର ଲେଖିବାରେ ସେ ତତ୍କ୍ଷଣାତ୍ ଓଭରସିୟରଠାକୁ ଉକ୍ତ ପତ୍ର ପଠାଇଦେଲେ । ତାଙ୍କ ଗାଡ଼ି ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ପାର ହୋଇ ନ ଥିଲା । ଇଜାରଦାରକୁ ଉଚିତ ଥିଲା କି ସେ ଜୁନ ମାସ ଶେଷ ସମୟକୁ ପଟୋଉନ ଆଣାଇ ରଖିଥାନ୍ତା ଏହିପରି ପ୍ରତି ବର୍ଷ ହୁଏ । ଏପରି ତ୍ରୁଟି ଓ ଅସୁବିଧା କୌଣସି ବର୍ଷ ହୋଇ ନ ଥିଲା । ଇଜାରଦାରର ବଡ଼ ତ୍ରୁଟି ହୋଇଅଛି ଏଣୁକରି ଅନେକ ଦୁଃଖୀ ଗାଡ଼ିବାଲାମାନେ ଅନର୍ଥକ ବନ୍ଦ ଓ ଖର୍ଚ୍ଚାନ୍ତ ହୋଇଅଛନ୍ତି । ଆମ୍ଭେମାନେ ଆଶା କରୁଁ ଯେ ଚେୟାରମେନ ମହୋଦୟ ଏଥିର ଉଚିତ ପ୍ରତୀକାର କରିବେ ।

---

ବଙ୍ଗ ଗବର୍ଣ୍ଣମେଣ୍ଟ ସରକାରୀ ସମ୍ବାଦ ପ୍ରଚାର କରିଅଛନ୍ତି କି ବଙ୍ଗ ପ୍ରଦେଶର କେବଳ ନିତାନ୍ତ ଅନୁନ୍ନତ ସ୍ଥାନମାନଙ୍କରେ ଯଥା ଖାଲ୍ୟାଲ, କନ୍ଧ ପ୍ରଭୃତିର ନିବାସ ଭୂମିଖଣ୍ଡରେ ପୁରୁଣା ଧାରାରେ ପ୍ରସ୍ତୁତ ହେବା ଦେଶୀ ମଦ ଆବଦ୍ଧ ରହିବ । ଅନ୍ୟ ସମସ୍ତ ସ୍ଥାନରେ ଉତ୍କୃଷ୍ଟ ଇଉରୋପୀୟ ପ୍ରଣାଳୀରେ ପ୍ରସ୍ତୁତ ହେଉଥିବା ବିଶୁଦ୍ଧ ଓ ସ୍ୱାସ୍ଥ୍ୟକର ଦେଶୀ ମଦ ପ୍ରଚଳିତ ହେବ । ଏ ପ୍ରଦେଶରେ ଗୁଡ଼ର ଛାଳ ପ୍ରସ୍ତୁତ କରିବା କାରଖାନା ଅନେକ ଅଛି ଏବଂ ଚିନି ପ୍ରସ୍ତୁତ କରିବାରେ ଯେଉଁ ଗାଦ ବାହାରେ ତହିଁରୁ ମଦ ପ୍ରସ୍ତୁତ କରିବା ଅତ୍ୟନ୍ତ ଓ ହାନିକର ଅଟେ । ପ୍ରଚଳିତ ଭାବରେ ଯେଉଁ ମଦ ପ୍ରସ୍ତୁତ ହେଉଅଛି ତାହା ଅପରିଷ୍କାର ଏବଂ ସ୍ୱାସ୍ଥ୍ୟ ପ୍ରତି ଅନିଷ୍ଟକର ଅଟେ । ଏପରି ମଦର ପ୍ରଶସ୍ତି ହେବା ଉଚିତ ନୁହେ । ଏହି ବିବେଚନାରେ ସରକାର ସେ ମଦ ଲୋପ କରି ବିଶୁଦ୍ଧ ଏବଂ ହିତକର ମଦ ଚଳାଇବା ପ୍ରତି ଯତ୍ନବାନ୍ ହୋଇଅଛନ୍ତି ଏବଂ ଯହିଁରେ ମଦର ଦୁର୍ଗୁଣ ହ୍ରାସ ହେବ ତହିଁ ପ୍ରତି ମଧ୍ୟ ମନୋଯୋଗୀ ହୋଇଅଛନ୍ତି । ସମସ୍ତ ବଙ୍ଗରେ ବାର୍ଷିକ ପ୍ରାୟ ୨୨ ଲକ୍ଷ ଗାଲନ (ଦୁଇଲକ୍ଷ ମହଣ) ଦେଶୀ ମଦ ଖରଚ ହୁଅଇ, ସୁତରାଂ ବ୍ୟବସାୟଟି ସାମାନ୍ୟ ନୁହେ । ଯେଉଁମାନେ ଉତ୍କୃଷ୍ଟ ମଦ ପ୍ରସ୍ତୁତ କରିବା ବ୍ୟବସାୟ ଅବଲମ୍ବନ କରିବେ ସେମାନଙ୍କର ଯଥେଷ୍ଟ ଲାଭ ହେବ । ମାନ୍ଦ୍ରାଜ ଓ ଯୁକ୍ତପ୍ରଦେଶମାନଙ୍କରେ ସେପରି ମଦ ପ୍ରସ୍ତୁତ ହେଉଅଛି ଏବଂ ବଙ୍ଗପ୍ରଦେଶରେ ମଧ୍ୟ ଥାଇ ପାରେ । ଗବର୍ଣ୍ଣମେଣ୍ଟ ଯୁକ୍ତପ୍ରଦେଶ ସାହାଜାହାନପୁର ଅନ୍ତର୍ଗତ ରୋସାଭାଟିର ମଦ ଓଡ଼ିଶା ଓ ମେଦନୀପୁରରେ ପରୀକ୍ଷାସ୍ୱରୂପ ଚଳାଇ ଭଲ ଫଳ ଦେଖିଅଛନ୍ତି । ଆସନ୍ତାବର୍ଷ ବର୍ତ୍ତମାନ ବଙ୍ଗର ସମସ୍ତ ସ୍ଥାନରେ ଏବଂ ଛୋଟନାଗପୁର ବିଭାଗରେ ସେହି ମଦ ଚଳାଇବେ । ଏକଜଣ ବ୍ୟବସାୟୀ ହସ୍ତରେ ଏ କାରବାର ରଖିବାର ଅଭିପ୍ରାୟ ଏହି କି ପ୍ରତିଯୋଗିତାରେ ଦର ଅସ୍ଥିର ହେବ ନାହିଁ ଏବଂ ଉତ୍କୃଷ୍ଟ ଦ୍ରବ୍ୟ ଯୋଗାଇବାରେ ଯତ୍ନ ରହିବ । ଭଲମଦ ପ୍ରସ୍ତୁତ କରି ଯୋଗାଇବା ବ୍ୟବସାୟ କେହି କରିବାକୁ ଇଚ୍ଛା କଲେ ତାହାକୁ ସମୁଚିତ ଉତ୍ସାହ ଦିଆଯିବ ।

---

କଲିକତା ଶିଳ୍ପ ଓ ବିଜ୍ଞାନ ସଭାରୁ ଆମେରିକା ଇଉରୋପ ଓ ଜାପାନକୁ ବିଜ୍ଞାନ ଶିକ୍ଷା ନିମନ୍ତେ ଅନେକଗୁଡ଼ିଏ ଛାତ୍ରଙ୍କୁ ଖର୍ଚ୍ଚ ବୃତ୍ତି ପ୍ରଦାନ କରିଯିବା ବିଷୟ ପାଠକମାନଙ୍କୁ ଯଥାସମୟେ ଜଣାଇଅଛୁଁ । ଉକ୍ତ ସଭା କର୍ତ୍ତୃକରୁ ଏକଜଣ ଛାତ୍ର ବାବୁ ମହେଶଚନ୍ଦ୍ର ରାୟଙ୍କୁ ଜାପାନକୁ ପଠାଇଅଛନ୍ତି । ଅନ୍ୟାନ୍ୟ ଛାତ୍ର ସହିତ ସେ ବର୍ତ୍ତମାନ ଜାପାନରେ ବାସ କରୁଅଛନ୍ତି । ରୁଷ ଓ ଜାପାନର ଘୋର ସଂଗ୍ରାମ କାଳରେ ସେମାନେ କିପରି ଭବନରେ ରହୁଅଛନ୍ତି ତାହା ପାଠକମାନେ ଜାଣିବାକୁ ଇଚ୍ଛା କରିବେ ଏହା ସ୍ୱାଭାବିକ । ମହେଶ ବାବୁଙ୍କ ନିକଟରୁ ଗତ ମଇମାସ ତା ୧୯ ରିଖ ଲିଖିତ ଏକଖଣ୍ଡ ଇଂରାଜୀ ପତ୍ର ପାଇଅଛୁଁ । ସାଧାରଣଙ୍କ ଗୋଚରାର୍ଥେ ସେଥିର ମର୍ମ ନିମ୍ନେ ପ୍ରକାଶ କଲୁଁ ।

"୨୯ ଦିନ ପର୍ଯ୍ୟନ୍ତ ଜଳଯାତ୍ରା କରି ଛଅଜଣ ସହାଧ୍ୟାୟୀ ସହ ଗତ ଅପ୍ରେଲ ମାସ ତା ୮ ରିଖରେ ୟୋକୋହାମା ନଗରରେ ପହୁଞ୍ଚି ତହିଁ ପର ଦିବସ ଟୋକିଓଠାରେ ପହଞ୍ଚିଲୁଁ । ସେଠାରେ ଗୋଟିଏ ଭାରତବାସିଙ୍କର ଛାତ୍ରାବାସ ଅଛି । ଇଣ୍ଡୋଜାପାନୀ ସଭାର ସେକ୍ରେଟରୀ ମିଃ ଜି, ଏନ୍, ପୋତଦାର ନାମକ ଏକଜଣ ମରହଟ୍ଟା ବ୍ରାହ୍ମଣ ନିବାସ କରନ୍ତି । ଉକ୍ତ ବାସସ୍ଥାନରେ ଯଥେଷ୍ଟ ସ୍ଥାନ ନ ଥିବାରୁ ଅର୍ଥାତ୍ ଜ ୮ ଣ ଭାରତୀୟ ସେଠାରେ ରହୁଥିବାରୁ ମିଃ ପୋତଦାର ଆମ୍ଭମାନଙ୍କ ନିମନ୍ତେ ତାଙ୍କ ଗୃହ ସମ୍ମୁଖରେ ଗୋଟିଏ ବସାଘର କରିଦେଇଅଛନ୍ତି । ଆମ୍ଭେମାନେ ସୁଖରେ ସେଠାରେ ବାସ କରୁଅଛୁଁ । ଆଗାମୀ ସେପ୍ଟେମ୍ବର ମାସରୁ କାର୍ଯ୍ୟ ଆରମ୍ଭ ହେବ । ବର୍ତ୍ତମାନ ଜାପାନଭାଷା ଶିଖୁଅଛୁଁ । ଜାପାନିମାନେ ଶୌଚାଙ୍ଗ, ଆକୃତିରେ କ୍ଷୁଦ୍ର, ସାଧୁ, ସୁଶୀଲ, ଗମ୍ଭୀର ଏବଂ ସତ୍ୟବାଦୀ । ସିଲ୍ଲଜଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ ମଇ ମାସ ତା ୭ ରିଖରେ ହୋଇଥିଲା । ଇଣ୍ଡୋଜାପାନୀ ସଭାର ସହକାରୀ ସଭାପତି ବେରନ କାଣ୍ଡ ଏମ୍, ଏ ସଭାପତିର ଆସନ ଗ୍ରହଣ କରିଥିଲେ । ସଭାର ସଭାପତି ମାରକ୍ୱିସ ନାଗାଷା ମଧ୍ୟ ଉପସ୍ଥିତ ଥିଲେ । ଜାପାନ, ଚୀନ, କୋରିଆ, ଶ୍ୟାମ, ଫିଲିପାଇନର ଓ କେତେକ ଭାରତ ଛାତ୍ର ଉପସ୍ଥିତ ଥିଲେ । ଆମ୍ଭମାନଙ୍କ ବାସସ୍ଥାନରେ ଏହି ଉତ୍ସବ ହୋଇଥିଲା । ମଇ ମାସ ହୋଇଥିଲେ ସୁଦ୍ଧା ଆମ୍ଭେମାନେ ଶୀତବସ୍ତ୍ର ବ୍ୟବହାର କରୁଅଛୁଁ । ଏଠା ଜଳବାୟୁ ଭଲ । ଯୁଦ୍ଧ ହେଲୁ ପ୍ରତି ଜିନିଷର ମୂଲ୍ୟ ବଢ଼ିଅଛି । ବାଲ୍ଟିକ ରଣତରୀ ଅତି ସନ୍ନିକଟ । ଏହା ବର୍ତ୍ତମାନ ଚୀନ ସମୁଦ୍ରର ଏମୟଠାରେ ଅଛି ।

ଏ ପତ୍ର ପହଞ୍ଚିବା ପୂର୍ବରୁ ବଡ଼ ଜଳଯୁଦ୍ଧ ବିଷୟ ଶୁଣା ହୋଇଥିବ ।" ପତ୍ରଟି ମଇ ମାସ ତା ୧୯ ରିଖରେ ଜାପାନରୁ ପଠା ହୋଇଥିଲେହେଁ ଜୁନ ମାସ ତା ୧୯ ରିଖରେ ଆମ୍ଭମାନଙ୍କ ହସ୍ତଗତ ହୋଇଥିଲା । ଏଣୁ ଏ ପତ୍ର ଆସିବାକୁ ପ୍ରାୟ ଏକମାସ ଲାଗିଅଛି ।

---

## ଭୂମିକମ୍ପ ସାହାଯ୍ୟ ।

ପଞ୍ଜାବ ପ୍ରଦେଶ କାଙ୍ଗ୍ଡା ଜିଲ୍ଲାର ଭୂମିକମ୍ପ ପୀଡ଼ିତ ଲୋକଙ୍କର ସାହାଯ୍ୟାର୍ଥେ ଏ ଜିଲ୍ଲାର ସହରରେ ଯେଉଁ ଟଙ୍କା ଚେନ୍ଦା ଆଦାୟ ହୋଇଥିଲା ତହିଁର ତାଲିକା ଗତ ସପ୍ତାହରେ ପ୍ରକାଶ କରିଥିଲୁଁ । ତହିଁ ଉତ୍ତାରୁ

Split by PDF Splitter
Digitized by srujanika@gmail.com

ଆଦାୟ ହୋଇଥିବା ଚାନ୍ଦାର ତାଲିକା ନିମ୍ନେ ପ୍ରକାଶ କଲୁଁ ଯଥା :—

| | |
|---|---|
| ଲୁକଙ୍ଗର ମାନେଜର | ଟ ୫୫ |
| ନେନ୍ଦ୍ର ପଣ୍ଡା ସବଡିପୁଟିକଲେକ୍ଟରଙ୍କ | ଟ ୨୪୧।୰ |
| ଜୁଜନଗୀଡ଼ ସାଧାରଣ ସଭାଦ୍ୱାରା | |
| ଆଦାୟ (ଗ-ପ୍ରକାଶିତ ଉପରେ) | ଟ ୨୫ । |
| ବାବୁ ଦୁର୍ଗାପ୍ରସନ୍ନ ଦାସ ଉକିଲ | ଟ ୫ |
| „ ବୈକୁଣ୍ଠନାଥ ଦତ୍ତ „ | ଟ ୧୫ |
| „ ପାର୍ବତୀଚରଣ ଚକ୍ରବର୍ତ୍ତୀ „ | ଟ ୪ |
| „ ବିଶ୍ୱନାଥ ସିଂହ „ | ଟ ୫ |
| „ ଜାନକୀନାଥ ଘୋଷ „ | ଟ ୧୫ |
| ପ୍ରତ୍ୟେକ ଟଙ୍କାରୁ ନ୍ୟୂନ କର୍ଷଣ | ଟ ୩୧ |
| ଶୁଣିଲୁଁ ରାସ୍ତ ହରବଲ୍ଲଭ ବୋଷ ବାହାଦୁର | ଟ ୫୦୦୯ଙ୍କ |

ଲେଖା ପରବାହାରେ ପଠାଇ ଦେଇ ଅଛନ୍ତି ଏବଂ ଏଠାରେ ଆଉ କେତେ ଅଦାୟ ହେଉଅଛି । ଯାହା ହେଉ ଏଠାରୁ ମୋଟରେ ଟ ୧୫୦୦୯ ଙ୍କାରୁ ଅଧିକ ଚାନ୍ଦା ଆଦାୟ ହେବା ଦୁଃଖର ବିଷୟ ଅଟେ ।

## ରୁଷ୍ୟାରେ ଅଶାନ୍ତି ।

ରୁଷିୟାର ବିଦ୍ରୋହ ଅବଧି ଶାନ୍ତ ହୋଇ ନାହିଁ । ଓଡ଼େସା ଏବଂ ଲଜଠାରେ ବିଦ୍ରୋହୀ ଏବଂ ସେନାଙ୍କ ମଧ୍ୟରେ ଯୁଦ୍ଧ ଲାଗିଅଛି । ବିପ-ହାଶଙ୍କାରେ ୯୬ ହଜାର ଲୋକ ଲଜଠାରୁ ପଳାଇଗଲେ । ସେ ସମୟରେ ରେଲଗାଡ଼ିରେ ବିଶେଷ ଭିଡ଼ ହୋଇଥିଲା । ବିଦ୍ରୋହୀମାନଙ୍କ-ମଧ୍ୟରୁ ନ ୫୬୧ ଜଣ ମୃତ ଦେହ ପୋତା ହୋଇଥିଲା । ଲଜଠାରୁ ପରେ ୬୦ ହଜାର ୟିହୁଦୀ ପଳାୟନ କରିଥିବାର ପ୍ରକାଶ । ସେହିପରି ଓଡ଼େସାଠାରେ ତାସି ହୋଇ ଗତ ମାସ ତା ୨୭ ରଖ ରାତ୍ରରେ ନ ୨୭୬ ଜଣ ଧରା ହୋଇ ବନ୍ଦୀଶାଳରେ ପଡ଼ିଅଛନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ୟିହୁଦୀ । ଓଡ଼େସାର ଜେଲ-ଖାନାମାନ କଏଦୀରେ ପୂର୍ଣ୍ଣ ହୋଇଯାଉଅଛି । ଓଡ଼େସାର ବିଦ୍ରୋହ ଅତ୍ୟନ୍ତ ଭୟଙ୍କର ମୂର୍ତ୍ତି ଧରିଅଛି ଏବଂ ଶତ ଶତ ଲୋକ ଗୁଳିଦ୍ୱାରା ହତ ହୋଇଅଛନ୍ତି । ବିଦ୍ରୋହୀମାନେ ଗୋଦାମ ଘରମାନଙ୍କୁ ଦ୍ରବ୍ୟାଦି ଲୁଟି ନେଇ ପୋଡ଼ି ଦେଇଅଛନ୍ତି । ସେ ହେତୁ ଗତ ମାସ ତା ୨୯ ରଖ ନଗର ସମୁଦାୟ ନଗର ଧୂମାଚ୍ଛନ୍ନ ହୋଇଥିଲା । ସେଠା ଲୋକେ ଦୋକାନ ବନ୍ଦ କରି ପଳାଉଅଛନ୍ତି । ସୁତରାଂ ବ୍ୟବସାୟ ବନ୍ଦ ହୋଇ ଯାଇଅଛି । ସେଠା ଷ୍ଟେସନ ଘର ମଧ୍ୟ ପୋଡ଼ି ଯାଇଅଛି । ଗୋଟିଏ ଯୁଦ୍ଧ ଜାହାଜ ବିଦ୍ରୋହୀଙ୍କ ସଙ୍ଗେ ଯୋଗ ଦେଇଥିବାରୁ ତାକୁ ବୁଡ଼ାଇ ଦେବା କାରଣ କେତେଗୁଡ଼ିଏ ଜାହାଜ ସିବାଷ୍ଟୋପୋଲଠାରୁ ଯାତ୍ରା କରିଅଛି । ବିଦ୍ରୋହୀମାନେ ଗୋ ୯ ଟି ଜାହାଜ ପୋଡ଼ିଦେଇଅଛନ୍ତି । କନଷ୍ଟାଣ୍ଟଠାରେ ନୌସେନା ବିଦ୍ରୋହୀ ହୋଇ-ଅଛନ୍ତି ଏବଂ ନାବିକମାନେ ନେତେ କର୍ମଚାରୀଙ୍କ ପ୍ରତି ପଥର ଟେଳା ପକାଇଥିଲେ । ରୁଷିୟାର ସମ୍ରାଟ ବର୍ତ୍ତମାନ୍ ପିଟେର ହୋଫଠାରେ ଅଛନ୍ତି ଏବଂ ସେଠାର ସେନା ଦ୍ୱିଗୁଣିତ ହୋଇଅଛି । ଏଥିରୁ ପାଠକମାନେ ଦେଖିବେ ଯେ ଅନ୍ୟାୟ କାର୍ଯ୍ୟ ହେତୁ ରୁଷିୟା ଜାପାନ ସହିତ ଯୁଦ୍ଧରେ ପରାଜିତ ହୋଇ ବର୍ତ୍ତମାନ୍ ଅନ୍ତର୍ବିବାଦାଗ୍ନିରେ ପୋଡ଼ି ଯାଉଅଛି । ସମ୍ରାଟ ଆପଣାର ଅଧିକାର ଲାଘବ କରିବା କିମ୍ବା ପ୍ରଜାଙ୍କୁ ଅଧିକ ଅଧିକାର ଦେବାକୁ ପ୍ରସ୍ତୁତ ନୁହନ୍ତି । ଜେମ୍ସଟଉନଠାରେ ଯେଉଁ ମହା ଜାତୀୟ ସଭା ହୋଇଥିଲା ସେଥିରେ ପ୍ରସ୍ତୁତ ହୋଇଥିବା ଆବେଦନପତ୍ର ପ୍ରକାଶ କରିବା ହେତୁ ରସ ନାମକ ସମ୍ବାଦପତ୍ର ସମ୍ରାଟଙ୍କ କର୍ତ୍ତୃକ ସସପେଣ୍ଡ ହୋଇଅଛି ।

## ଗମନାଗମନ

ଯାଜପୁର ସହରର ବୈତରଣୀନଦୀର ଦଶାଶ୍ୱମେଧ ଘାଟ ଏବଂ ଗୟା ନାଭି ତୀର୍ଥମାନ ଯାଜ-ପୁର ରୋଡ଼ ଷ୍ଟେସନଠାରୁ ମା ୧୪ ମାଇଲ ବାଟ ଏବଂ ସେହି ବାଟ ସୁଗମ ନୁହେ ବା ଯାନ ବାହାନାଦିର ସୁବ୍ୟବସ୍ଥା ନାହିଁ । ନଦୀ ନାଳ ଘାଟ ଇତ୍ୟାଦିର ପ୍ରତିବନ୍ଧକତା ହେତୁ ସୁସାଧ୍ୟ ବାଟ ସହଜରେ ନିର୍ମାଣ ହେବାର ମଧ୍ୟ ଶୀଘ୍ର ଆଶା ଦେଖାଯାଉ ନାହିଁ । ଏହି କଷ୍ଟ ହେତୁ ଅନେକ ଯାତ୍ରୀ ଯାଜପୁର ତୀର୍ଥ କରିବାର ଇଚ୍ଛା ଥିଲେ ସୁଦ୍ଧା ତହିଁରୁ ବଞ୍ଚିତ ହୁଅନ୍ତି ଏବଂ ତହିଁରେ ଯାଜପୁରର ପଣ୍ଡାମାନଙ୍କର ଅନେକ କ୍ଷତି ହେଉଅଛି । ଏହି ଯନ୍ତ୍ରଣାରୁ ପ୍ରତୀକାର ଆଶାରେ କେତେକ ପଣ୍ଡା ବୈତରଣୀ ନଦୀତଟ-ରେ ଥିବା ଗନ୍ଧାରସ୍ୱାମୀଙ୍କ ଘାଟକୁ ସମରାଣ୍ଟ ନାମରେ ବିଖ୍ୟାତ କରି ସେଠାରେ ଏକ ମହାଦେବ ସ୍ଥାପନ ପୂର୍ବକ ପ୍ରଚାର କରୁଅଛନ୍ତି କି ସେହି ସମନାଟରେ ସ୍ନାନତର୍ପଣାଦି କଲେ ଦଶାଶ୍ୱମେଧ ଘାଟ ଓ ଗୟାନାଭିର ଫଳ ପ୍ରାପ୍ତ ହେବ । ଗନ୍ଧାରସ୍ୱା ରେଲଷ୍ଟେସନଠାରୁ ମା ୩ ମାଇଲ ଅନ୍ତର ଏବଂ ବାଟମଧ୍ୟ ସୁଗମ । ପଣ୍ଡା ଓ ସେମାନଙ୍କର କୁମାସ୍ତାମାନେ ଏହି ସୁବିଧା ବୁଝାଇଦେଇ ଅନେକ ଯାତ୍ରିକୁ ସମ-ନାଟକୁ ଟାଣି ଆଣୁଅଛନ୍ତି ଏବଂ ସେମାନେ ସେଠାରେ ତୀର୍ଥ କାର୍ଯ୍ୟ ସାରି ତୃପ୍ତିଲାଭ କରି ଯାଉଅଛନ୍ତି । ଅପର ପଣ୍ଡାମାନେ ନିଜସ୍ୱାର୍ଥର ହାନି ଦେଖି ନୂତନ ଘାଟର ପଣ୍ଡାମାନେ ଯାତ୍ରିଙ୍କୁ ଠକାଇବାର ଅଭିଯୋଗରେ ସେମାନ-ଙ୍କ ପ୍ରତି ଜବରଦସ୍ତ ପ୍ରଭୃତ ଜମିନ୍ଦାର ସବଡିଭି-ଜନ ମାଜିଷ୍ଟ୍ରେଟଙ୍କ ନିକଟରେ ଦରଖାସ୍ତ କରି-ଥିଲେ । ମାଜିଷ୍ଟ୍ରେଟ ମହୋଦୟ ନୂତନଘାଟର ପଣ୍ଡାମାନଙ୍କୁ ସାବଧାନ ହେବା କାରଣ ବୁଝାଇ ଦେଲେ ଏବଂ ଦରଖାସ୍ତକାରୀଙ୍କୁ ଆଦେଶ ଦେଲେ ଯେ ଯାତ୍ରିମାନେ ବଞ୍ଚିତ ହେବାର ନାଲିସ କଲେ କିମ୍ବା ତହିଁର ବିଚାର ହେବ । ଯାତ୍ରିମାନେ ବାହାର ଲୋକ । ସେମାନେ ବଞ୍ଚିତ ହୋଇ କାହିଁକି ଅବା ନାଲିସ କରିବେ ? ସୁତରାଂ ସମନାଟରେ ବାଧା ଜନ୍ମାଇ-ବାର ଚେଷ୍ଟା ସଫଳ ହୋଇ ନାହିଁ । ଆଉ ସଫଳ ହେବ ଅବା କିପରି ? ଯାତ୍ରିଙ୍କର ମନ ମାନିଲେ ସେମାନେ ସମନାଟରେ କାର୍ଯ୍ୟ ସାରି ଚାଲିଯାଉଥିବେ । ତହିଁରେ ବାଧା ଦେବାର କାହାର ଆଇନସଙ୍ଗତ ଅଧିକାର ନାହିଁ ଓ ହୋଇ ନ ପାରେ । ଯେଉଁ ପଣ୍ଡାମାନଙ୍କର କ୍ଷତି ହେଉଅଛି ଅଥବା ହେବାର ସମ୍ଭାବନା ଅଛି ସେମାନେ ଯାତ୍ରିମାନଙ୍କୁ ପ୍ରକୃତ ତୀର୍ଥର ମାହାତ୍ମ୍ୟ ଏବଂ କଳ୍ପିତ ତୀର୍ଥର ଅସାରତା ବୁଝାଇ ଯାଜ-ପୁର ସହରକୁ ଟାଣି ନେବାର ଚେଷ୍ଟା କରନ୍ତୁ ଏବଂ ଯାଜପୁରକୁ ଯିବାର ବାଟ ସୁଗମ କରନ୍ତୁ । ରେଲଷ୍ଟେସନଠାରୁ ବୁଢ଼ିଖୁଣ୍ଟ ପର୍ଯ୍ୟନ୍ତ ଭଲ ବାଟ-ଅଛି । ସେଠାରୁ କେନାଲରେ ଯଦି ନୌକା ଯାତାୟାତର ବନ୍ଦୋବସ୍ତ କଲେ ଯାତ୍ରିମାନ-ଙ୍କର ଯାଜପୁର ସହରକୁ ଯିବାର ସୁବିଧା ହେବ । ପଣ୍ଡାମାନଙ୍କର ଏ ବିଷୟରେ ଯତ୍ନବାନ୍ ହେବା ଉଚିତ ।

## ଓଡ଼ିଶାରୁ କଟକ ମେଡ଼ିକେଲସ୍କୁଲ ।

ପ୍ରାୟ ୩୦ ବର୍ଷ ହେବ ଏହି କଟକ ନଗର-ରେ ମେଡ଼ିକେଲସ୍କୁଲ ସ୍ଥାପିତ ହୋଇଅଛି । ଏହା ଉତ୍କଳବନ୍ଧୁ ଓଡ଼ିଶାର ପୂର୍ବତନ କମିଶନର ରେଭେନସା ସାହେବଙ୍କର ଅନ୍ୟ ଗୋଟିଏ କୀର୍ତ୍ତି ଏବଂ ସିଭିଲ ସର୍ଜନ ଡାକ୍ତର ଷ୍ଟୁଆର୍ଟ ସାହେବ-ଙ୍କର ଯତ୍ନର ଧନ । ଏହି ସ୍କୁଲରୁ ଅନେକଗୁଡ଼ିଏ ଉତ୍କଳୀୟ ଯୁବକ ଡାକ୍ତରୀ ଶିକ୍ଷା କରି ଦେଶ ବିଦେଶରେ ହସପିଟାଲ ଆସିଷ୍ଟାଣ୍ଟ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ଏବଂ ଓଡ଼ିଆ ପର ଅଧୀନ ଦେଶରେ ଇଂରାଜୀ ଚିକିତ୍ସାର ଆଦର ବଢ଼ାଉଅଛନ୍ତି ଅତଏବ ଓଡ଼ିଶାରେ ଡାକ୍ତରୀ ଶିକ୍ଷାର ବିସ୍ତାର ହେବା ଏକାନ୍ତ ବାଞ୍ଛନୀୟ ଏବଂ ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଯେପରି ଉତ୍କଳୀୟ ଯୁବକମାନେ ଅଧିକ ପରିମାଣରେ ଏହି ସ୍କୁଲରେ ଭର୍ତ୍ତି ହୋଇ ପାରିବେ ସ୍କୁଲର ଅଧ କର୍ତ୍ତାମାନେ ସେପରି ବିଧାନ କରି

Digitized by srujanika@gmail.com